# ଉତ୍କଳ ଗୌରବ
# Utkal Gauraba

## *2013*

*Language*
*Odia & English*

*Cover Design by : Mr. Satish Suman Behera*
*Email : satishsumanbehera@gmail.com*
*Mobile : 0-9894855024*

Editorial Board

Bijay Mohanty

Sandipta Rout

Prakash Ch Prusty

Priyadarshini Mohanty

Sanjaya Bal

Published by
ORIYA CULTURAL & WELFARE ASSOCIATION
Registration No. : S-54118 of 2005
BD-11, Janakapuri, New Delhi-110058
**e-mail** : info@ocwa.in, ocwa@rediffmail.com
**website** : www.ocwa.in

**Odia DTP** : Bhengragraphics, Jagda (Nr. Petrol Pump), Rourkela - 769042, Ph. : 9437153431
**Printed by** : Printografix, 27/ 14, C.S.M., Janakpuri, New Delhi - 110 058

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃ ଭାଷା।"
(ସ୍ୱଭାବ କବି ଗଙ୍ଗାଧର ମେହେର)

**Oriya Cultural and Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under the 'Societies Registration Act, 1860", dedicated to the pursuit of excellence in the promotion and propagation of Odia culture in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

**Our Misson:**

To preserve, perpetuate and promote the odia culture and communities with a mission statement-

***"Eka mana, Eka Prana***
***Eka Pranta, Eka Chinha,***
***Which means getting Odiyas together"***

**Our Vision :**

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.



## Activities Undertaken

The forum is very active throughout the year with various kind of activities which bring together Odias from all aspects of life. Some of the activities undertaken are:

- Celebrating Sri Ganesh Puja on Ganesh Chaturthi. We (OCWA) host a gathering of large number of people and serve ethnic odia culinary to all invitees, participants and members every year.
- Publishing "Utkal Gauraba", an odia magazine from New Delhi. What best could be to promote the Odia language other than to publish and distribute the magazine to all members and non-members.
- Blood Donation Camps are organized every year in association with Indian Red Cross Society.
- Health Camps are also organized time and again to spread the awareness amongst the people.
- OCWA does not lack behind in contributing towards the upliftment of the children of lower income group Odia people in Delhi. Time and again, we distribute study materials to needy children.
- OCWA organizes picnics and get-together on the occasion of Odia festivals to strengthen the bond amongst the associated family members.

## Forthcoming Objective :

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the odia lingo.

With this noble thought in mind and zeal at heart, the OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and Odia newspaper to all strata of the Odia fraternity.

# CONTENTS ସୂଚୀପତ୍ର


Activities Undertaken ........ 2
Messages ........ 4
ସଭାପତିଙ୍କ କଲମରୁ ........ ୭
ସଂପାଦକୀୟ ........ ୮
Executive Body ........ 9
Members ........ 10
Letter form Indian Red Cross Society ........ 11
List of Blood Donors ........ 12
Sponsors/Donors for Sri Ganesha Mahotsava ........ 55
Membership Form ........ 87


## କବିତା


ଓଡ଼ିଶାବାସୀ ମୁଁ - ଓଡ଼ିଆଭାଷୀ ମୁଁ ........ ୧୩
ଉଷ୍ମତା ... ........ ୧୪
ବୟସ୍କ ପୁତ୍ର ପାଇଁ ଏକ କବିତା ........ ୧୪
ପ୍ରମୁକ୍ତ ସୂର୍ଯ୍ୟ ........ ୧୫
ଭାରତ..... ........ ୧୬
ବାଞ୍ଛନା ମଣିଷକୁ ........ ୧୭
ମଲାଟ .... ........ ୧୭
କୃଷ୍ଣଲୀଳାମୃତ ........ ୧୮
ବୋହିପଦେ ଦେଶ ପ୍ରେମ ........ ୧୯
ତିନୋଟି କବିତା ........ ୨୦
ଆମ ଅଫିସି ........ ୨୧
ମେଘ ... ........ ୨୨
ଭଲ ପାଇବାର ମାନେ ........ ୨୨
ପ୍ରଜାପତି ସହ ବଧୂ ........ ୨୨
ତୁମେ କଥା ଦେଇଛ ବୋଲି ........ ୨୨
ସରକାରୀ ପଢ଼ା ........ ୨୩
ଗୁପ୍ତ କଥା.. ........ ୨୪
ପରିଚୟ... ........ ୨୪
ଅମାବାସ୍ୟା ........ ୨୪


## ଗଳ୍ପ/ପ୍ରବନ୍ଧ


ଛାଡ଼ପତ୍ର .. ........ ୨୫
ଓଡ଼ିଆ ଜାତିର ମାନସିକ ଦାରିଦ୍ର୍ୟ ହିଁ ସବୁଠୁଁ ବଡ଼ ବ୍ୟାଧି ........ ୩୨
ତିରଙ୍ଗା...!!! ........ ୩୪
ଦସ୍ତଖତ . ........ ୩୮
ଧର୍ମଯୁଦ୍ଧର ପଳାତକ ........ ୩୯
ନ୍ୟୁୟର୍କ ଡାଏରୀ ........ ୪୨
ଶୂନ୍ୟଗର୍ଭା ଧରିତ୍ରୀ ........ ୪୫
ପୁତ୍ରମୋହ ........ ୪୭
ଭଙ୍ଗା ବେହେଲା ........ ୫୦


## Photographs


Ganesh Puja ........ 59
Chhadkhai Picnic ........ 66
Annual Get-Together ........ 68
Blood Donation & Health Camp ........ 69


## English Articles


Short biography of Fakir Mohan Senapati ........ 77
Swabhabkabi Gangadhar Meher ........ 78
Freedom movement in Orissa ........ 79
Ocia Literature ........ 81
Me and Cuckoo ........ 83


## Advertisements


Berry Cotts Pvt. Ltd. ........ 20
SKC Fabric Impex Pvt. Ltd. ........ 31
Thread Point ........ 31
KRF Ltd. ........ 41
Shyn Industries ........ 41
Aj-Deep Services ........ 44
Dynamic Hydrofab ........ 46
Blue Coast Hotels Ltd. ........ 49
Indo Rama Synthetics (I) Ltd. ........ 52
Gonsai Logistics Pvt. Ltd. ........ 53
K.C.Astir & Co.Pvt.Ltd. ........ 53
B.D.Yarn Pvt.Ltd. ........ 54
Maya Textiles ........ 55
TSR Cargo Private Limited ........ 56
M/s P K Pradhan & Co. ........ 56
Kingsmen Fairtech Interiors (P) Ltd. ........ 56
Creation Infoways Pvt.Ltd. ........ 56
Pritam Pura Express ........ 57
EssAar Industries ........ 57
Visual Soft Solutions ........ 57
Sash Global Logistic Pvt.Ltd. ........ 57
Rastogi Enterprises ........ 58
Astra International ........ 58
Three Aces Global Logistics Pvt.Ltd. ........ 58
Bombay Beads Centre ........ 58
Expo Freight Private Limited ........ 71
Wen-Parker Logistics(India) Pvt.Ltd. ........ 71
Simran Holidays Pvt.Ltd. ........ 72
Projects & Development India Ltd. ........ 72
Royal Express Services ........ 73
LS Courier & Cargo ........ 73
Bhagawati Traders ........ 73
Wellness by Nature ........ 74
KSM Hotel Connections India Pvt.Ltd. ........ 75
Budget Courier ........ 75
Am sb Infra Pvt.Ltd ........ 76
Lows Trans Travel Pvt. Ltd. ........ 77
Goel Tripathy & Co. ........ 78
Ridha Group ........ 80
Pearl Global Industries Ltd. ........ 82
Jaish Holidays ........ 83
NTPC-SAIL Power Co. (P) Ltd. ........ 84
Gurgaon Express ........ 84
National Courier Services ........ 85
Om Namah Shivay Service ........ 85
Seagate Logistics Transportation Pvt.Ltd. ........ 86
Saini Enterprises ........ 88
Speed King Services ........ 88



ORISSA ESTATE

**Murlidhar C. Bhandare**
Governor, Odisha

Telephone {91-674-2536111
91-674-2536222

Fax {91-674-2536582

E-mail : govodisha@nic.in
Website : www.rajbhavanodihsa.gov.in

RAJBHAVAN
BHUBANESWAR-751008

February 11, 2013

## MESSAGE

I am glad to know that Oriya Cultural & Welfare Association (OCWA), New Delhi is bringing out the 7th edition of its souvenir "Utkal Gauraba" shortly.

Culturally, Odisha is undoubtedly the most vibrant state in the country. Odia organizations working outside Odisha are instrumental in letting people know the beauty and splendour of the state. It is heartening that OCWA has been involved in promoting art and culture of Odisha and also engaged in various charitable activities and its Ganesh Chaturhi celebrations for last 20 years has been given Odias much to rejoice with festive spirit and further strengthen relations among each other. I am sure it will continue its good work in days ahead playing its role with perfection.

I wish the seminar and publication all success.

(Murlidhar C. Bhandare)



**NAVEEN PATNAIK**
**CHIEF MINISTER, ORISSA**

ORISSA ESTATE

Telephone (0674) : 2531100 (Off.)
(0674) : 2591099 (Res.)
Fax (0674) : 2535100 (Off.)
(0674) : 2590833 (Res.)

E-mail : cmo@ori.nic.in

D.O. No. : 1653
BHUBANESWAR
Date : 03-11-2012

## MESSAGE

I am glad to know that Oriya Cultural & Welfare Association, New Delhi is going to bring out the 7th edition of its souvenir "Utkal Gauraba" shortly.

I convey my best wishes to all the members of the Association and wish the publication all success.

(NAVEEN PATNAIK)



**Sheila Dikshit**
**Chief Minister**

Govt. of National Capital Territory of Delhi
Delhi Secretariat, I.P. Estate
New Delhi-110113
Phone : 23392020, 23392030
Fax : 23392111

D.O. No. : OSDCMI/139
Dated : 11/04/2013

## MESSAGE

It gives me immense pleasure to know that Oriya Cultural & Welfare Association is bringing out the 7th edition of its souvenir "Utkal Gauraba".

The efforts made by the Association in inculcating Odiya culture & tradition amongst the Odiya persons living in the Capital are praiseworthy. I am sure that the Association would continue to strive hard to achieve its aims & objects with same mission and zeal.

I extend my best wishes for the sucess of the Association and its forthcoming publication all sucess.

(Sheila Dikshit)

## ସଭାପତିଙ୍କ କଲମରୁ



ପ୍ରିୟ ବନ୍ଧୁଗଣ,

'ଉତ୍କଳ ଗୌରବ'ର ସପ୍ତମ ସଂସ୍କରଣର ପ୍ରକାଶନ ଆମ ପାଇଁ ଏକ ଗୌରବର ବିଷୟ। ମୁଁ ଏହି ଅବସରରେ OCWA ପରିବାରର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଯେଉଁ ଲେଖକ, ଲେଖିକାମାନଙ୍କର ରଚନାବଳି ଏହି ସଂସ୍କରଣକୁ ପ୍ରଜ୍ୱଳିତ କରିଛି, ଆମେ ସେମାନଙ୍କ ନିକଟରେ ଚିର କୃତଜ୍ଞ। ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ସ୍ଥିତି ଓ ଅବସ୍ଥିତିକୁ ବଞ୍ଚାଇ ରଖିବାର ସମୟ ଆସି ପହଞ୍ଚିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁ ଯୁବ ସାହିତ୍ୟିକମାନେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଚଳାଇଛନ୍ତି, ସେମାନେ ପ୍ରକୃତରେ ଧନ୍ୟବାଦର ପାତ୍ର।

ନିଜ ମାତୃଭାଷାର ପ୍ରଚାର ଓ ପ୍ରସାର ପାଇଁ ଆମ ଅନୁଷ୍ଠାନ ଯେଉଁ ପ୍ରଚେଷ୍ଟା ଚଳାଇ ଆସୁଅଛି, ଆମ ମୁଖପତ୍ରର କ୍ରମାଗତ ସଂସ୍କରଣ ଏହାର ଏକ ଜ୍ୱଳନ୍ତ ଉଦାହରଣ। 'ଉତ୍କଳ ଗୌରବ'ର ଷଷ୍ଠ ସଂସ୍କରଣ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଓ ଓଡ଼ିଶାରେ ମଧ୍ୟ ବେଶ୍ ଆଦୃତ ହୋଇପାରିଛି। ଆଶା କରେ ଆମ ପତ୍ରିକାର ସପ୍ତମ ସଂସ୍କରଣ ମଧ୍ୟ ଆପଣମାନଙ୍କ ଦ୍ୱାରା ନିଶ୍ଚିତ ଭାବେ ଗ୍ରହଣୀୟ ହେବ।

ଭାରତର ରାଜଧାନୀରେ ଓଡ଼ିଆ ଶିକ୍ଷାରୁ ବଞ୍ଚିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଅବକାଶ ସମୟରେ ଓଡ଼ିଆ ଭାଷାର ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ଆମ ଅନୁଷ୍ଠାନ ଉଦ୍ୟମ କରିଆସୁଅଛି। ଏଥିପାଇଁ ଆମ ଅନୁଷ୍ଠାନ ନିଜସ୍ୱ ଭବନର ସ୍ଥାପନା ପାଇଁ ଚେଷ୍ଟା ଚଳାଇ ଆସୁଛି। ଯାହା ଫଳରେ ଏହି ମହତ୍ କାର୍ଯ୍ୟକୁ ପ୍ରକୃତ ରୂପ ଦେବା ସହ ଏକ ସାଂସ୍କୃତିକ କେନ୍ଦ୍ରର ପ୍ରତିଷ୍ଠା କରାଯାଇପାରିବ। ଆମର ଏହି ଲକ୍ଷ୍ୟ ଏ ପର୍ଯ୍ୟନ୍ତ ଅପୂରଣୀୟ ରହିଛି। ଏହି ମହତ୍ କାର୍ଯ୍ୟ ପାଇଁ ଆପଣମାନଙ୍କର ସାହାଯ୍ୟ ଓ ସହଯୋଗର କାମନା କରୁଛୁ। ଆପଣମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାଶି ଉପରେ ଆୟକର ଛାଡ଼ ପାଇଁ ବ୍ୟବସ୍ଥା ରହିଛି।

ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରାଯାଇଥିଲା। ଗଣେଶ ପୂଜା ମଧ୍ୟ ବିଧିବଦ୍ଧ ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ଓଡ଼ିଶୀ ନୃତ୍ୟ ସହ ଓଡ଼ିଆ ଭୋଜିର ସମସ୍ତ ଅତିଥିମାନେ ବେଶ୍ ଉପଭୋଗ କରିଥିଲେ। ଅନ୍ୟ ଓଡ଼ିଆ ପର୍ବପର୍ବାଣୀରେ ମଧ୍ୟ ଭୋଜିର ଆୟୋଜନ କରି ଆମେ ବନ୍ଧୁମିଳନର ପରମ୍ପରା ଓ ମାଧ୍ୟମ ସୃଷ୍ଟି କରିଥାଉ।

ସ୍ମରଣିକାର ପ୍ରକାଶନ ପାଇଁ ଯେଉଁ ବିଜ୍ଞାପନଦାତାଙ୍କର ବିଶେଷ ଯୋଗଦାନ ରହିଛି, ମୁଁ ସେମାନଙ୍କୁ ଅନୁଷ୍ଠାନ ତରଫରୁ ହାର୍ଦ୍ଦିକ ଧନ୍ୟବାଦଜଣାଇବା ସହ ଭବିଷ୍ୟତରେ ଏହିପରି ସହଯୋଗର କାମନା କରୁଛି। OCWA ପରିବାରର କର୍ମକର୍ତ୍ତା ଓ ସଭ୍ୟମାନଙ୍କର ନିଃସ୍ୱାର୍ଥପର ଉଦ୍ୟମ ତଥା ପ୍ରଚେଷ୍ଟା ଯୋଗୁଁ ଆମ ଅନୁଷ୍ଠାନ ସୁରୁଖୁରୁରେ ପରିଚାଳିତ ହୋଇଆସୁଅଛି। ଏଥିପାଇଁ ମୁଁ ସମସ୍ତ କର୍ମକର୍ତ୍ତା ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ସହ ଧନ୍ୟବାଦଜଣାଉଛି।

ଜୟ ଜଗନ୍ନାଥ !

**ବିଜୟ ମହାନ୍ତି**
ପ୍ରତିଷ୍ଠାତା ସଭାପତି
ମୋ. ୯୮୭୧୯୯୭୪୪୯

# ସଂପାଦକୀୟ



ପ୍ରିୟ ପାଠକ/ ପାଠିକା ବୃନ୍ଦ,

ସାଦର ଅଭିନନ୍ଦନ ।

ଅନୁଷ୍ଠାନର ମୁଖପତ୍ର 'ଉତ୍କଳ ଗୌରବ'ର ସପ୍ତମ ସଂସ୍କରଣ ପ୍ରକାଶନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି । ଦିଲ୍ଲୀ ମହାନଗରୀରୁ ଏକ ଓଡ଼ିଆ ପତ୍ରିକାର କ୍ରମାଗତ ପ୍ରକାଶନ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବଳିଷ୍ଠ ବିଷୟ । ସମୟର ସ୍ୱଳ୍ପତା ସତ୍ତ୍ୱେ ଯେଉଁମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଚେଷ୍ଟା ଓ ଉଦ୍ୟମ ମାଧ୍ୟମରେ ପତ୍ରିକା ସଂସ୍କରଣ ସମ୍ଭବ ଓ ସଫଳ ହୋଇପାରିଛି, ସେମାନେ ନିଶ୍ଚିତ ରୂପେ ଧନ୍ୟବାଦର ପାତ୍ର ।

ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ସମାଜର ପ୍ରତିଛବି । ସମାଜ ପରିବର୍ତ୍ତନଶୀଳ । ଏହି ପରିବର୍ତ୍ତନ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷିତ, ବିକଶିତ ଓ ସୁସମୃଦ୍ଧ କରିବା ଆମର କର୍ତ୍ତବ୍ୟ ହେବା ଉଚିତ । 'ଉତ୍କଳ ଗୌରବ'ର ପ୍ରକାଶନ ଏକ ପ୍ରୟାସ ମାତ୍ର ।

ପତ୍ରିକାର ସପ୍ତମ ସଂସ୍କରଣ ନିଶ୍ଚିତ ରୂପେ ଆପଣମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମର ଆଶା । ପତ୍ରିକା ପାଠ କରିବା ସହ ଆପଣଙ୍କର ମନ୍ତବ୍ୟ ପ୍ରଦାନ କରିବାକୁ ଆମର ଏକାନ୍ତ ଅନୁରୋଧ । ଆପଣଙ୍କ ମତାମତ ଆମର ପରବର୍ତ୍ତୀ ପ୍ରକାଶନରେ ସହାୟକ ହେବ ବୋଲି ଆମର ଆଶା ଓ ବିଶ୍ୱାସ ।

ଆପଣଙ୍କର ସ୍ନେହାଧୀନ,
**ସନ୍ଦିପ୍ତ ରାଉତ**
ସାଧାରଣ ସଂପାଦକ
ମୋ. : ୯୩୧୩୫୩୬୦୪୩

# Executive Body

The Govering Body is an excellent blend of intellect, maturity, youth and vigour. The Body consists of people from all walks of life from professionals to self employed.

**President:** Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advises. He is from Steel City Rourkela and a Master in Business Administration.

**Vice President:** Mr. Banoj Pradhan, a Company Secretary by Profession, looking after liasioning works and hails from Anugul.

**Secretary:** Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialisation in Tourism trade and looking after promotional activities. He is from Rourkela.

**Jt. Secretary:** Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

**Treasurer:** Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan – takes care of cultural activities of the forum and is a Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors:**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

THROUGH HUMANITY TO PEACE

# Indian Red Cross Society

(CONSTITUTED UNDER ACT XV OF 1920)

ATelefax: 91-11-23717454
Phones: (PBX Lines)23716441, 42, 43
Website: indianredcross.org

Headquarters:
1, RED CROSS ROAD
NEW DELHI-110 001

M/12012/4/13-BB 1781

Dated: 26th April, 2013

Mr.Bijay Mohanty
President
Oriya Cultural & Welfare Association
BD-11, Janakpuri
New Delhi-110058.

Dear Sir,

We thank you for your generous cooperation in permitting us to collect blood from the voluntary blood donors of your organization, it shall help a lot towards the success of the Indian Red Cross Society Blood Bank in saving many precious human lives.

This great humanitarian service cannot be carried on without the active cooperation and selfless spirit shown by voluntary blood donors and voluntary workers. We hope in future you shall continue encouraging us.

Enclosed, herewith a copy of the list of 59 donors who donated their blood on 24.02.2013.

Thanking you,

Yours sincerely

(Dr.Vanshree Singh)
Director, Blood Bank
Indian Red Cross Society

THROUGH HUMANITY TO PEACE

# Indian Red Cross Society


(CONSTITUTED UNDER ACT XV OF 1920)

## Blood Donation Camp in association with Indian Red Cross Society held at South Patel Nagar, New Delhi on 24.02.2013

| S. No. | Name of Donors | Contact No. | S. No. | Name of Donors | Contact No. |
|---|---|---|---|---|---|
| 1 | Ranjan Biswal | 9818113778 | 31 | Neeraj Kumar | 8285093239 |
| 2 | Pradeepta Bhuyan | 9868357661 | 32 | Biswakeshan Ray | 9873630590 |
| 3 | Santosh Kumar Sahoo | 9582425958 | 33 | Ajay Mohanty | 9810973244 |
| 4 | Madan Pattnaik | 8743824992 | 34 | Dinabandhu Palai | 9555370052 |
| 5 | Sanjay Bal | 9650994545 | 35 | Rajeev Kumar Singh | 9711089950 |
| 6 | Sanjay Sen | 9650994538 | 36 | Surajit Pattanaik | 9910089884 |
| 7 | Raju | 9810726458 | 37 | Ratan Mandal | 9953179250 |
| 8 | Prasanta Kumar Das | 9868090272 | 38 | Hrudaya Ranjan Bhuyan | 9968783777 |
| 9 | Praveen Biswal | 9899777712 | 39 | Sushant Kumar Das | 9810155927 |
| 10 | Pragnyajit Jena | 9871524722 | 40 | Ajit Kumar Barek | 9868071103 |
| 11 | Krishan Kumar | 9311429611 | 41 | Ashok Kumar | 9818903099 |
| 12 | Vishnu Pratap Singh | 9899979142 | 42 | Manish Kumar | 9873778397 |
| 13 | Sanjay Singh | 9990073717 | 43 | Prabhat Kishore Bhuyan | 9968783788 |
| 14 | Krishna Kumar | 8459060091 | 44 | Gunanidhi Sahoo | 9868615995 |
| 15 | Sandeep Kumar Subudhi | 9711275978 | 45 | Mohd.Firoz | 8800668251 |
| 16 | Dimple Virmani | 25846099 | 46 | Rajesh Swain | 8860557984 |
| 17 | Arvind Kumar | 9213114057 | 47 | Bimal Prasad Samal | 9711474640 |
| 18 | Naveen Sharma | 9871909525 | 48 | Manoranjan Shah | 8130753313 |
| 19 | Ashok Bansal | 9811602106 | 49 | Loknath Sahoo | 9654335639 |
| 20 | Biswajit Das | 7838344468 | 50 | Gopa Bandhu Palai | 7503087301 |
| 21 | Sanjay Kumar | 9582146450 | 51 | Sunil Kumar Jain | 9899196390 |
| 22 | Ayaskant Das | 9560512224 | 52 | Ashok Kumar Khurana | 9810162559 |
| 23 | Ravi Shankar Sharma | 9310675151 | 53 | Dhirendra Kumar Dhiraj | 9312194742 |
| 24 | Harpreet Matharu | 9871429424 | 54 | Jitendra Sahu | 9899124290 |
| 25 | Pradeep Sahoo | 9811352735 | 55 | Dinesh Goel | 9871805151 |
| 26 | Sanjeev Kumar Suman | 9212976093 | 56 | Pradeep Parija | 9899181369 |
| 27 | Maheswar Dash | 9310801691 | 57 | Sumit Sharma | 9811463556 |
| 28 | Sanjit Mohanty | 9871146773 | 58 | Krishan Kumar Mishra | 9910238135 |
| 29 | Satya Prem Mohanty | 9971534440 | 59 | Sandipta Rout | 9313536043 |
| 30 | Amrit Raj Rout | 8287075968 | | | |

# ଓଡ଼ିଶାବାସୀ ମୁଁ - ଓଡ଼ିଆଭାଷୀ ମୁଁ

ସୁରେଶ ଚନ୍ଦ୍ର ସ୍ୱାଇଁ



ଓଡ଼ିଶାବାସୀ ମୁଁ-ଓଡ଼ିଆଭାଷୀ ମୁଁ
ଓଡ଼ିଶା ମାଟିର ପୁଅ
ଏଡ଼େ ସ୍ୱାଭିମାନୀ ଓଡ଼ିଆ ପୁଅ ମୁଁ
ମୋ ସଂଗେ ସରି କେ କୁହ ।୧ ।
କଟିଯାଉ ପଛେ ନଇଁବନି ମଥା
ଜାତି ସ୍ୱାଭିମାନ ପାଇଁ
ପ୍ରାଣଠୁ ଅଧିକ ପ୍ରିୟ ମୋ ଜୀବନେ
ଜନନୀ ଜନମ ଭୂଇଁ ।୨ ।
ଏ ଓଡ଼ିଶା ମାଟି ଧରି ଚାରିକୋଟି
ଓଡ଼ିଆଙ୍କୁ କରେ ଗର୍ବ
ନୁହେଁ ଏହା ମାଟି ମୋ ପାଇଁ ଚନ୍ଦନ
ଇଏ ମୋ ଭୂ-ସ୍ୱର୍ଗ ।୩ ।
ମୋ ଓଡ଼ିଆ ଭାଷା, ସାହିତ୍ୟ-ସଂସ୍କୃତି,
ପରଂପରା, ଗୀତ, ନାଚ
ଆମ ରୀତି-ନୀତି ଆମ ଜାତି ପ୍ରୀତି
ଜଗତେ ସବୁଠୁ ଉଚ୍ଚ ।୪ ।
ଏଇ ଭାଷା ପାଇଁ ଏକ ଜାତି ପାଇଁ
ଆମ ପୂର୍ବ ସୂରୀମାନେ
ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବିରେ
ଐକ୍ୟବଦ୍ଧ ହୋଇ ଦିନେ ।୫ ।
ଗଢ଼ିଲେ ଉତ୍କଳ ସମ୍ମିଳନୀ ମଂଚ
ଏ ଜାତି ଗୌରବ ପାଇଁ
ମୁକ୍ତିର ଆଲୋକ ବର୍ତ୍ତିକା ଜାଳିଲେ
ଯକ୍ଷେ ଆତ୍ମାହୁତି ଦେଇ ।୬ ।
ଏଇ ମାଟି ଆମ ଜଗନ୍ନାଥ ଧାମ
ଶ୍ରୀକ୍ଷେତ୍ର ନାମେ ବିଦିତ
ଯା ପାଇଁ ଓଡ଼ିଆ ଦେଶ ବିଦେଶରେ
ହୋଇଅଛି ପରିଚିତ ।୭ ।
ସର୍ବଧର୍ମ ସମନ୍ୱୟର ପ୍ରତୀକ
ଆମ ଇଷ୍ଟ ଜଗନ୍ନାଥ
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷେ ପରା
ବିଶ୍ୱ ବ୍ରହ୍ମାଣ୍ଡର ନାଥ ।୮ ।

ବୀର ଓଡ଼ିଆଙ୍କ କୀର୍ତ୍ତି ଯେ କେବଳ
କଳା ବା ସ୍ଥାପତ୍ୟ ନୁହେଁ
ମୋ ଜାତି ଚେତନ ବୀରତ୍ୱ, ବିଜୟ
ବାଣିଜ୍ୟ ବାର୍ତ୍ତାକୁ ବହେ ।୯ ।
ସମ୍ରାଟ ଯାହାର ବୀର ଖାରବେଳ
ଆଦର ଗଙ୍ଗ ନରେଶ
ଗଙ୍ଗାଠାରୁ ଗୋଦାବରୀ ଜୟ କରି
ଥିଲା ଯେ ମହାଦୁର୍ଦ୍ଧର୍ଷ ।୧୦ ।
ତାଙ୍କ ଜାତି ପ୍ରୀତି ସ୍ମୃତିର ସ୍ମାରକ
ଏ ପ୍ରାଚୀନ କଳା କୀର୍ତ୍ତି
ନିରବେ କହୁଛି ସେ ପୂର୍ବ ସୂରୀଙ୍କ
ହେବା ପାଇଁ ଅନୁବର୍ତ୍ତୀ ।୧୧ ।
ଉଦୟଗିରିର ହାତୀ ଗୁମ୍ଫା କହେ
ଧୂସୀ-ଖାରବେଳ କଥା
ଦୟାନଦୀ କୂଳେ ଧଉଳି ସ୍ତୂପରେ
ଆପେ ନଇଁ ଯାଏ ମଥା ।୧୨ ।
କୋଣାର୍କ ଗାଉଛି ଯା' ଗୌରବ ଗାଥା
ଏ ଜାତି ଗୁଣ ଗାରିମା
ନିରବେ କହୁଛି ତୋ ପରି ଓଡ଼ିଆ
ପୁଅଟେ ପରା ଧରମା ।୧୩ ।
ଏ ବୀର ମାଟିର ବୀରତ୍ୱ ନିଶାଣ
ଏଇ ଦୁର୍ଗ ବାରବାଟୀ
ଶୁଣାଏ ଓଡ଼ିଆ ପାଇକ ପୁଅର
ରଣ ହୁଙ୍କାର ପାଟି ।୧୪ ।
ଆମ ଉପକୂଳ, ସମତଳ ମାଳ
ନଦୀ, ଝର, ବନଭୂମି,
ମରାଳ ମାଳିନୀ ପୟସ୍ୱୀ ଚିଲିକା
ଚୀର ସୁନ୍ଦର ମୋ ପାଇଁ ।୧୫ ।
ବାର ମାସେ ତେର ପରବ ଆମର
ଜୀବନ ସରସ କରେ
ରଜ, ଦୋଳି, ରଥ ଜାତରେ ଆମଙ୍କୁ
ବାନ୍ଧିଛି ଗୋଟିଏ ଡୋରେ ।୧୬ ।

ଆମ କାବ୍ୟକଳା, ଚମ୍ପୂ, ଚଉପଦି
ଭଜନ, ଢଗ ଢମାଳି
ଛାନ୍ଦ ଚଉତିଶା ରସରେ ମୋ ଭାଷା
ହୋଇଛି ସମୃଦ୍ଧଶାଳୀ । ୧୭ ।
ଆମର ପଖାଳ ଛୁଙ୍କ ଦିଆ କାଞ୍ଜି
ଶାଗଭଜା ବଡ଼ି ଚୁରା
ଆରିଶା, କାକରା, ଚିତଉ, ଚକୁଳି
ମାଲପୁଆ, ବିରି ବରା । ୧୮ ।
ଓଡ଼ିଆ ହୋଇ ମୁଁ ଓଡ଼ିଆ ନ କହି
କହିଲି ବିଦେଶୀ ଭାଷା
ଏ ମାଟି ଆଗରେ ଏ ଜାତି ଆଗରେ
ହେବିନି କି ଲୋକହସା । ୧୯ ।
ଏ ମାଟି ମୋ ପ୍ରିୟ ଏ ଜାତି ମୋ ପ୍ରିୟ
ପ୍ରିୟ ମୋ ଓଡ଼ିଆ ଭାଷା
ଯେତେ ଦିନ ଥିବି ଗର୍ବେ କହୁଥିବି
ମୋ ଜନ୍ମଭୂଇଁ ଓଡ଼ିଶା । ୨୦ ।

***

**ଭେଜିପୁଟ, ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା**

## ଉଷ୍ମତା

ଓମ ଦାସ

କିଛି ଉଷ୍ମତା ବି ବାକି ଅଛି
ଶୀତବି ଫେରିଛି... ମହୁଆଲ ମାଦକତା,
ପୁଣି କିଛି ନିରବତା...
ସବୁ ଏବେ ଲେଉଟି ଆସିଚି,
କାକରରେ କବିତାର ସାକ୍ଷରବି ଦିଶୁଚି
ଆଉ ସକାଳର କୁହୁଡ଼ିରେ...
...ଏବେ ମୁଁ, ତୁମକୁ ଖୋଜୁଚି ।

***

## ବୟସ୍କ ପୁତ୍ର ପାଇଁ ଏକ କବିତା

ଅମରେନ୍ଦ୍ର ଖଟୁଆ



ଫଟୋ ଆଲବମ୍‌ର ଚିତ୍ର
ସ୍ନେହର ନ ମାସ ଭାଂଗି
କୋମଳତାକୁ ଆଂକି ଥିବାର ଇତିହାସ ।

ଏବେ ତାକୁ ଠିକ୍ ଜଣାଥାଏ ।
କୋଉ ଅନ୍ୟାୟର ପକ୍ଷାଘାତ ଚଢ଼ି
ବାପା ତାର ହଜିଯାଉଥାନ୍ତି
ପୃଥିବୀର ଦୁର୍ନୀତିରେ, କୋଉ ଚିଂତାର
ଘରକରଣୀରେ ମା ତାର
ଓଷଦଖାଉଥାଏ ବ୍ଲଡ୍‌ପ୍ରେସର୍‌ର ।

ତା ପୃଥିବୀ ବି ସହଜ ନ ଥାଏ ।
ଦିଗବଳୟକୁ ଛାତ କରି
ଘର ବନାଇବାର ଭୂଗୋଳ ଖୋଜା ।
ଜୀବନ ଯାପନରେ ନିଜର
ଅଶ୍ୱମେଧ ପାଇଁ ବହୁକିଛି ହଜାଇବା ।

ସବୁ କିଛି ଶିଖିଥିବା ସ୍କୁଲର,
କଂପ୍ୟୁଟରର୍ ଓ ପାରିବାରିକ ଶୃଂଖଳାର ।
ଏବେ ସହଜରେ
ଭୁଲି ହୁଏ ନିଜକୁ ଚିହ୍ନିବାର ମନ୍ତ୍ରଂତରରେ
ଅନ୍ୟକୁ ଭୁଲିଯାଇଥିବାର ନିଷ୍ଠୁରତାରେ ।

ଏବେ ପୁତ୍ରକୁ ପରଖିବାକୁ ହବ
ଜୀବନ ଦର୍ଶନର ମାନସାଙ୍କ ଉପରେ ।
ଓ ପୁତ୍ରଠୁ ଶିଖିବାକୁ ହବ
ସମୟ ବିତାଇବାର ସହଜତମ କାରଣ
ନଥିବାର କାହାଣୀ ସବୁ, ଉପଦେଶ ଭଳି ।

***

# ପ୍ରମୁକ୍ତ ସୂର୍ଯ୍ୟ

ମଧୁମିତ୍ରା ଦାଶ



ନିଶ୍ଚିତ ମୃତ୍ୟୁ ଅପେକ୍ଷାରେ ବଞ୍ଚିଅଛୁ ଆମେ
କାଲି ହୁଏତ ଝଡ଼ ଆସିପାରେ
କେଉଁ ଏକ ଅଦୃଶ୍ୟ ଇଲାକାରୁ
ପଶ୍ଚାତରୁ ଶୁଭିଲାଣି ପ୍ରଳୟ ସଂଗୀତ ।

ଆଜି ଯନ୍ତ୍ରଣାର ସମାଧି ଉପରେ ବସି
ପୃଥିବୀ ଥରହର ବସ୍ତବାର ଅଗ୍ନିଶିଖା ତଳେ
ମଣିଷ ଅସ୍ଥିର ଆଉ ପଞ୍ଚଭୂ-ପ୍ରକୃତି ବିଷ ଜରଜର ।

ଆଜି ଯେଉଁ ପବନ ବୋହୁଛି
ସେ ହୁଏତ କାଲି କାନ୍ଦି ପାରେ
(ଯେଣୁ) ରୌଦ୍ର ନିଦାଘ ଜାଳି ଦେଉଛି ଧରିତ୍ରୀକୁ
ସୃଷ୍ଟି ହେବ ତ୍ରିଭୁବନେ ଉତ୍ତପ୍ତ କଂପନ
ସିଝିଯିବେ ଜୀବନ୍ତ ଭାବେ
ଜଳଚର ଜୀବମାନେ ।

ସୂର୍ଯ୍ୟସ୍ନାତା ପୃଥିବୀର ଚତୁର୍ଦ୍ଦିଗେ
ଆଜି ନିଆଁର ଝଲକ
ନିଜ ତାତି ପିଇ ଯାଉଛି ମାଟି
ନିଃଶ୍ୱାସରେ ବିଷ ଉଦ୍‌ଗୁଳୁଛି

ଆଜି ଯେଉଁ ମାଟି ଉପରେ ଆମେ ଠିଆ
କାଲିର ଝଡ଼ ପରେ
ସେ ମାଟିର ରଂଗ ବଦଳିଯାଇପାରେ
ମାଆ କୋଳରୁ ଦୂରେଇ ଯିବେ ଲକ୍ଷ ଲକ୍ଷ ନିଯୁତ ଶିଶୁ
ଲହ ଲହ ଜିହ୍ୱାରେ ପୋଛି ନେବ
ଧରାପୃଷ୍ଠାରୁ ଅସଂଖ୍ୟ ମଣିଷ ।

କାଲିର ଝଡ଼ପରେ
ବସଂତହୀନ ହୋଇଯାଇପାରେ ସମସ୍ତ
ଭୂମିକମ୍ପେ, ମହାଘୂର୍ଣ୍ଣି ଆଉ ଆଗ୍ନେୟ ଉଦ୍‌ଗୀରଣେ
(ଆଉ) ବାତ୍ୟା, ବନ୍ୟା, ମଡ଼କର
ବିଷାକ୍ତ ନିଃଶ୍ୱାସେ ।

ଆଜି ଯେଉଁ ଶ୍ରାବଣର ବର୍ଷା ଆମକୁ ଓଦା କରିଦିଏ
କାଲି ସେ ବର୍ଷା କାନ୍ଦିପାରେ. ଅସଜଳ ହୋଇଯାଇପାରେ

ଧର୍ମାନ୍ତରୀକରଣର ଶକ୍ତ ସାଞ୍ଜୁ ତଳେ,
ବୋମା ବିସ୍ଫୋରଣ ଆଉ ସନ୍ତ୍ରାସବାଦର
ଚହଳ ତଳେ ।

କାଲିର ଝଡ଼ ପରେ ଜଡ଼ ପାଲଟିଯାଇପାରେ
ମଣିଷର ପ୍ରତିଟି ରକ୍ତ କଣିକା
ଭାଷାହୀନ ହୋଇଯାଇପାରେ ତା'ର ଓଠ
(ଯେହେତୁ) ଭଲମନ୍ଦର ବାଛ ଓ ବିଚାର
ନାହିଁ ଏଠି
ଧରାଧରି ତୋସରପାତ
ଯୋଗ୍ୟତା ହୁଏ ଲୁଟି ।

ସମାଜ ଆଜି ସମାଜ ନୁହେଁ
ଅସାମାଜିକ ତା'ର ଗତି
ମଣିଷ ପାଲଟିଯାଏ ଏଠି
ପଶୁଠୁ ହୀନ ଅତି ।

ରାଜନୀତି ଆଜି ବ୍ୟବସାୟେ ଗଣା
ସାରା ଜନଗଣେ ଶୋଷଣ କଷଣ ଦେଇ
ଶୋଷକ ସାଜଇ ମନ୍ତ୍ରୀ, ନେତା ।

ସାଧୁ ସନାତନ, ବୋଲାଏ ଯେ ସମାଜେ
ଧର୍ଷଣ କରେ ନାରୀ
ସମାଜସେବୀ ବଢ଼ାଉଛି ହାତ ଜନ କଲ୍ୟାଣେ
ନାହିଁ ନୀତି ନିଷ୍ପତ୍ତି ।

ଦୁର୍ନୀତି ଆଉ ଭ୍ରଷ୍ଟାଚାରରେ
ମଣିଷ ବୋଲାଏ ନିଜକୁ ବଡ଼
ବୁଝେନି ସେ ଜୀବନ ମୂଲ୍ୟବୋଧ ।
ମାନବିକତାର ଟଣ୍ଟିଚିପି
ଚାହେଁ କରିବାକୁ ଶାନ୍ତିରୋଧ ।

ଆଜି ଆମ ଖାଦ୍ୟରେ ବିଷ, ପ୍ରଶ୍ୱାସରେ ବିଷ
ଚିନ୍ତନରେ ବିଷ ।

କାଲିର ଝଡ଼ପରେ ସମସ୍ତେ କାନ୍ଦିବେ

ପବନ ଓ ପକ୍ଷୀ, ନୟନ ଓ ମାଟି
ଭାଷା ଓ ବର୍ଷା, ତୁମେ, ମୁଁ ଓ ଆମେ ସମସ୍ତେ।

(କିନ୍ତୁ) ଅଭିଶାପକୁ ରୂପାନ୍ତରିତ
କରିବା କିପରି ପରମ ଅମୃତତତ୍ତ୍ୱରେ ?
କିପରି ସୁରକ୍ଷାର କବଚ ପିନ୍ଧାଇ ଦେବା
ଆମ ରକ୍ତରୁ ଜାତ
ନିରିମାଖି, ନିରୀହ, ନିଷ୍ପାପ ଶିଶୁ-ପିଢ଼ୀର ବାହୁରେ ?
ତଥାପି ହସୁଛି କ୍ଷତବିକ୍ଷତ ବସୁଧା -
ନୂଆ ଶ୍ୱାସ ଓ ନୂଆ ବିଶ୍ୱାସରେ
ନୂଆ ବିଶ୍ୱର ଆଶା ଭରସାରେ।

(ଏଣୁ) ଆମ ଜୀବନଚର୍ଯ୍ୟାର
ମାନଚିତ୍ର, ନକ୍ସା ଓ ନଥିପତ୍ରକୁ ଦେଖିବାକୁ ହେବ,
ଟେଲିଭିଜନ ପର୍ଦ୍ଦାରୁ ନୁହେଁ
ହୃଦୟ ଗୁହାର ପରଦାକୁ ଖୋଲି
ନିରେଖି, ନିର୍ଣ୍ଣୟ ରେଖା ଆଙ୍କି
ଏହା ହିଁ ଜୀବନ।

ପୃଥିବୀର ଦୃଶ୍ୟ
ଆଣେ ମନେ ଭାବାନ୍ତର
ଭାବୁଛି ମୋ ଲେଖନୀ ମୁନେ
ଶୁଣାଇବି ଜନତାକୁ
ଚେତନାର ସେ ଇସ୍ତାହାର
ଏହି ଚିନ୍ତାରେ ବିତୁଛି ଜୀବନ
ବେଦନାରେ ସତେ ମୁଁ ନିଃସ୍ୱ କବି
କେମିତି ହସିବେ ସାରା ଜନଗଣ
ଉଇଁବ ଶାନ୍ତ ରବି।


ତେବେ କାଲି ସକାଳେ
ସୂର୍ଯ୍ୟ ଉଇଁବ ତ ! !

***

କୋଅର୍ଡିନେଟର, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଏବଂ ରିପୋର୍ଟର,
ମୁମ୍ବାଇ ଓଡ଼ିଆ ସମାଜ, କଟକ
ଗାରଡ଼ାବଜାର, ଚାନ୍ଦିନୀ ଚୌକ, କଟକ

# ଜାରଜ

ସନ୍ନ୍ୟାସୀ ନାୟକ



ମୋ ଲାଗି
ଆଉ ଏକ ମହାଭାରତ ହେଉ,
ମୁଁ କର୍ଣ୍ଣ ହୋଇଯାଏ
କିଏ ଛଳନାରେ
କବଚ କୁଣ୍ଡଳ ଲୁଟିନେଉ,
କଳଙ୍କକୁ ଡରି
ଲୁଚିଥିବା କୁନ୍ତିଙ୍କର
ମାତୃତ୍ୱ ଜାଗିଯାଉ । (୧)

ରାସ୍ତାକଡ଼ର ଅଳିଆ ଗଦାରେ
ଅବାଞ୍ଛିତ ଜନ୍ମ ମୋର ହୁଏ,
କୁଆଁ କୁଆଁ ଚିତ୍କାରରେ
ଲୁଚାଛପା ସମ୍ଭୋଗର
କାହା ପ୍ରଣୟ କାହାଣୀ
ଲୁହଧାର କହେ । (୨)

ବ୍ୟତିବ୍ୟସ୍ତ ତମାମ ଜୀବନ
ଠିକଣା ଖୋଜାରେ ଯାଏ,
କାହାର ନିଜର ହେବି କହ
ମୋ ସମାଜ ତ ମୋତେ
ଘୃଣା କରୁଥାଏ । (୩)

ମୋ ରକ୍ତରେ
ଭାଗବଣ୍ଟା ନାହିଁ,
ସମ୍ପର୍କରେ
ବାନ୍ଧେ ନାହିଁ କେହି,
କାହା ଲୁହରେ
ମୁଁ ହେବି ନାହିଁ ନଈ,
ପୂଜାଥାଳ ଛୁଇଁ
ଭୋଗ ଖାଏ ନାହିଁ । (୪)

କେତେ ଆଉ
ବଞ୍ଚିବି କହ,
ଏ ଛି ଛିର....

ଜୀବନ ନେଇ,
ଦୁଃଖ ନାହିଁ ମୋତେ ମାରିଦିଅ
ମୋତେ ମୋର ପରିଚୟ ଦେଇ ।(୫)

***

ଚକ୍ଷୁଚିକିତ୍ସା ସହକାରୀ,
ମନମୁଣ୍ଡା ଡାକ୍ତରଖାନା
ଜିଲ୍ଲା: ବୌଦ୍ଧ-୭୬୨୦୧୬
ମୋ:୯୪୩୭୩୫୨୫୬୦

## ବାଣ୍ଟନା ମଣିଷକୁ

ଆକୃତି ମହାନ୍ତି

ମନ୍ଦିର-ମସ୍‌ଜିଦ-ଗିର୍ଜା ଘରମାନେ        ବାଣ୍ଟିନେଲେ ଭଗବାନଙ୍କୁ,
ଧରଣୀ ବାଣ୍ଟିଲ ସାଗର ବାଣ୍ଟିଲ -        ବାଣ୍ଟନା ମଣିଷକୁ ।।୧।।
ଏବେତ ରାସ୍ତା ଆରମ୍ଭ ହେଉଛି        ମଞ୍ଜିଲ ଅଛି ବହୁଦୂର,
ଉଜ୍ଜ୍ୱଳତା ମହଲରେ ବନ୍ଦୀ,        ପ୍ରତି ଦୀପ ହେଲେ ନାଚାର ।।୨।।
ମିଳେନା ସୂର୍ଯ୍ୟଙ୍କୁ ସନ୍ଦେଶ,        ପ୍ରତି ଘାଟୀ-ମଇଦାନଙ୍କୁ,
ଧରଣୀ ବାଣ୍ଟିଲ ସାଗର ବାଣ୍ଟିଲ -        ବାଣ୍ଟନା ମଣିଷକୁ ।।୩।।
ଏବେବି ହରିତ ଧରଣୀ ଅଛି,        ଉପରେ ଅଛି ଆକାଶ,
ପରନ୍ତୁ ପ୍ରୀତି ନହେଉ କାଗାଶୂନ୍ୟ -        ଜଳନ୍ତା ମରୁଦେଶ ।।୪।।
ଏବେ ପ୍ରୀତିର ଜଳ ଦେବାହେ,        ପ୍ରତି ପିପାସୀ ଚଟାଣକୁ,
ଧରଣୀ ବାଣ୍ଟିଲ ସାଗର ବାଣ୍ଟିଲ -        ବାଣ୍ଟନା ମଣିଷକୁ ।।୫।।
ସବୁ ସାଥି ଉଠ ପହରା ଦିଅ,        ସୂର୍ଯ୍ୟଙ୍କ ପ୍ରତି ଦୁଆରକୁ,
ପ୍ରତି ଉଦାସ ଅଗଣାର ଦାବି ଅଛି,        ଆମ୍ଳାନ ସୌନ୍ଦର୍ଯ୍ୟକୁ ।।୬।।
ରୌଦ୍ର ନପାଇବେ ପୁଣି କେହି,        ମୌସୁମୀର ହରଷକୁ,
ଧରଣୀ ବାଣ୍ଟିଲ ସାଗର ବାଣ୍ଟିଲ -        ବାଣ୍ଟନା ମଣିଷକୁ ।।୭।।

***

* ମୂଳ ରଚନା ହିନ୍ଦୀ - ନଗେନ୍ଦ୍ରନାଥ ମହାନ୍ତି

## ମଲାଟ

ବିଦ୍ୟାଧର ପଣ୍ଡା



ଫୁଲ ତ ମଉଳିଯାଏ
କିଛି କାଳ
ମହକ ବିତରି ।
ଭାଙ୍ଗିପାରେ
ସଂପର୍କର ସେତୁ,
ଆଖିର ପଲକେ
ସନ୍ଦେହ ଭଉଁରୀ ।
ଦିନର ଯାଆସ ଭିତରେ
ଚାଲୁଥାଏ ଜୀବନ;
ଘନଘୋର ବିପଦରେ
କାହିଁ କେତେ ଦୂରୁ ବି
ଚିହ୍ନରା ମୁହଁ ଦିଶିଯାଏ ।
ସଚ୍ଚା ସଂପର୍କ ତ
ଏମିତି ମହମହ ବାସେ ।
ଜିଇଁ ଥିଲେ ଅନାଦର
ପ୍ରଶସ୍ତି ଚାଲିଗଲା ପରେ ;
କ'ଣ ବା ଯାଏଆସେ
ଶୁଣିଲା ସେ ଭଲ ପାଇବାରେ ?
ଏଇ ଜୀବନରେ ସବୁ -
ପାଇବା, ହାରିବା, ଖୋଜାଲୋଡ଼ା,
ଶେଷ ପୃଷ୍ଠା ପଢ଼ା ପରେ
ଯେମିତି ମଲାଟ ଅଲୋଡ଼ା ।।।

***

ଅଦ୍ୱୈତଗୃହି, କାନପୁର,
କଟକ-୭୫୪୦୩୭
ମୋ:୯୭୭୩୪୯୫୯୨୯

# କୃଷ୍ଣଲୀଳାମୃତ

ଶ୍ରୀଯୁକ୍ତ ସତ୍ୟାନାଶ



ପଣ୍ଡିତେ ଶୁଣାଉଛନ୍ତି କୃଷ୍ଣଲୀଳାମୃତ
ଭକ୍ତି ଗଦଗଦହୋଇ
ପିଇଯାଉଛନ୍ତି ଯେତେ ଶ୍ରଦ୍ଧାଳୁ ଭକତ ।

ପଣ୍ଡିତେ କହିଲେ -
ଡାକ୍ତର ଦେଇଛି ଡେଟ୍
କୃଷ୍ଣ ଜନ୍ମ ହେବେ ଆଜି ରାତିବାରଟାରେ
ପ୍ରାଇଭେଟ୍ ନର୍ସିଂହୋମ୍‌ରେ ।
ଅଲଟ୍ରାସାଉଣ୍ଡ କରିକି ଡାକ୍ତର ତ୍ରିପାଠୀ କହିଛି ।
ଦେବକୀର ଅଷ୍ଟମ ଗର୍ଭରେ ପୁଅଗୋଟେ ଅଛି ।
ସେଥିପାଇଁ ଅତି ଶରଧାରେ ;
କଂସ କିଣିଛି ମିଠେଇ
ବାଣ୍ଟିବାକୁ ମଥୁରା ନଗରେ ।।
କଂସର ଘରଣୀ ପଦ୍ମାବତୀ ରାଣୀ
ଆଶ୍ଚର୍ଯ୍ୟରେ ପଚାରିଲା- ହଯେ
ଦେବକୀର ପୁଅହବ ବୋଲି ଯଦି ତମେ
ଆନନ୍ଦରେ କିଣୁଛ ମିଠେଇ;
ଆଉ ସାତଟା ପୁଅକୁ
　　　　ନିଜହାତେ ମାରିଲ କିମ୍ପାଇଁ ?
କଂସ କହିଲା- ଏକଦମ୍ ମିଛ
ପିଲାକୁ ମାରିଛି ବୋଲି
ମୋ ନାଁରେ ମିଛେ ସିନା ଚାଲିଛି ପ୍ରଚାର ;
ପ୍ରକୃତରେ ମୁଁ ନୁହଁ ;
ମେଳହେଇ ମାରିଛନ୍ତି
ଦେବକୀ ବସୁଦେବ ଓ ତ୍ରିପାଠୀ ଡାକ୍ତର ।
ପଦ୍ମାବତୀ ପଚାରିଲା - କାହିଁକି ମାରିଲେ ?
କଂସ କହିଲା- କାହିଁକି ନା
ଗୋଟିଏ ବି ପୁଅ ନୁହଁ
ସବୁତକ ଝିଅ ହୋଇଥିଲେ ।
ପୁଅଟିକୁ ପାଇବାକୁ
ଦେବକୀ ଥରକୁଥର ଗର୍ଭବତୀ ହୁଏ ।
ମାତ୍ର ଝିଅ ଜନ୍ମହେଲା ମାତ୍ରେ
ତ୍ରିପାଠୀ ଡାକ୍ତର ତାର ତଣ୍ଟି ଚିପିଦିଏ
ମୁଁ ଖାଲି ମଲାପିଲାଙ୍କୁ ପୁଡ଼ିଆବାନ୍ଧିକି
ପାହାଡ଼ତଳ କୂଅକୁ ପିଙ୍ଗିବାକୁ ନିଏ ।

ପଣ୍ଡିତଙ୍କ ମୁଖ ଚାହିଁ ଭକତେ ପୁଛିଲେ -
କୃଷ୍ଣ କଣ ସତସତ ଜନ୍ମ ହେଲେ
　　　　ରାତିବାରଟାରେ ?
ପଣ୍ଡିତେ କହିଲେ - ହଁ
ବ୍ରହ୍ମାଙ୍କର ବେଦବାକ - ହୋଇପାରେ ମିଥ୍ୟା
କିନ୍ତୁ ଡାକ୍ତରଙ୍କ କଥା କେବେ
　　　　ନୋହିବ ଅନ୍ୟଥା ।
ରାତିବାରଟାରେ କୃଷ୍ଣ
ଜନ୍ମହେବେ କହିଛନ୍ତି ମାନେ,
　　　　ଠିକ୍ ବାରଟା ।।
ସଂଧ୍ୟା ଛଅଟା ବେଳକୁ
ଦେବକୀର ପେନ୍ ଆସିବାରୁ ଡାକ୍ତର ତ୍ରିପାଠୀ
ଇଂଜେକ୍‌ସନ ଦେଇ ପେନ୍
　　　　ବନ୍ଦ କରେଇଲେ ;
ଆଉ ଠିକ୍ ବାରଟା ପୂର୍ବରୁ
ଦେବକୀର ପେନ୍ ନହବାରୁ
ସିଜରିଂ କରି କୃଷ୍ଣକୁ ଜନ୍ମ କରେଇଲେ ।
ପାରିଶ୍ରମିକ ବାବଦ
　　　　କୋଡ଼ିଏ ହଜାର ଟଙ୍କା ହାତଗୁଞ୍ଜା ନେଲେ ।

ସିଜରିଂ କଥା ଶୁଣି ଭକତେ କହିଲେ-
ଆହାଃ, ମାତାଦେବକୀ ତାହାଲେ
କୃଷ୍ଣଙ୍କୁ ଅନ୍ତଫାଡ଼ିକରି ଜନ୍ମଦେଲେ !
ଆଜ୍ଞା ପଣ୍ଡିତେ ଆଜ୍ଞା - କହିଲେ କହିଲେ ;
ମାତା ଦେବକୀ କ'ଣ କୃଷ୍ଣଙ୍କୁ ପାଳିଲେ ?
ପଣ୍ଡିତେ କହିଲେ - ନାଇଁ ;
ପିଲା ପାଳିବା ପାଇଁକି
　　　　ଦେବକୀଙ୍କ ପାଖେ ଟାଇମ୍ କାହିଁ ?
　　　　ସିଏ ପରା ଗରମେଣ୍ଟ ଏମ୍ପ୍ଲଇ ।
କୃଷ୍ଣ ଜନ୍ମ ପରଦିନ
ପିଲାକୁ ଧରେଇ ଧାଈ ଯଶୋଦା ହାତରେ;
ଜନନୀ ଦେବକୀ ସ୍କୁଲ ଡ୍ୟୁଟିକୁ ଚାଲିଲେ ।
ଅବଶ୍ୟ କ୍ଲାସ ରୁମ୍‌ରେ କୃଷ୍ଣଙ୍କର ଫିଉଚର ପାଇଁ

ସୁଏଟର ମଫଲର ବୁଣାବୁଣି କଲେ ।
ଯଶୋମତୀ ଧାଈ;
କୃଷ୍ଣଙ୍କୁ ପାଳନ କଲେ ବୋତଲ ପିଆଇ ;
ଯେ... କୃଷ୍ଣଙ୍କର ସେଇ ବୋତଲ ଅଭ୍ୟାସ
ରହିଗଲା ସବୁଦିନ ପାଇଁ ।

ଭକ୍ତଗଣ !
କୃଷ୍ଣଲୀଳାମୃତ ଆଜି ଏତିକିରେ ଥାଉ ;
ସର୍ବେ ହରିବୋଲ ଦିଅ ଦେଶ ଦୁଃଖ ଯାଉ।
ଆସନ୍ତାକାଲି ଶୁଣିବା, କୃଷ୍ଣ କେମିତି ବଡ଼ହେବେ ;
କେମିତି ସେ ହଷ୍ଟେଲରୁ
ଗୋପିକାମାନଙ୍କୁ ଆଣି ରୋମାନ୍ସ କରିବେ ।
ନିକୋପାର୍କ, ଗାନ୍ଧିପାର୍କ ସାଇନ୍ସ୍ ସେଠାର
ଇନ୍ଦିରା ପାର୍କ ଆଦିକୁ
କେମିତି ସେ ବନେଇବେ ରାସବୃନ୍ଦାବନ ;
ଆଉ ଶୁଣିବା -
କେମିତି ତାଙ୍କର କିଛି କରି ପାରିବେନି
ଅଘାବକା ପୁଲିସ୍ ବା
ପୁତନା କି ମହିଳା କମିଶନ ।।

***

## ବୋହିପଡ଼େ ଦେଶ ପ୍ରେମ

ଡ: କୁଳାଙ୍ଗାର



### ଅଗଷ୍ଟ ପନ୍ଦର

(ବଜାରେ... ବଜାରେ...)

ପକାରେ ପକା ବଅମ ପକା
ଉରିଆଡେ ଖାଲି ମଦୁଆ ଟୋକା।
କେତେ ପ୍ରକାରେ ଚରୋଇ ଖଣି
ଅଗଷ୍ଟ ପନ୍ଦର ଆସିଛି ପୁଣି ।
ଏହି ଦିନ ଆମେ ସାଧିନ ହେଲୁ
ପଇସା ଖାଇ ଭୋଟ ଦେଲୁ ।
ମଟର ଡଙ୍ଗା ଦେଶ ଆମରି
ପୁଲିସ ସାଜିଛି ସେଠୀ ନାଉରୀ।
ନେତା ବସିଛନ୍ତି ଡଙ୍ଗା ଘରେ
ବିଧାନସଭାକୁ ସରକାର ଡରେ ।

### ଦେଖରେ ଦେଖରେ

ଏହି ମୋର ମହାନଦୀ,
ଏଇ ମୋର ପାଣି,
ମାଟି ପାଇଁ ମୋ' ଲଢ଼େଇ ହେବ
ଦିଅରେ ପଛେ ହାଣି ।
ଦେଖାରେ ଦେଖାରେ ପୋସ୍କୋ ପାଇଁ
ଡେଇଁ ପଡ଼ନ୍ତି ମନ୍ତ୍ରୀ,
ଧାମାଲ୍ ଧାମାଲ୍ ଗୁଳି ଫୁଟେ
ପାନବରଜେ ତାତି ।
ସର୍ମ ଲାଗେ ଗର୍ମ ଲାଗେ
ଛେପ ପକାଅ ତା' ଅଗ୍ରଭାଗେ ।
ମାଦେ ସର୍କାର ମର୍ମ ଜାଗୁ
ରକ୍ତ ଲାଗୁ ତାଜା ;
ଏହି ମୋର ଜନ୍ମଭୂମୀ
ଏହି ମୋର ଲଜ୍ଜା,
ଲୁଟୁ ଥାଆନ୍ତି ତାକୁ ହାରାମି
ମାରୁଥିବି ମୁଁ ମଜ୍ଜା ।

### ତୁ ହି ମାଁ ମଦରଲ୍ୟାଣ୍ଡ

ତୁହି ମାଁ ମଦରଲ୍ୟାଣ୍ଡ କାଶ୍ମୀରୀ ତୋହର ମୁଣ୍ଡ
ତୋହର ବିରୋଧି ଆମେ ଅଟୁ ସରବେ,
ତୋହର ଛାତିକୁ ବିଦାରି, ଜଙ୍ଗଲ ଜଳ ଉତାରି
ଗାଡ଼ି ଧରି ବୁଲୁ ଆମେ ଅତି ଗରବେ ।
ତୋ' ସୁଖରେ ହୋଇଣ ସୁଖି
ଅଇସି କରୁଛୁ ଆମେ,
ଦେଶ ଖଣିଜ ସଂପଦ ବିଦେଶେ ବିକି।
ତୋ ସୁରକ୍ଷା ପାଇଁକି ନିତି
ସୈନିକ ଖାଉଛି ଗୁଳି ଦିନ ଓ ରାତି;
ମନ୍ତ୍ରୀ ହୋଇ କୁତୁ କୁତୁ ବିମାନରେ
ଆଲୋଚନା ପାଇଁ ଧାଁଆନ୍ତି।
ପାକିସ୍ତାନ ପ୍ରଧାନମନ୍ତ୍ରୀ,
ଆମେରିକା ପ୍ରେସରରେ କୁଣ୍ଢେଇ
ଧରିଲେ ଭୟେ ଫୁଲି ଯାଆନ୍ତି ।

## ଆମେ ସେଇ ଦେଶର ଛୁଆ

ଯେଉଁ ଦେଶରେ ନାୟିକା ଫଟୋ
ଠାକୁର ଘରେ ଝୁଲେ,
ଦେଶୀମଦର ବାସ ଚହଟେ
ପଡର ପୁଲେପୁଲେ ।
ମାଓବାଦୀର ନାଆଁ ଶୁଣିଲେ
ପୁଲିସ ହୁଏ ନିଆଁ,
ଆମେ ସେଇ ଦେଶର ଛୁଆ,
ଆମେ ଭାରତ ଭୂଇଁ ଛୁଆ ।
ଖେଳାଳୀ ଯହିଁ ପଇସା ଖାଇ
ଜାଣି ଜାଣିକା ହାରେ,
ସାମାଜିକ ସାଙ୍ଗେ ମାଫିଆ
ହୁଅଇ ନାରେନାରେ ।
ଅଫିସର କଥାରେ ମନ୍ତ୍ରୀ
ହୁଅନ୍ତି ବଅସ୍, ଠିଆ,
ଆମେ ସେଇ ଦେଶର ଛୁଆ,
ଆମେ ଭାରତ ଭୂଇଁ ଛୁଆ ।

***

ଇ-ମେଲ : drkulangar@gmail.com
ବ୍ଲଗ : www.drkulangar.com

*With Best Compliments from :*


BERRY COTTS
PVT. LTD.

B-209, Okhla Industrial Area,
Phase-I, New Delhi-110020
Tel. : 91-11-47179000
Fax : 91-11-47179009
Mail : delhi@berrycotts.com
Web : www.berrycotts.com

## ତିନୋଟି କବିତା

### ସିନ୍ଦୁର

ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର



ସୁନ୍ଦରୀ ଯେବେ ସିନ୍ଦୂର ନାଏ
ସିନ୍ଥାର ସିଧା ବାଟେ
ପତି ଦେବତାଙ୍କ ପବିତ୍ର ପ୍ରେମର
ହୃଦୟ କବାଟ ଫିଟେ
ବିଟପ ନଜର ହଟେ
ପୀରତି ପାଗଳ କଳାଭଅଁରର
ଦୁଷ୍ଟ ହୃଦୟ ଫାଟେ ।

### ଟିକିଲି

ବହୁବର୍ଣ୍ଣୀ ଗୋ ବିବିଧ ଛନ୍ଦେ
ଭ୍ରୂଲତା ମଧ୍ୟେ ଥାଇ
କୁଆଁରୀତ୍ୱର ପରୀଚୟ ଦିଅ
ରସିକ ଭାବୁକ ପାଇଁ
କେବେ ଖରା କେବେ ଛାଇ
ଗାଆଁସାଥି ପରି ପଛେ ରହିଯାଅ
ସିନ୍ଦୂର ଦେଲେ ନାଇ ।

### କଜ୍ଜଳ

ମାଆ ଶରଧାରେ ଛୁଆର ମଥାରେ
କଳା ଟିପାଟିଏ ଦେଇ
ଡାଆଣୀ ଆଖିର ନଜର ଦୁରାଏ
ଛୁଆର ସୁରକ୍ଷା ପାଇଁ
ଯେବେ ହରିଣୀ ନୟନେ ନେଇ
କୁଆଁରୀ ଲଗାଏ କଜ୍ଜଳର ଗାର
ନଜର ଲେଉଟେ ନହିଁ ।

***

ପଞ୍ଚାୟତ କଲେଜ
ଫିରିଙ୍ଗିଆ, କନ୍ଧମାଳ-୭୬୨୦୧୧

# ଆମ ଅଫିସ

ସୁନୀଲ୍ କୁମାର ମିଶ୍ର



ଏଇଟି ଆମର ଅଫିସ ଘର,
କେତେ ଥଣ୍ଡା ଲାଗେ ଘର ଭିତର ;
ଏଇ ଘରେ ହୁଏ କେତେ ପଲିସି
ତେଲ ମାଲିସି,
ଛୁଟି ମିଳେ ଦେଲେ ଗୋଟେ ବିଦେଶୀ !
କଚ୍ଛବଟ ପରି ଟେବୁଲ୍ ତଳେ,
ମାଣିଆ ମିଳେ ;
ସେଥିରେ ଚାରି ସଂସାର ଚଳେ !
ଘର, ଗାଡ଼ି, ଜମି ତା'ରି ବଳେ !!
ଦରମା ନାହିଁ,
ତଥାପି ପଡିଚି ଟେବୁଲ ପାଇଁ ; ; ;

ଏଇଟି ଆମର ରିସପେସନ,
ଆଗରେ ବସିଚି ଗୋରୀ କାଂଚନ ;
କମ୍ପାନୀ ପରି ସେ କମ୍ କୁହେଁ,
ବେଶୀ ଦେଖାଏ !
ମୋହିନୀ ମନ୍ତରେ ବଶ କରାଏ ; ;
କଥା କହୁ କହୁ ଆଖିରେ ହାଣେ,
ମନକୁ କିଣେ ...
ନିଜର କରଇ ଗୋଟାଏ ପଣେ ;
କମ୍ପାନି ପ୍ରଫିଟ ତା କାରଣେ ; ;
ତା'ରି ପାଇଁ,
କଷ୍ଟମରଙ୍କର ଧାଡ଼ି ଲାଗଇ ; ; ;

ଏଇଟି ଆମର କୁବେର ପୁର,
ଭିତରେ ବସନ୍ତି ମିଆନେଜର ;
କେତେ କଣ୍ଟ୍ରାକ୍ଟର ଆସନ୍ତି ଯା'ନ୍ତି
ଖାଇ ଖୁଆନ୍ତି,
"ଧନ", "ତନ" ଦେଇ ବିଲ୍ ପାଆନ୍ତି ;
ମେନେଜର ଆମ ଭାରି ସେନେହୀ,
ନିଜ, ପର କିଛି ଭାବନ୍ତି ନାହିଁ !
ମାଆଂକ ପାଇଁ,
ନିଇତି ପଠାନ୍ତି ପରିବା ଦେଇ ; ;
ଚାକିରି ପୁଅ,
ଯାହା କୋଳେ ହଗେ....
ପ୍ରମୋସନ ତାର ହୁଏ ନିଶ୍ଚୟ ; ; ;

ଏଇଟି ଆମର ଗୋଦାମ ଘର,
ମାଲାମାଲ ଏଠି ଷ୍ଟୋର୍ କିପର ;
ଦିନରେ ଏଠି ସେ ନିଇତି ବସେ
ହିସାବ କସେ,
ରାତିରେ ଚୋରଂକୁ ମାଲ୍ ଖଲାସେ ;
ସିକ୍ୟୁରିଟି ଏଠି ପିଣ୍ଡାରେ ଶୁଏ
ପାଆଂଶ.. ନିଏ,
ଗାନ୍ଧି ମାଂକଡ଼କୁ ମନେପକାଏ !
ଆଖି, କାନ ବୁଜି ....
କାମ କାର୍ଯ୍ୟରେ ସେ ସାଥ୍ ଦିଏ !!

କାଫେଟେରିଆ ଯେ ଆମର ଇଏ,
ଖିଆ, ପିଆ ସବୁ ଏଇଠି ହୁଏ ;
ଏଇଠି ଏକାଠି ଲଂଚ୍ କରୁ,
ଲାଇନି ମାରୁ !
ଏଇ ଘରୁ ହୁଏ ପ୍ୟାର ସୁରୁ ; ;
(ଏଠି) ମ୍ୟାନେଜର ଠାରୁ ହରି ପିଅନ,
ସବୁ ସମାନ ...
ବୋତଲ ଗଡ଼ିଲେ ଉଡ଼ଇ ଜ୍ଞାନ !
ସଂସ୍କୃତରେ ଖାଲି ହୁଏ ଭଜନ ; ;
ମଉକା ଦେଖି,
ସାର୍, ଫାର୍ ଭୁଲି ଦିଅଉ ଶେକି ; ; ;

କଲ୍ୟାଣପୁର, ନିଆଳି, କଟକ

# ମେଘ

ନିବେଦିତା ମିଶ୍ରଗୁରୁ

ଦୋଳାଏ ଅଦିନିଆ ମେଘ ହେଇ
ଘୋଟନ୍ତି ମୁଁ ଦିଗବଳୟ ଧାରେ
ସୁବିଶାଳ ଆକାଶ ଛାତିରେ
ଚାଲନ୍ତି ମୁଁ ଭାଷି ଭାଷି
ଅମାନିଆ ପବନର ସାଥେ ସାଥେ
ହଜାଇ ମୋ ସମସ୍ତ ଠିକଣା
ହୁଅନ୍ତି ମୁଁ ବାଟବଣା
ଚିନ୍ତାଶୂନ୍ୟ ବେପରୁଆ ଜୀବନ ମୋ ନେଇ
ବରଷନ୍ତି ସୁଶୀତଳ ବାରିଧାରା ହେଇ
ଯେବେ ମୋର ମନ
ଭିଜାଇ ଏ ଧରଣୀ ଛାତିକୁ ।

***

୨୦୩,ଆଇ-୧, ଫେଜ୍-୨
ଭୂମି ପାର୍କ, ଜନକଲ୍ୟାଣନଗର, ପାଖ ମାର୍ଭେ ରୋଡ଼,
ମାଲଡ (ଡବ୍ଲୁ), ମୁମ୍ବାଇ-୯୫

# ଭଲ ପାଇବାର ମାନେ

ସୌଭାଗ୍ୟ କୁମାର ସାହୁ



ଭଲ ପାଇବାଟା କେତେଯେ ଗଭୀର
ଜହ୍ନକୁ ପଚାର ଯାଇ...
ଜାଣିଛି କାହିଁକୁ ପାଇବନି ସିଏ
ତଥାପି ରହିଛି ଚାହିଁ...
ଭଅଁର ଚୁମିଲେ ଫୁଲର ଦେହକୁ
କଣ୍ଟାର ଆଘାତ ଲାଗେ...
ଭଅଁରକି କେବେ କହିଛି କି ଦୁଃଖ
ଯାଇକି ଫୁଲର ଆଗେ...
ଦୀପର ଶିଖାରେ ପତଙ୍ଗଯେ ମରେ
ପରଶ ଟିକକ ପାଇଁ...
ପତଙ୍ଗର ପ୍ରେମ ଜଳି ମରିବାକୁ
ଦୀପକୁ ଯେ ଜଣାନାହିଁ...
କାହିଁ କେତେ ଦୂରେ ଚାହିଁଛି ଚାତକ
ବରଷା ଟୋପାଏ ପାଇଁ...
ବରଷା ଠିକଣା ଜାଣିନି ସେ ହେଲେ
ପତୀକ୍ଷାଟା ଶେଷ ନାହିଁ...

ଢେଙ୍କାନାଳ, ଓଡ଼ିଶା, ମୋ: ୯୮୫୩୭୦୪୫୩୩

# ପ୍ରଜାପତି ସହ ବଧୂ

ମୋନାଲିସା ଚୌଧୁରୀ

ସାଁବାଳୁଆରୁ ପ୍ରଜାପତି ପରି
ତୁମେ ବି କନ୍ୟାରୁ
ବଧୂ ପାଲଟିଗଲ ।

ସିଏ ଧାରଣ କଲା ଦୁଇଟି ଡେଣା
ଆଉ ତୁମେ ଧାରଣ କଲ
କିଛି ଶଂଖା ଆଉ ଟୋପାଏ ସିନ୍ଦୂର ।

ହେଲେ ପରିଣତି କ'ଣ ହେଲା ?
ସିଏ ତ ଉଡ଼ିଲା ମନଖୁସିରେ
ନୀଳ ଗଗନେ
କିନ୍ତୁ ତୁମେ ବନ୍ଦୀ ହୋଇଗଲ
ଆଜୀବନ ଶ୍ୱଶୁର ଘରେ ।

ତା'ର ତ ରୂପକୁ ଦେଖିଲେ ଲୋକେ
କିନ୍ତୁ ତୁମର ଗୁଣକୁ ଖୁଣିଲେ ।

ସିଏ ତ ଗାଇଲା ପ୍ରକୃତିର ଗୀତ
କିନ୍ତୁ ତୁମେ
ତୁମେ ତ ଗାଇଲ ଜୀବନ ସଂଗୀତ ।

***

# ତୁମେ କଥା ଦେଇଛ ବୋଲି

ଯୁଧିଷ୍ଠିର ମହାନ୍ତି



କଥା ଦେଇଛ ବୋଲିତ
ସାଜିଛି ମୁଁ ଅନ୍ଧ ମହୁମାଛି
ତୁମ ସଂଗୋପିତ ପ୍ରେମ ଫଗୁଆର ।

କଥା ଦେଇଛ ବୋଲିତ
ସଜେଇ ରଖିଛି ବାସ୍ତବତା
ସ୍ୱପ୍ନ ଆଉ ସମ୍ଭାବନାର
ଅଞ୍ଜନ ମଖେଇ ।

ତୁମେ କଥା ଦେଇଛ ବୋଲିତ
କଣ୍ଢାପରି ଫୁଟେଇ ଦେଇଛି
ତୁମ ଭଲପାଇବାର ଗୋଲାପ
ବୁଲବୁଲ ଛାତିର ରକ୍ତରେ ।।

***

ଏ.କେ.ଓ.ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ
କନ୍ଧମାଳ, ଓଡ଼ିଶା
ମୋ:୯୪୩୭୫୨୮୮୫୫

# ସରକାରୀ ପଢ଼ା

ବିଜୟ ପ୍ରଧାନ



ମାଷ୍ଟ୍ରେ ହୋ ମାଷ୍ଟ୍ରେ...!
ଆଏଁ!!

ତନେ ହେଲା ମାଷ୍ଟ୍ରେ ରିଟାଏର୍ ହେଇ
ବାଅଁଚିଗଲ
ଇଛେନ୍, ଧରୁଥିଲେଁ ଚକ୍‌ଖଡ଼ି...
ତମର୍ ଧର୍‌ଲା ବାଡ଼ି କେତେବେଲେଁ
ତମର୍ ମୁଣ୍ଡେଁ ଥିବା ପଡ଼ି...!

ବାଡ଼ି ତ ଛଡ଼େଇ ନେଲା ସର୍‌କାର୍
ଛୁଆଙ୍କୁ ପିଟ୍‌ବାର୍ ନାଇଁ ଦର୍‌କାର୍
ଦଣ୍ଡମୁକ୍ତ ଅଂଚଲ ବଲିଁ କରିଁ
ଇସ୍କୁଲ୍‌କେ କର୍‌ଲା ଡିକ୍‌ଲେଆର୍...
ଖାନା ପିନା ଦେଲା, ପିନ୍ଧନା ବି ଦେଲା
ବହିପତର୍ ସାଙ୍ଗେଁ ଅଣ୍ଡା ବି ଦେଲା
ଇହାଦେର୍ ମାଷ୍ଟର୍ ଇସ୍କୁଲେଁ ଖାଲି
ଆଏଲା ଗଲାର୍ ଦେଖୁଛେ କାଗଜ୍ ପତର୍...!

ହିସାବ କିତାବ କରି ଦିନ୍ ଗଲା
ପାଠ୍ ପଢ଼ାର୍ ହେଲା ନାଁ...
ବେଲେ ଲେଖା ହେଲେଁ ଖାନା ତ ମିଲୁଛେ
ବଲିଁ ଉସତ୍ ବୁଆ-ମାଁ...!

ପାଠ୍ ପଢି ଛୁଆ ମୁନୁଷ୍ ହେବା
ବଡ଼୍ ହେଲେଁ ଦେଶର୍ ନାଁ ରଖ୍‌ବା...
ସତ୍ କଥା ହୋ ମାଷ୍ଟ୍ରେ...!!

ପାଠ୍ ପଢ଼୍‌ଲେଁ ଛୁଆଁ ମୁନୁଷ୍ ହେତା
ଦେଶର୍ ନାଁ ଟା ନାଇଁ ହେଲେଁ ଘଲେ
ଅବେଶ୍ ନିଜର୍ ନାଁ ରଖ୍‌ତା...
ହେଲେଁ ବୁହୁଁ ତ ଦଉଛ ଛେଦି
ପାଠ୍ କାଣା ତମେ ପଢ଼ାବ ମାଷ୍ଟ୍ରେ
ଦିନ ସାରା ଖାଲି ସର୍‌କାରୀ କବାରେଁ
ମିଟିଂ ପାଟି ଥିଁ ଇସ୍କୁଲେଁ ବାହାରେ
ଘିନା ବିକା ବିଲ୍ ଭାଉଚର୍ ଫଟୁ
ଭିତ୍‌ରେଁ ଯଉଛ ଗୁପି...!

କାହାର୍ ବୁଆର୍ କାଣାଟା ଯିବା ହୋ ମାଷ୍ଟ୍ରେ...!!

ନା ତମର୍ ଛୁଆ ନା ତାକର୍ ଛୁଆ
ତମର୍ ସର୍‌କାରୀ ଇସ୍କୁଲେଁ ପଢ଼୍‌ଲେ
ତାକର୍ ଲାଗିଁ ପରେ ପ୍ରାଇଭେଟ୍ ଇସ୍କୁଲ
ଦେଶ୍ ସାରା ଆମର୍ ଦର୍‌ଦାମ୍ ଲେଖେଁ ବଢ଼୍‌ଲେ...।

ସର୍‌କାରୀ ଇସ୍କୁଲେଁ ନିଅମ୍ କାନୁନ୍ ଯେତେତେତେ
ଆରୁ ମାଷ୍ଟର୍ ଲାଗିଁ ଜହ
ମୁରୁଖ୍ ତିଆର୍ ହେବେ ଯେନ୍‌ଠାନେ
ମାଷ୍ଟର୍‌ଗିରି କାଏଁକେ ଚଲ୍‌ବା କହ!!

ମୁରୁଖ୍ ଗୁଡ଼ାଦୁ ବାହାରିଲେଁ ସିନେ
ତମର୍ ପଢୁଆ ଛୁଆକର୍ ପଛ୍ ଧର୍‌ବେ
ତାକର୍ ଭୋଟ୍ ଥିଁ ତମର୍ ପିଲାଛୁଆ
ଫେର୍ ନେତା ମନ୍ତ୍ରୀ ବନ୍‌ବେ...!!

ବନ୍ଦ୍‌କର ତମର୍ ସର୍‌କାରୀ ଧରମ୍
ବନ୍ଦ୍‌କର ଦିଆଥୁଆ
ଗରୀବ୍ ଦୁଃଖୁ ଜହ ପଡି ନାଇଁ ପାରନ୍
ତମର୍ ଲେଖେଁ ହୋ ଖାଇ ଖାଇ ମାହାଲିଆ...!

ପାରୁଛ ତଏଲେଁ ବନ୍ଦ୍ କରିଦିଅ ସର୍‌କାର୍
ଯେତେ ପ୍ରାଇଭେଟ୍ ଇସ୍କୁଲ ପଢ଼ା
ତେବେହେଁ ଦେଖ୍‌ବ ସର୍‌କାରୀ ଇସ୍କୁଲୁଁ
ବାହାରିବେ ସୁନା ମୁଢ଼ା ...!!


ହାଃ ହାଃ ହାଃ ... କାଏଁକେଁ ହସୁଛ ମାଷ୍ଟ୍ରେ ??

ହଏ ହୋ! ସର୍‌କାର୍ କାଏଁ ବେଢ଼ା ?
ତମର୍ ବୁଆଁ କେ ତାପ୍‌ବାର୍ ଲାଗିଁ
ତାର୍ ଘରେଁ ସେ କୁଢ଼୍‌ବା ଛୁଡ଼ା...!!

***

# ଗୁପ୍ତ କଥା

ବିନୟ ମୋହନ ଦାସ



ଲାଜମିଶା ଡର ପାଦଛନ୍ଦୁଥିଲା
କହିବି, କି କହିବି ନାହିଁ
ଥିଲି ବଡ଼ ଦ୍ୱନ୍ଦ୍ୱରେ ...
ହେଉଥିଲି ଛଟପଟ
ମନ... ରହି ରହି ବାଧ୍ୟ କରୁଥିଲା
କହି ଦେ' ସଭିଙ୍କ ସାମ୍ନାରେ
ଟନଶି ଦେଖିଲେ
କଥା ତ ସେପରି ନୁହଁଇ ଗୁପ୍ତ !

ଉଭୟେ ଉଭୟଙ୍କୁ ପ୍ରେମ କରୁଥିଲେ
ତୁମେ କିନ୍ତୁ ଡରୁଥିଲ
କାହାରେ ନ ପଡ଼ୁ କଥା
ଘର ଲୋକ କାନରେ ପଡ଼ିଲେ
ଯମଦଣ୍ଡ ନିହାତି ମିଳିବ
ପ୍ରେମର ପରିଭାଷା ଭୁଲିଯିବ
କଟକଣା ହୋଇଯିବ ଶକ୍ତ
ତେଣୁ ତ' କହିଥିଲ ରାଣ ଦେଇ
"ଆମ ପ୍ରେମ ରଖିଦେବା ଗୁପ୍ତ।"

କେତେ ଦିନ ଆଉ ଗୁପ୍ତ ରଖିବି
କାରଣ ନ କହି... ବରି ନେଲ ଅନ୍ୟକୁ
ଦେଖିଲନି ପୂର୍ବ ସ୍ମୃତି ଥରେ...
ପ୍ରତିଶ୍ରୁତି ଭୁଲିଗଲ, କେଡ଼େ ସହଜରେ
କାହିଁକି ଖେଳୁଥିଲ ପ୍ରେମର ସେ ଜୁଆ
ନୁହେଁ କି ଏ ପ୍ରତାରଣା
ଦୋ ଛକିରେ କରିଦେଲ ଠିଆ
ଏବେ ତୁମକୁ ଭାରି ଭଲ ଲାଗୁଥିବ
ଅତୀତ ଭୁଲାଇ, ବର୍ତ୍ତମାନକୁ ସଜାଇ
ଉପଭୋଗ କରୁଥିବ ପ୍ରତିଟି ମୁହୂର୍ତ୍ତ
ମୁଁ କ'ଣ ବାଧ୍ୟ...
ରଖୁଥିବି ସବୁକିଛି ଗୁପ୍ତ !!!

***

# ପରିଚୟ

ଚନ୍ଦନ କୁମାର ସିଂ

ଯଦି ବିହି ଭରିଅଛି ଦୁନିଆକୁ ରଙ୍ଗେ,
ନାନା ରୂପେ ବହୁ ଜାତି ....!!!!
ହେଲେ ବେରଙ୍ଗ ଗଢ଼ିଲା ମୋ ଜୀବ କାହିଁ ସେ,
କାହିଁକି କେଜାଣି ମୋର ଭାବି ସରିଯାଏ ରାଜି... !!!!
କୁହୁଡ଼ି ଘେରା ମୋ ଦଶ ଦିଶା ସାରା,
ଲାଗେ ଦୃଶ୍ୟହୀନ ସବୁ ଛବି....!!!!
ଏଠି ଆତ୍ମୀୟ ସଜନ ପରଠୁ ବି ପର,
ପାଏନା ମୁଁ ମୋର ପରିଚୟ ଖୋଜି ଖୋଜି....!!!!
ଏଠି ଗୋଲାପ ଜଳଇ ଚାନ୍ଦିନୀ ରାତିରେ,
ହିମ ଶିଶିରରେ ଭିଜି ଭିଜି....!!!!
ଗଣ୍ଡ ଭିଜେ ସିନା ନୟନ ନୀରରେ,
ହେଲେ କାହିଁ ଅଧର ପାରେନା ଭିଜି....!!!!
ଅଧରେ ଖେଳାଏ ସ୍ମିତହାସ ସିନା,
ମୋର ଦୁଃଖ ସବୁ ଲୁଚେଇ ଦେବାପାଇଁ...!!!!
ହେଲେ ବିଜନ ଭିଜେ ମୋ ଲୋତକ ଶ୍ରାବଣେ,
କେତେ ଦିବାନିଶି ହିସାବ ପାରିନି ରଖି...!!!!
ଯଦି ବିଧାତା ଲେଖିଛି ମୋର ଏ ଜୀବନ,
ତେବେ ବଞ୍ଚିବି ମୁଁ ହସି ହସି...!!!
ଅଦୃଶ୍ୟ ହାତରେ କାଠ କଣ୍ଢେଇ ମୁଁ,
ଅଭିନୟ ସାରି ମାଟିରେ ମୁଁ ଯିବି ମିଶି....!!!

***

# ଅମାବାସ୍ୟା

ସଂସ୍ମିତା ପ୍ରିୟଦର୍ଶିନୀ


ଆଜି ଲାଗିଛି ତା ଦେହ ରେ ଗ୍ରହଣ....
କିଏ ବୁଝୁଛି କାହିଁକି ସେ ଆଜି ନୀରବ....
କାହିଁକି ସେ ଆଜି ନିସ୍ତବ୍ଧ....
ଦିନେ ଯେ ସାଜେ ରାତି ର ରାଣୀ....
ଆଜି କାହିଁକି ତାକୁ ଏ ଚାଞ୍ଚଲ୍ୟ....
ବୋଳିଛି ତା ଦେହେ କିଏ ସେ କଳଙ୍କ....
କରିଛି ତାକୁ ଧରାସାୟୀ....
ଯିଏ ଦିଏ ସଭିଙ୍କୁ ଶୀତଳତା....
ତାକୁ କାହିଁକି ଆଜି ଏ କଳଙ୍କର ଉଷ୍ମତା....

***

ଭୁବନେଶ୍ୱର

# ଛାଡ଼ପତ୍ର

ଭଗବାନ ଚନ୍ଦ୍ର ରାଉତ



କେ ଜାଣେ କାହିଁକି ସୁନନ୍ଦାର ମଟନା ଆଜି ଅଯଥାରେ ବେଟଇନ୍ ହୋଇଉଠୁଛି । କୌଣସି କାମରେ ତା'ର ମନ ଲାଗୁନାହିଁ । ଏତେ ବଡ଼ ଘରଟାରେ ସେ ଏକା, ବଡ଼ ଖାଁ ଖାଁ ଲାଗୁଛି ତାକୁ । କାହିଁ ଏମିତି ତ ସେ କେବେ ଆଗରୁ ନିଛାଟିଆ ଅନୁଭବ କରୁନଥିଲା । ବାପା ବୋଉ ବି ପାଞ୍ଚଦିନ ହେଲା ଦିଲ୍ଲୀ ଗଲେଣି । ଗଲେ ତ ଗଲେ ଟିନୁଟାକୁ ବି ସାଥିରେ ନେଇଗଲେ । ଟିନୁଟା ଥିଲେ ହୁଏ ତ ତା' ସହିତ ତା ସହିତ ହସଖୁସିରେ ସମୟଟା କଟାଇ ଦିଅନ୍ତା । ଘରେ ଏକମାତ୍ର ବିଶ୍ୱସ୍ତ ଚାକର ଟିମା କେତେବେଳୁ ଯାଇଛି ଯେ ଏ ପର୍ଯ୍ୟନ୍ତ ଦେଖାନାହିଁ । ହାତରେ ସାଇକେଲ ପଡ଼ିଛି ତ ମନ ଇଚ୍ଛା ବଜାରରେ ଚକ୍କର କାଟୁଥିବ ନିଶ୍ଚୟ । ଆଜି ଆସୁ ତା'ର ଦିନେ କି ମୋର ଦିନେ । ପାନେ ଏମିତି ଦେବି ଯେ ଟୋକା ବୁଝିବ । ଅଯଥାରେ ଗରଗରେଇ ଉଠିଲା, ସୁନନ୍ଦା ଟିମା ଉପରେ । ସତରେ ସୁନନ୍ଦା ପାଇଁ ଘରଟା କାହିଁକି କେଜାଣେ ବଡ଼ ନିର୍ଜ୍ଜନ ଲାଗୁଛି । ଯେମିତି ଗୋଟେ ଅଶୁଭ ଅଘଟଣ ଘଟି ଗଲାପରି ମନେ ହେଉଛି ।

ସଙ୍ଗେ ସଙ୍ଗେ ସୁନନ୍ଦା ବାପା ବୋଉଙ୍କ ନିକଟକୁ ଫୋନ ଲଗାଇ ତାଙ୍କର ଭଲମନ୍ଦ ବୁଝି କେବେ ଫେରିବେ ପଚାରିଲା । ସେ ପଟରୁ ଉତ୍ତର ଆସିଲା, ଆଉ ଦଶଦିନ ପରେ । ଯେବେ ଦିଲ୍ଲୀ ଆସିଛୁ ବୈଷ୍ଣୋଦେବୀ ଓ ଅମୃତସର ବୁଲି କରିଯିବା ।

ବାମ ଆଖିଟା ଆଜି ଦିନ ଦଶଟାରୁ ଫରକୁ ଅଛି । ଯେତେ ଦଳା ଚକଟା କଲେ ବି କମୁନି । ବାରମ୍ବାର ଫରଫର ହେଉଛି । ବାମ ଆଖି ଫରକିଲେ ଅଶୁଭ ବୋଲି କୁହନ୍ତି । ଧେତ୍ ଏସବୁ ବାଜେ ଚିନ୍ତାଧାରା । ଅନ୍ଧବିଶ୍ୱାସ ବୋଲି କହିଉଠିଲା ସୁନନ୍ଦା ।

କେଜାଣେ କାହିଁକି ସୁନନ୍ଦା ସମ୍ମୁଖରେ ସୁଶାନ୍ତର ସୌମ୍ୟ ସୁନ୍ଦର ମୂର୍ତ୍ତିଟା ନାଚିଉଠିଲା । ମନେ ପଡୁଛି ଯେଉଁଦିନ ଭୀଷ୍ମ ପ୍ରତିଜ୍ଞା ନେଇ ସୁଶାନ୍ତ ଠାରୁ ଚାଲି ଆସିଥିଲା । ଦୃଢ଼କଣ୍ଠରେ କହିଥିଲା, ସୁଶାନ୍ତ ସୁନନ୍ଦାକୁ ଅନ୍ୟ ଝିଅ ସହ ତୁଳନା କରିବ ନାହିଁ । ସୁନନ୍ଦା ହେଉଛି କାଉଁରିଆ କାଠି ଭାଙ୍ଗିଯିବ ପଛେ, ନଇଁଯିବ ନାହିଁ । ମୁଁ ଏତେ ସହଜରେ ହାରି ଯିବାର ଝିଅ ନୁହଁ ।

ସୁଶାନ୍ତ ଅତି ସରଳ ଭାଷାରେ ଦୁଇପଦକହିଥିଲା, ସୁନନ୍ଦା ମଣିଷ କେବେ ତା ଜୀବନରେ କାହାଠାରୁ ହାରେ ନାହିଁ କି ଜିତେ ନାହିଁ । ସେ ତ ସଦାସର୍ବଦା ନିୟତିର ନିୟମରେ ବନ୍ଧା । ମଣିଷର ନିଜସ୍ୱ ଶକ୍ତି କାହିଁ ଯେ ହାର ଜିତ କଥା ଚିନ୍ତା କରିବା ବରଂ ଅନୁତାପ ଅଗ୍ନିରେ ଜଳଜଳ ଜଳି ଶେଷରେ ନିଜକୁ ନିଃଶେଷ କରିଦିଏ ।

ପାଶ୍ଚାତାପ କଲାବେଳକୁ ନେଡ଼ି ଗୁଡ଼ କହୁଣୀକୁ ବହିଯାଇଥାଏ । ଆଦୌ emotional ବା ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ ଏମିତି କିଛି ଭୁଲ ନ କରିବାକୁ ଆକେବାକେ ଭାବନାରୁ ମୁକ୍ତି ପାଇବା ପାଇଁ ସୁନନ୍ଦା ରୋଷେଇ ଘରକୁ ଆସି ଗେସ୍ ଚୁଲାରେ କପେ ଚା ବସାଇଲା । ଭାବିଲା ଚା ଗ୍ଲାସେ ପିଇଦେଲେ ମନଟା ହାଲୁକା ଲାଗିବ । ବାଜେ ଚିନ୍ତା ବି ମନରେ ଆସିବ ନାହିଁ । ଟିମା ଟା ଗଲା ଯେ ଏ ପର୍ଯ୍ୟନ୍ତ ଫେରିଲା ନାହିଁ । ଠିକ୍ ଏତିକି ବେଳେ ଦାଣ୍ଡଦରଜା ଠେଲି କରି ଟିମା ଘର ଭିତରକୁ ପଶି ଆସିଲା ।

ସୁନନ୍ଦା କହିଲା ଟିମା ମୋ ପାଇଁ ଆଦୌ ବ୍ୟସ୍ତ ନ ହୋଇ ଠାକୁର ଘରକୁ ଯାଇ ସବୁ ବନ୍ଦୋବସ୍ତ କର, ଆଉ ଟିକିଏ ପରେ ସଂଜ ହୋଇଯିବ, ମୋତେ ଆରତୀ କରିବାକୁ ପଡ଼ିବ । ଝୁଣା ଦୀପ, ଧୂପ କର୍ପୂର ସବୁ ଠିକ୍ଠାକ୍ କରିଦେ ।

ଟିମା କହିଲା, ନାଇଁମ ଦିଦି ତୁମେ ଯାଇ ଡ୍ରଇଁ ରୁମରେ ବସି ଖବର କାଗଜ ପଢୁଥାଅ । ମୁଁ ଚା କରି କି ଦେବି ଓ ଠାକୁରଘର ବି ଓଳାଇ ଦେବି । ସୁନନ୍ଦାକୁ ଏକ ପ୍ରକାର ଟାଣି ଟାଣି ଆଣି ଡ୍ରଇଁରୁମ୍‌ରେ ବସାଇ ଦେଲା ।

ଡ୍ରଇଁ ରୁମ୍‌ରେ ବସି ଲକ୍ଷ୍ୟକଲା, କାନ୍ଥରେ ଲଟ୍‌କୁଥିବା ତା' ବାପା ବୋଉଙ୍କର ଯୁଗଳ ଫଟୋକୁ ସୁଶାନ୍ତ ସୁନନ୍ଦା ଟିନୁକୁ କୋଳରେ ଧରି ଉଠାଇଥିବା ଫଟୋ । ଆଜି କାହିଁକି କେଜାଣେ ଏହି ଫଟୋଟା ଅତି ସୁନ୍ଦର ଦିଶୁଛି । ଏହି ଫଟୋକୁ ଆଗରୁ ବହୁତ ବାର ଦେଖିଥିଲେ ବି ଏତେ ସୁନ୍ଦର ଦେଖା ଯାଉ ନଥିଲା ।

ମନେ ମନେ ଭାବୁଥିଲା ସବୁଦୋଷ କଣ ସୁଶାନ୍ତର, ତା'ର କିଛି ନାହିଁ ? ସିଏ ଏକା ଶୁଦ୍ଧ ସୁବର୍ଣ୍ଣ ଆଉ ସୁଶାନ୍ତ ପୁରା ଭେଜାଲ ? ପର ମୁହୂର୍ତ୍ତରେ ସୁନନ୍ଦା ପାଗଳ ପରି ଚିତ୍କାର କରି କହି ଉଠିଲା, "ନା ନା ସେ ଯାହା କରିଛି, ସେ ଠିକ୍ କରିଛି । ଯେଉଁ ସ୍ୱାମୀ, ସ୍ତ୍ରୀର ବ୍ୟକ୍ତିଗତ ସ୍ୱାଧୀନତା, ତଥା ସ୍ୱାଭିମାନ ଉପରେ ଅଯଥା ହସ୍ତକ୍ଷେପ କରି ନିଜର ସ୍ୱାମୀତ୍ୱ ଜାହିର କରିବାକୁ ଚାହେଁ, ସେ ମଣିଷଟା ସୁନନ୍ଦା ଚକ୍ଷୁରେ ସ୍ୱାମୀ ପଦବାଚ୍ୟ ନୁହଁ ।

ସୁନନ୍ଦା ଉଠିଗଲା ଠାକୁର ଘରକୁ । ଆସନ ପକାଇ ତକା ମାଡ଼ି ଆଖି ବନ୍ଦକରି ପ୍ରାର୍ଥନା କରିବାକୁ, ପାର୍ଥନାରେ ବିଫଳ ହେଲା, ଆଖି ବନ୍ଦ କଲାମାତ୍ରେ ସୁଶାନ୍ତଙ୍କର କମନୀୟ ମୁଖମଣ୍ଡଳ ପରିଷ୍କାର ଦେଖି ପାରିଲା । ସତରେ କ'ଣ ଠାକୁର ନିଜ ଆସନରୁ ଉଠିଯାଇ ସୁଶାନ୍ତକୁ ସେଠାରେ ବସାଇଦେଲେ । ଧେତ୍ ବାଜେ ଚିନ୍ତା । ପୁଣି ଆଖି ବନ୍ଦ କରି ଗାଇ ଉଠିଲା,

ଆହେ ଦୟାମୟ ବିଶ୍ୱବିହାରୀ । ବେକରେ ନିଜ ପଣତ କାନିକୁ ଗୋଡ଼େଇ ଆଳତୀ କଲା, ହେଲେ ପ୍ରତିଦିନ ପରି ଆଜି ତା ମନରେ ଆଦୌ ଭକ୍ତିଭାବ ଉଦ୍ରେକ ହେଲା ନାହିଁ । ତାକୁ ଯେମିତି ଦୁନିଆଟା ଆଜି ସୁଶାନ୍ତମୟ ମନେ ହେଉଛି ।

ସୁନନ୍ଦା ଡ୍ରଇଂରୁମରୁ ଧୀର କରି ଉଠି ଆସିଲା ଘର ସାମ୍ନାରେ ଥିବା ଦୁବ ପୂର୍ଣ୍ଣ ଲନ୍‌କୁ । ସେଠାରେ ପଡ଼ିଥିବା ପ୍ଲାଷ୍ଟିକ ଚେୟାର ଉପରେ ନିଜର ଭାରାକ୍ରାନ୍ତ ମନକୁ ନେଇ ଆଉଜି ଗଲା । ଆଖି ମିଟିମିଟି କରି ଆକାଶରେ ତାରା ଗଣିବା ଘର ଉପରକୁ ଉଦାସ ବଦନରେ ଅନାଇ ରହିଲା ସୁନନ୍ଦା । ଆଖି ବନ୍ଦ କରି ବାଜେ ଭାବନାକୁ ଦୂର କରିବା ପାଇଁ ଚେଷ୍ଟା କଲା । ନା ଅସମ୍ଭବ । ସବୁ ବିଫଳ । ଚଳଚ୍ଚିତ୍ର ଛବି ପରି ସୁନନ୍ଦାର ମନରେ ନାଚି ଉଠିଲା ଅତୀତ ଓ ବର୍ତ୍ତମାନର ଘଟିଥିବା ଘଟଣାର ଦୃଶ୍ୟ ରାଜି ।

ସୁନନ୍ଦା ଓ ସୁଶାନ୍ତ ଦୁହେଁ କ୍ଲାସମେଟ । ଅଷ୍ଟମ ଶ୍ରେଣୀରୁ ଦୁହେଁ ଏକ ସଙ୍ଗେ ପଢ଼ି ଏକ ସଙ୍ଗରେ ପିଜି ବି ପାଶ କରିଛନ୍ତି । ଗୋଟିଏ ହାଇସ୍କୁଲ, ଗୋଟିଏ କଲେଜ ପୁଣି ଗୋଟିଏ ବିଶ୍ୱବିଦ୍ୟାଳୟରେ ସେ ଦୁଇ ଜଣଙ୍କର ଶିକ୍ଷା ଆରମ୍ଭ ଓ ଶେଷ । ଥରେ ସୁଶାନ୍ତ ପ୍ରଥମ ହେଲେ ଆର ଥରକୁ ସୁନନ୍ଦା ପ୍ରଥମ । ମାତ୍ର ଦୁଇ ତିନି ନମ୍ବର ବ୍ୟବଧାନରେ ଦୁହିଁଙ୍କ ମଧ୍ୟରେ ପ୍ରଚଣ୍ଡ ପ୍ରତିଯୋଗିତା । କହିବାକୁ ଗଲେ କେହି କାହାଠାରୁ ଊଣା ନୁହଁ କି ଊର୍ଦ୍ଧ୍ୱରେ ନୁହଁ । ସୁନନ୍ଦା ବ୍ରାହ୍ମଣ ପରିବାରର, ସୁଶାନ୍ତ ଖଣ୍ଡାୟତ ପରିବାରର । ସୁନନ୍ଦା ଧନୀ ଓକିଲର ଝିଅ । ସୁଶାନ୍ତ ମଧ୍ୟବିତ୍ତ ପରିବାରର ଜଣେ କୁଶଳୀ ଚାଷୀର ପୁଅ । ଦୁହିଁଙ୍କ ମଧ୍ୟରେ ଥାଏ ତିବ୍ର ପ୍ରତିଯୋଗୀତା ଓ ଶତ୍ରୁତା । କେହି କାହାର ପ୍ରଶଂସା ସହ୍ୟ କରିପାରୁ ନ ଥିଲେ କି ନିନ୍ଦା ବି ସହ୍ୟ କରିପାରୁ ନ ଥିଲେ ।

ସେ ବର୍ଷ ଦୁହେଁ ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ । ଦୁହିଁଙ୍କର ଥିଲା ସମାନ ନମ୍ବର । ଏ ପର୍ଯ୍ୟନ୍ତ କେହି ତାଙ୍କର ରେକର୍ଡ ଭାଙ୍ଗି ପାରିନାହାନ୍ତି । ସେ ବର୍ଷ ବାଲେଶ୍ୱର ଜିଲ୍ଲା ସ୍କୁଲର ନାମ ବହୁ ଉପରକୁ ଉଠି ଯାଇଥିଲା । ଦୁହେଁ ପଢ଼ିଲେ ଫକୀରମୋହନ କଲେଜରେ, ଦୁହିଁଙ୍କର ବିଷୟ ସମାନ ନଥିଲା ।

କଲେଜ ଜୀବନ ପର୍ଯ୍ୟନ୍ତ ଦୁହେଁ ଦୁହିଁଙ୍କର ପ୍ରତିଦ୍ୱନ୍ଦୀ । କଥା ବାର୍ତ୍ତା ବି ବନ୍ଦ । ସୁନନ୍ଦା ଏପଟେ ଗଲେ ସୁଶାନ୍ତ ଅନ୍ୟପଟେ ଯାଏ । ସୁନନ୍ଦାର ବାପା ଜଗଦାନନ୍ଦ ଚାହୁଁଥିଲେ ସୁନନ୍ଦା ସୁଶାନ୍ତଠାରୁ ଦୁଇପାଦଆଗରେ ରହୁ । ସୁନନ୍ଦା ବାଣୀ ବିହାରରେ ନାମ ଲେଖାଇଲା । ସୁଶାନ୍ତର ବାପା ଶଶିକାନ୍ତ ଆର୍ଥିକ ଅନାଟନକୁ ଆଗରେ ରଖି ସୁଶାନ୍ତର ପାଠପଢ଼ା ସେଇଠିପରେ ସମାପ୍ତ କରୁ ବୋଲି ଚାହୁଁଥିଲେ । ମାତ୍ର ସୁଶାନ୍ତର ଏକା ଜିଦ୍ ସିଏ ବି ବାଣୀବିହାରରେ ପିଜିରେ ନାମ ଲେଖାଇବ । ପୁଅର ମନଭାବ ଜାଣିପାରି ଶଶିକାନ୍ତ ଜମି ବିକ୍ରି କରି ସୁଶାନ୍ତର ମନୋବାଞ୍ଛା ପୂର୍ଣ୍ଣକଲେ । ଭାବିଥିଲେ ପୁଅ ଚାକିରି କରି ତାଙ୍କର ଅଭାବକୁ ପୂର୍ଣ୍ଣ କରିବ ।

ଭାଗ୍ୟରେ ବି ବେଳେବେଳେ ଏମିତି ବିଡ଼ମ୍ବନା ଦେଖାଦିଏ । ପିଜିରେ ସୁଶାନ୍ତ ପ୍ରଥମ ସେମିଷ୍ଟାରରେ ଭଲ କରିଥିବା ବେଳେ ସୁନନ୍ଦା ସୁଶାନ୍ତଠାରୁ ଦୁଇପାଦପଛରେ ପଡ଼ିଗଲା । କାରଣଟା କ'ଣ ଜଣା ନ ପଡ଼ି ଥିଲେ ବି ସୁନନ୍ଦା ଆତ୍ମଗ୍ଲାନିରେ ଭାଙ୍ଗି ପଡ଼ିଥିଲା । ତା' ଠାରୁ ବେଶି ଭାଙ୍ଗି ପଡ଼ିଥିଲେ ସୁନନ୍ଦାର ଓକିଲ ବାପା ଜଗଦାନନ୍ଦ । ସୁନନ୍ଦା ବହୁ ଭାବି ଚିନ୍ତି ସିଦ୍ଧାନ୍ତରେ ଉପନୀତ ହେଲା ଯେ ପଢ଼ାରେ ଭଲ କରିବାକୁ ହେଲେ ସୁଶାନ୍ତର ସାହାଯ୍ୟ ସହଯୋଗ ତା' ପାଇଁ ନିହାତି ଦରକାର ।

କେହି କାହାର ଶିରୀ ଦେଖିପାରୁ ନ ଥିବା ବେଳେ ସେଦିନ ସୁନନ୍ଦା କମନ ରୁମ୍‌ରେ ହଠାତ ସୁଶାନ୍ତକୁ ନମସ୍କାର କରି କହିଥିଲା, ସୁଶାନ୍ତବାବୁ ମୋର ମନେ ହେଉଛି ପ୍ରତିଯୋଗିତାରେ ମୁଁ ଯେମିତି ହାରିଯାଉଛି ।

ହସି ହସି ସୁଶାନ୍ତ କହିଥିଲା, ମୁଁ ତୁମ କଥାର ଅର୍ଥ କିଛି ବୁଝି ପାରିଲି ନାହିଁ । କାହା ସହିତ ଯୁଦ୍ଧ କରି ହାରିଯିବା କଥା କହୁଛ ? ସୁନନ୍ଦା ହସି ହସି କହିଥିଲା, ପ୍ରଥମ ସେମିଷ୍ଟାରରେ ମୋର ସେପରି କିଛି ଭଲ ହୋଇନି ।

ପଢ଼ା ତ ଏହି ମାତ୍ର ଆରମ୍ଭ । ଚେଷ୍ଟା କର ନିଶ୍ଚୟ ଭଲ କରିବ । ନା ସୁଶାନ୍ତ ମୁଁ ଭାବୁଛି ତୁମର ସାହାଯ୍ୟ ବିନା ମୁଁ ବୋଧେ ଆଗକୁ ଆଗେଇ ପାରିବି ନାହିଁ, ମୋର ହୃଦବୋଧ ହେଉଛି । ଭାବୁଛି ଆଜିଠାରୁ ଆମେ ଦୁହେଁ ମିଳି ମିଶି ପଢ଼ିବା । ଆମେ ଦୁହେଁ କେହି କାହାର ଶତ୍ରୁ ନଥିଲୁ କି ଆଜି ବି ନାହୁଁ । ପ୍ରତିଯୋଗିତା ମନୋବୃତ୍ତିକୁ ଶତ୍ରୁତା ବୋଲି ମନେ କରିବା ଭୁଲ । ଆମେ ଦୁହେଁ ଗୋଟିଏ ଜାଗାରୁ ଗୋଟିଏ ସ୍କୁଲ, କଲେଜରୁ ପଢ଼ି ଆସିଛୁ । ସେହିଦିନ ଠାରୁ ସୁଶାନ୍ତ ସୁନନ୍ଦା ଏମିତି ଯୋଡ଼ିଗଲେ ଯେ ଯେମିତି କ୍ଷୀର ସହିତ ନୀରର ସଂପର୍କ । ଜଣେ ଅନ୍ୟ ଜଣଙ୍କୁ ନ ଦେଖିଲେ ବ୍ୟସ୍ତ ହୋଇ ଉଠୁଥିଲେ ।

ସୁଶାନ୍ତ ସହ ସୁନନ୍ଦାର ମିଳାମିଶାକୁ ସ୍ୱାଭିମାନୀ ବାବା ଜଗଦାନନ୍ଦ ଆଦୌ ପସନ୍ଦ କରୁ ନଥିଲେ । ତାଗିଦ୍ କରି ସୁନନ୍ଦାକୁ ଚିଠି ଲେଖିଥିଲେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ଚେଷ୍ଟା କର । ସୁଶାନ୍ତର ବାପା ଶଶିକାନ୍ତ ଚିଠି ଦ୍ୱାରା ଜଣାଇ ଦେଲେ ଦେଖ ସୁଶାନ୍ତ ଜମି ବିକ୍ରିକରି ପାଠ ପଢ଼ାଉଛି । ମୋର ସମ୍ମାନ ଯେମିତି ତଳେ ନ ପଡ଼େ । ଏହାର ଏକ ମାତ୍ର କାରଣ ଦୁଇ ଛାତ୍ରଛାତ୍ରୀର ପ୍ରତିଯୋଗିତା ପୂର୍ଣ୍ଣ ମନୋବୃତ୍ତି ଦୁଇ ଅଭିଭାବକଙ୍କ ମନକୁ ସଂକ୍ରମିତ କରିଥିଲା ।

ସଫଳତାର ସହ ଦୁହେଁ ଏମ୍ ଏସ୍ ସି ପାଶ କଲା ପରେ ଯେଉଁ ଦିନ ବାଲେଶ୍ୱର ଟାଉନ ହଲଠାରେ ଦୁଇଜଣଙ୍କୁ ସମ୍ବର୍ଦ୍ଧନା ଦିଆଗଲା । ସେଦିନ ମଂଚ ଉପରେ ସୁଶାନ୍ତ ସୁନନ୍ଦା ପରସ୍ପରକୁ ଆନନ୍ଦରେ ଜାବୁଡ଼ି ଧରିଥିଲେ । ଉପସ୍ଥିତ ଦର୍ଶକ ଆନନ୍ଦରେ କରତାଳି ଦେଇ ସ୍ୱାଗତ କରୁଥିବା ବେଳେ ଦୁଇଜଣଙ୍କର ବାପା ମୁହଁ ତଳକୁ କରି ବସିଥିଲେ । ଏ

ଦୃଶ୍ୟ ବୋଧେ ତାଙ୍କୁ ଆଦୌ ସୁହାଉ ନଥିଲା ।

ଉତ୍ସବର କିଛି ଦିନ ପରେ ସୁନନ୍ଦାର ବାପା ଜଗଦାନନ୍ଦ ସୁଶାନ୍ତର ବାପା ଶଶିକାନ୍ତଙ୍କୁ ଚିଠିଟିଏ ଦେଇ ଜଣାଇଦେଲେ, ଶଶିକାନ୍ତ ବାବୁ ତୁମେ ପୁଅକୁ କହିଦିଅ ସେ ମୋ ଝିଅର ପିଛା ଛାଡ଼ି ଦେଉ । ନ ହେଲେ ଏହାର ପରିଣାମ ଭବିଷ୍ୟତକୁ ଭୟାବହ ହେବ । ଏହାର ସାମାନ୍ୟତମ ବ୍ୟତିକ୍ରମ ଦେଖିଲେ ଆଇନର ଆଶ୍ରୟ ନେବାକୁ ବାଧ ହେବି । ଶଶିକାନ୍ତ ବି ଛାଡ଼ିବାର ବ୍ୟକ୍ତି ନ ଥିଲେ, ସେ ରୋକ୍‌ଠୋକ୍ ଜଣାଇଦେଲେ ବାବୁ ଜଗଦାନନ୍ଦ ଏହି ବାକ୍ୟ ଗୁଡ଼ିକ ତୁମ ଝିଅ ପ୍ରତି ବ୍ୟବହାର କଲେ ଭଲ ହେବ । ମୋ ପୁଅ ତୁମ ଝିଅ ପିଛା କରୁନି ବରଂ ତୁମ ଝିଅ ମୋ ପୁଅକୁ ପଛପଟୁ ଜାବୁଡ଼ି ଧରିଛି । ସବୁକ୍ଷେତ୍ରରେ ଆଇନ୍ କାମ ଦିଏ ନାହିଁ । ସ୍ରୋତସ୍ୱିନୀ ନଦୀର ଗତିରୋଧ କରିବା ପାଇଁ ହୀରାକୁଦବନ୍ଧ ପରି କଂକ୍ରିଟ ବନ୍ଧ ବି ସକ୍ଷମ ନୁହଁ ଜଗଦାନନ୍ଦ ବାବୁ ।

କିଛିଦିନ ପରେ ସରକାରୀ କଲେଜରେ ମାନେ ସୁଶାନ୍ତ ଧରଣୀଧର କଲେଜ କେନ୍ଦୁଝର ଓ ସୁନନ୍ଦ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ବାରିପଦାରେ ଅଧ୍ୟାପକ ଓ ଅଧ୍ୟାପିକା ପଦରେ ନିଯୁକ୍ତି ପାଇଲେ । କେନ୍ଦୁଝର, ବାରିପଦାର ଭୌଗୋଳିକ ଦୂରତା ଠାରୁ ଦୁହିଁଙ୍କର ହୃଦୟର ଦୂରତା ଅତି ନିକଟତର ଥିଲା । ପ୍ରତିଦିନ ଫୋନରେ ଆଳାପ ଆଲୋଚନା, ଛୁଟିଦିନ ମାନଙ୍କରେ ପୁରୀ ଚିଲିକା, ଚନ୍ଦନେଶ୍ୱର, ତାଳସାରୀ, ଦିଘା, ଚାନ୍ଦିପୁର ପରି ଦର୍ଶନୀୟ ସ୍ଥାନରେ ଭ୍ରମଣ କରିବାକୁ ବି ଭୁଲି ନଥିଲେ । ଭୁଲି ଯାଇଥିଲେ ଛାତ୍ରାବସ୍ଥାରେ ଦୁହିଁଙ୍କ ମଧ୍ୟରେ ଛିଡ଼ା ହୋଇଥିବା ପ୍ରତିଯୋଗିତାର କାନ୍ଥର ଉପସ୍ଥିତି । ଦୁହେଁ ମାନସିକ ସ୍ତରରେ ବନ୍ଧୁତ୍ୱର ବନ୍ଧନ ନେଇ ଭ୍ରମଣ କରୁଥିଲେ ବି ଦୈହିକ ମିଳନଠାରୁ ଦୂରେଇ ରହୁଥିଲେ, ଯାହାକୁ କୁହନ୍ତି ସଙ୍ଗ ଭଲ ପାଇବାର ନମୁନା ବା ଉଦାହରଣ ।

ଦିନେ ସୁନନ୍ଦା ତା' ବାପା ଜଗଦାନନ୍ଦଙ୍କୁ ଫୋନ ମାଧ୍ୟମରେ ଜଣାଇ ଦେଲା କି ସେ ତାର ସହପାଠୀ ସୁଶାନ୍ତକୁ ବିବାହ କରିବାକୁ ଚାହେଁ । ସୁଶାନ୍ତ ବି ଚିଠିଦ୍ୱାରା ଜଣାଇଦେଲା ତା' ବାପା ଶଶିକାନ୍ତଙ୍କୁ ଅନୁରୂପ ବାର୍ତ୍ତା ।

ଉତ୍ତର ଆସିଲା ଜଗଦାନନ୍ଦଙ୍କ ଠାରୁ ଶୁଣ ମା, ତୁ ମୋର ଏକମାତ୍ର ଝିଅ । ମୁଁ ଏପରି ଏକ ପରିବାର ସହିତ ବିବାହ ଦେବାକୁ ଚାହେଁ, ଯେଉଁ ପରିବାରର ଥିବ ଅଜସ୍ର ଖ୍ୟାତି ଓ ସଂସ୍କାର, ଧନଧାନ୍ୟ ପୂର୍ଣ୍ଣ ଆଭିଜାତ୍ୟ ପରିବାର ହୋଇଥିବ । ସୁଶାନ୍ତର ଅଛି କ'ଣ ? ଚାକିରିକୁ ଛାଡ଼ିଦେଲେ ତାର ଅଛି ନା ଆଭିଜାତ୍ୟ ନା ସାମାଜିକ ସଂସ୍କାର । ଏକ ଉଚ୍ଚ ବ୍ରାହ୍ମଣ ପରିବାରରେ ତୋର ଜନ୍ମ । କୁଳ ତଥା ବାପାର ସମ୍ମାନକୁ ବିଚାରକୁ ନେଇ ତୋ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଅନୁରୋଧ । ଯଦି କହିବୁ ଆଜିଠାରୁ ଉପଯୁକ୍ତ ଶିକ୍ଷିତ ପାତ୍ରଟିଏ ସନ୍ଧାନ କରିବି ।

ଶଶିକାନ୍ତ ଲେଖିଥିଲା "ମୁଁ ଯାହା ଦେଖୁଛି ଜଗଦାନନ୍ଦ ଝିଅ ସୁନନ୍ଦା ତୋ ମୁଣ୍ଡକୁ ବିଗାଡ଼ି ଦେଲାଣି । ବ୍ରାହ୍ମଣ ହେଉଛି ଛତିଶପାଟ ଜାତିର ରାଜା । ବ୍ରାହ୍ମଣ ଝିଅ, ବୋହୂ ହୋଇ ମୋ ଘରକୁ ଆସିଲେ ମୋ ବଂଶର ଅମଙ୍ଗଳ ହେବ । ସେ ମୋ ପାଦଛୁଇଁ ପ୍ରଣାମ କରିବ ଏହା ଅସମ୍ଭବ । ଯଦି କହିବୁ ତୋ ପାଇଁ ସୁନ୍ଦରୀ ଶିକ୍ଷିତା ଖଣ୍ଡାୟତ ଘରର ଝିଅଟିଏ ଯୋଗାଡ଼ କରିବି ।

ସେମାନଙ୍କର ଯୁକ୍ତିକୁ କର୍ଣ୍ଣପାତ ନ କରି ସୁଶାନ୍ତ, ସୁନନ୍ଦା କେନ୍ଦୁଝର କଚେରିରେ ରେଜେଷ୍ଟ୍ରି ବିବାହ କରିଥିଲେ । ସାକ୍ଷୀଥିଲେ ଦୁଇ କଲେଜର ଅଧ୍ୟାପକ ଓ ଅଧ୍ୟାପିକାମାନେ ।

ସେମାନଙ୍କ ବିବାହକୁ ଶଶିକାନ୍ତ ସ୍ୱୀକୃତି ଦେଇଥିଲେ ବି ଜଗଦାନନ୍ଦ ଆଦୌ ଗ୍ରହଣ କରି ନଥିଲେ । ତାଙ୍କର ଧାରଣା ହେଲା, ଏହା ପଛରେ ସୁଶାନ୍ତ ଓ ତା ବାପାର ହାତ ଅଛି । ତାଙ୍କ ଝିଅର ମୋଟା ଅଙ୍କର ଦରମା ହିଁ ଏହାର ମୂଳ କାରଣ ।

ନିଜକୁ ସୁରକ୍ଷିତ ମନେ କରି ଜଗଦାନନ୍ଦ କଟକ ହାଇକୋର୍ଟକୁ ତାଙ୍କର ଓକିଲାତି ବ୍ୟବସାୟ ସ୍ଥାନାନ୍ତରିତ କରିନେଲେ

ବିବାହର କିଛିଦିନ ପରେ ସୁଶାନ୍ତ ସୁନନ୍ଦାକୁ ନିଜ ଗାଁକୁ ଯିବାକୁ ଅନୁରୋଧ କରି କହିଥିଲା, ଚାଲ ସୁନନ୍ଦା ଆମ ଘରକୁ ଯିବା, ବିବାହ ପରେ ଶଶୁର ଘର ଏକୁଟି ବନ୍ଧ ଡେଇଁବା କୁଳବଧୂର ଏକାନ୍ତ କାମ୍ୟ । ମୋ ବାପା ବୋଉ ଭାଇ-ଭଉଣୀ ଆମର ଆଗମନକୁ ଚାତକ ପରି ଚାହିଁ ରହିଛନ୍ତି ।

ପ୍ରଥମେ ପ୍ରଥମେ ସୁନନ୍ଦା ସୁଶାନ୍ତର ଗାଁକୁ ଯିବାକୁ ରାଜି ନ ଥିଲା । କାରଣ ସେ ଜାଣିଥିଲା, ଗାଁ ଗହଳିର ଚାଲିଚଳଣି ତା ପକ୍ଷରେ ଅସହ୍ୟ ହେବ । ସଦା ସର୍ବଦା ସହରୀ ସଭ୍ୟତାରେ ଚଳି ଆସିଥିବା ସୁନନ୍ଦା ତା ପିଉସୀ ଘରକୁ ଯାଇ ଦେଖିଛି ଗାଁର ଚଳିବା, ଯେଉଁଥିରେ ସେ କଦାପି ଖାପ୍‌ଖୁଆଇ ପାରୁ ନଥିଲା ।

ସୁଶାନ୍ତର ବାରମ୍ବାର ଅନୁରୋଧକୁ ଏଡ଼ାଇ ନ ପାରି ଶେଷରେ ସୁଶାନ୍ତ ସାଥିରେ ତା' ଶଶୁର ଘର ଗାଁକୁ ଆସିଥିଲା ସୁନନ୍ଦା । ସେଠାରେ ପହଞ୍ଚି ଦେଖିଲା, ସେ ଯାହା ଅନୁମାନ କରୁଥିଲା, ତାହା ବାସ୍ତବ । ମାଟିକାନ୍ଥ ଛପର ଯଦିବା ଆଜବେଷ୍ଟସ୍‌ଘର, ଟଳ ପଙ୍ଖା, ବିଜୁଳିର ବ୍ୟବସ୍ଥା ଅଛି ହେଲେ ଗାଧୋଇବା ଝାଡ଼ା ଯିବାର ସାମାନ୍ୟତମ ସୁବିଧା ନାହିଁ । ଘରର କୋଠରୀ ଅଣ ଅସାରିଆ । ପ୍ରଶସ୍ତ ଝରକା ନାହିଁ ବାହାରର ଆଲୋକ ପରିଷ୍କାର ଭାବରେ ପ୍ରବେଶ କରିବା ପାଇଁ । ଦିନ ବେଳା ଆଲୁଅ ନ ଜାଳିଲେ ଜିନିଷ ଗୁଡ଼ିକୁ ଦେଖିବା କଷ୍ଟକର । ରାନ୍ଧିବାର ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ । ଗେସ୍ ଚୁଲା ନାହିଁ । କାଠ ଚୁଲିରେ ରାନ୍ଧିବାକୁ ହୁଏ । ପୁଣି ଦିନକୁ ଦଶଥର ବିଜୁଳି କାଟ । ସୁନନ୍ଦା ଦୁଇଦିନ ରହଣି ମଧ୍ୟରେ ଅତିଷ୍ଠ ହୋଇ ପଡ଼ିଲା । ସୁନନ୍ଦା କହିଥିଲା, ସୁଶାନ୍ତକୁ ଢେର ହୋଇଗଲା । ଶଶୁର ଘର ବି

ମନ୍ଦା ହୋଇଗଲା, ଏଥର ଫେରିଚାଲ ଭଳିକିରିକୁ ।

ସୁଶାନ୍ତ କହିଥିଲା, ଏତେ ଶୀଘ୍ର ଫେରିଗଲେ ବାପାଙ୍କ ମନକଷ୍ଟ ହେବ । ଅତ୍ୟନ୍ତ ଏକ ସପ୍ତାହ ରହିବାକୁ ହେବ । ଏଥର ରୋକ୍‌ଠୋକ୍ ମନ କରିଦେଲା ସୁନନ୍ଦା । ଯଦି ବାପା ବୋଉଙ୍କ ମନରେ କଷ୍ଟ ହେବ ବୋଲି ଭାବୁଥାଅ, ତୁମେ ଏକ ସପ୍ତାହ ରୁହ, ମୁଁ କାଲି ସକାଳୁ ଏକାଏକା ଫେରିବି କହି ତାର ସମସ୍ତ ଆସବାବ ପତ୍ର ଆଟେଚିରେ ସଜାଡ଼ି ଦେଲା ।

ସୁଶାନ୍ତ କହିଥିଲା ଘର କରିଥିଲେ ଅନେକ କିଛି ସହ୍ୟ କରିବାକୁ ପଡ଼େ । ହଠାତ୍ ଏପରି ଚାଲିଯିବାଟା ଅସୁନ୍ଦର ହେବ, ଘରର ପରିସ୍ଥିତି କଣ ଏମିତି ସବୁଦିନେ ଥିବ । ବଦଳି ଯିବ । ସୁଶାନ୍ତର ସବୁ ଅନୁରୋଧ ବ୍ୟର୍ଥ ହେଲା । ବାଧ ହୋଇ ସୁଶାନ୍ତ ପରଦିନ ସକାଳୁ ସୁନନ୍ଦା ସହ ଫେରି ଆସିଲା ।

ବସରେ ବସିଥିବା ବେଳେ ସୁଶାନ୍ତ କହିଥିଲା, ଆମେ ଦୁଇଜଣ ଆମ ପରିବାରର ରୋଜଗାରିଆ ବ୍ୟକ୍ତି । ଘରର ଉନ୍ନତି ଆମର କର୍ତ୍ତବ୍ୟ । ବାପା ତାଙ୍କର ସୀମିତ ଦରମାରୁ ଆୟ କରି ଯାହା କରିଛନ୍ତି ଅନେକ କରିଛନ୍ତି । ଏ ବର୍ଷ ଗାଧୁଆଘର ଓ ପାଇଖାନା ଘର ନିଶ୍ଚିତ ତିଆରି ହେବ ।

ସୁନନ୍ଦା କହିଥିଲା, ଗାଁର ଡେଭଲପ୍‌ମେଣ୍ଟ ପାଇଁ ମୁଁ ଦଶ ପଇସା ବି ଦେବି ନାହିଁ । ଏଠାରେ ଘର କଲେ କି ଲାଭ ହେବ ? ବରଂ ସହରରେ ଜାଗାଖଣ୍ଡେ କିଣି ଘର କଲେ ନିଜେ ରହି ଭଡ଼ା ବି ଦେଇହେବ । ସହରରେ ଘରଖଣ୍ଡେ ଥିଲେ ତାହା ଦୁଧିଆଳୀ ଗାଈ ସହ ସମାନ । ସୁନନ୍ଦାର କଥା ଗୁଡ଼ାକ ସୁଶାନ୍ତକୁ ଭଲ ଲାଗୁ ନ ଥିଲେ ବି ଭଦ୍ରତା ଦୃଷ୍ଟିରୁ ଚୁପ୍ ରହିବାକୁ ବାଧ ହୋଇଥିଲା । କହିବାକୁ ଗଲେ ସେହିଦିନଠାରୁ ପରସ୍ପର ଭଲ ପାଇ ବିବାହ କରିଥିବା ଦାମ୍ପତ୍ୟ ଜୀବନର ସେତୁରେ ସାମାନ୍ୟତମ ମନୋମାଳିନ୍ୟର ଫାଟ ସୃଷ୍ଟି ହୋଇଥିଲା ।

କିଛିଦିନ ପରେ ସୁନନ୍ଦା କହିଥିଲା, ବାପା କଟକରେ ଓକିଲାତି କରୁଥିଲେ ବି ଭୁବନେଶ୍ୱରରେ ରହୁଛନ୍ତି । ରହିଲେ ସେ ଆମ ପାଇଁ ସେଠାରେ ଜାଗା କି ଫ୍ଲାଟଟିଏ ଯୋଗାଡ଼ କରିଦେବେ । ଆଜି ମୁଁ ତାଙ୍କ ସହ କଥା ହୋଇଥିଲି । ସେ କହିଲେ, ଆଗରୁ କହିଥିଲେ କେତେ ଦିନରୁ ଏ କାମ ସେ କରି ସାରନ୍ତେଣି ।

ଟିକିଏ ଉତ୍ତେଜିତ ହୋଇ ସୁଶାନ୍ତ କହିଥିଲା, ସୁନନ୍ଦା ପରିଶ୍ରମ କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବାରେ ଯେଉଁ ଆନନ୍ଦ ଅଛି, ପର ଦୟାରେ ଆଶ୍ରିତ ହେବାରେ ସେ ଆନନ୍ଦ ମିଳେ ନାହିଁ । ତୁମେ କୁହ ଏ ପରିପ୍ରେକ୍ଷୀରେ ସହରରେ ଘର ଖଣ୍ଡିଏ କରିବା କଣ ନିହାତି ଦରକାର ?

ସୁନନ୍ଦା କହିଥିଲା, ମୋ ବାପା ତୁମ ପାଇଁ ପର ହୋଇ ପାରନ୍ତି, ମୋ ପାଇଁ ନୁହଁ । ସହରରେ ଘର ଖଣ୍ଡେ ତୁମ ପାଇଁ ନ ହେଲେ ବି ମୋ ପାଇଁ ନିହାତି ଜରୁରୀ । ସେ ମଫସଲରେ ଚଳିବା ମୋ ପକ୍ଷେ ଅସହ୍ୟ । ଆସ୍ତେ ଆସ୍ତେ ଦାମ୍ପତ୍ୟ ଜୀବନର ଅଶାନ୍ତ ଝଡ଼ ପ୍ରସାରିତ ହେବାକୁ ଆରମ୍ଭ କଲା ।

କିଛିଦିନ ପରେ ସୁଶାନ୍ତର ବଦଳି ହୋଇଗଲା ସୁଦୂର ବଲାଙ୍ଗିର କଲେଜକୁ । ଧରାଧରି କରି ସୁନନ୍ଦାକୁ ବି ବଦଳି କରିନେଲା ବାରିପଦାରୁ ବଲାଙ୍ଗିର । ଏ ମଧ୍ୟରେ ଚିନୁ ବି ଜନ୍ମ ହୋଇ ସାରିଥିଲା । କିଛି ଦିନ ବୈବାହିକ ଜୀବନ ତାଙ୍କର ସୁଖରେ କଟୁଥିବା ବେଳେ ହଠାତ୍ ଏକ କାଳବୈଶାଖୀର କରାଳ ଝଡ଼ ସେଦିନ ଦେଖାଦେଲା ।

ସେଦିନ ସୁଶାନ୍ତର ବାପା ଚିଠିଟିଏ ଦେଇଥିଲେ, ସୁଶାନ୍ତ ପାଖକୁ ଯେଉଁଥିରେ ଲେଖାଥିଲା, "ସୁଶାନ୍ତ କେନ୍ଦୁଝରରେ ଥିଲାବେଳେ ନିୟମିତ ଚିଠି ଦେଉଥିଲୁ । ମଝିରେ ମଝିରେ ବି ଘରକୁ ଆସୁଥିଲୁ, ବଲାଙ୍ଗିର ଗଲାଠାରୁ ଘରକୁ ଆସିବା ତ ଦୂରର କଥା, ଚିଠି ଖଣ୍ଡିଏ ବି ପଠାଉ ନାହୁଁ । ନାତି ବୋହୂ କିପରି ଅଛନ୍ତି ? ଘରର ଆର୍ଥିକ ଅବସ୍ଥା ସେହିପରି, ଟଙ୍କା ପଠାଇଥିଲେ ଘରର ପାଇଖାନା, ଗାଧୁଆଘର କରିଥାନ୍ତି । ଅଧା ହୋଇପଡ଼ିଛି ।

ଶୁଣି ଖୁସି ହେବୁ ଯେ ତୋ ଭଉଣୀ ମିନାର ବାହାଘର ଠିକ୍ କରି ଦେଇଛି । ପିଲାଟି ବାଲେଶ୍ୱର କଲେକଟରିଏଟ୍‌ରେ କିରାଣୀ ଅଛି । ସଚଳଘର, ତାଙ୍କର ସେମିତି ଡିମାଣ୍ଡ ନାହିଁ । ଯାହା ଦେବା । ମାତ୍ର ଏକ ଲକ୍ଷ ଟଙ୍କା ରାହାଖର୍ଚ୍ଚ ମାଗୁଛନ୍ତି । ତୁମେ ଦୁହେଁ ମିଶି ଏକଲକ୍ଷ ଟଙ୍କା ପଠାଅ । ବାକି ଖର୍ଚ୍ଚ ମୁଁ ବହନ କରିବି । ଏହାକୁ ଜରୁରୀ ମନେ କରି ଦୁହେଁ ନିଶ୍ଚୟ ଆସିବ । ଆସିଲେ ବର ଘର ଦେଖି ଆସିବ । ଲଗ୍ନ ବି ସ୍ଥିର କରିଯିବ ।"

ସୁଶାନ୍ତ ଚିଠିଟି ପଢ଼ି ସାରି ସୁନନ୍ଦା ହାତକୁ ଆନନ୍ଦରେ ବଢ଼ାଇ ଦେଇ କହିଲା, ନିଅ ବାପା, ଚିଠିରେ ସବୁ କଣ ଲେଖିଛନ୍ତି, ପଢ଼ । ଏହା ଏକ ଜରୁରୀ ଚିଠି । ବାପା ଆମ ଦୁଇଜଣଙ୍କର ଯିବା ପଥକୁ ଚାହିଁ ବସିଛନ୍ତି । ମିନା ବାହାଘର ଠିକ୍ କରିଛନ୍ତି ।

ସୁନନ୍ଦା ଚିଠିଟିକୁ ପଢ଼ିସାରିବା ପରେ ଘୃଣାରେ ଦୁଇହାତରେ ଦଳିଚକଟି ଦୂରକୁ ଫିଙ୍ଗିଦେଲା । କହିଲା ଖାଲି ଟଙ୍କା ଟଙ୍କା । ଟଙ୍କା କ'ଣ ଗଛର ଫଳ ନା କାମଧେନୁ ? ଯେତେବେଳେ ଚାହିଁବ ମିଳି ଯାଉଥିବ ।

ସୁନନ୍ଦାର ଏପରି ବେଖାତିର ବ୍ୟବହାରରେ ସୁଶାନ୍ତ ଅତିମାତ୍ରାରେ ବ୍ୟଥିତ ହୋଇ ବଢ଼ାଗଳାରେ କହିଥିଲା, ଚିଠିଟାକୁ ଏପରି ଭାବରେ ଫିଙ୍ଗି ଦେଲ କାହିଁକି ? ସେ ଚିଠିର ଗୁରୁତ୍ୱ ଉପଲବ୍ଧି କରିବା ତୁମର କ'ଣ କର୍ତ୍ତବ୍ୟ ନୁହଁ ?

ସୁନନ୍ଦା ଏକ ତିରା ତିରା ସ୍ୱରରେ କହିଥିଲା, ଏପରି ଚିଠିକୁ ମୁଁ ଆଦୌ ଗୁରୁତ୍ୱ ଦିଏ ନାହିଁ । ତୁମ ଭଉଣୀ ବାହାଘର ତୁମେ ବୁଝିବ । ଅଯଥାରେ ମୋ ଉପରେ ଆର୍ଥିକ ବୋଝ ଲଦିଦେବାକୁ ଆଦୌ ଚେଷ୍ଟା କରନାହିଁ ।

ମିନା ମୋ ଭଉଣୀ ତୁମର କେହି ନୁହଁ ? ଘରର ବଡ଼ ବୋହୂ ସମସ୍ୟାର ସମାଧାନ କରିବାରେ ତୁମର କ'ଣ କର୍ତ୍ତବ୍ୟ ନାହିଁ ?

କର୍ତ୍ତବ୍ୟର ଅର୍ଥ କ'ଣ ଖାଲି ଦାନ ? ମୁଁ ସିଧା ସିଧା କହିଦେଉଛି, ସେ ବାହାଘରକୁ ଯାଇପାରେ ମାତ୍ର ଦଶ ପଇସା ଖର୍ଚ୍ଚ କରିବାର ସପକ୍ଷରେ ନାହିଁ । ମୋର କଷ୍ଟାର୍ଜିତ ଅର୍ଥକୁ ଏମିତି ପାଣିରେ ଅଜାଡ଼ି ଦେବାକୁ ଚାହେଁ ନାହିଁ । ପାରୁଛ ତ ବାପାଙ୍କୁ ଲେଖି ଜଣାଇ ଦିଅ ସେ ଦୁଇମାଣ ଜମି ବିକ୍ରୀ କରି ହିଁଅ ବାହାଘର ଖର୍ଚ୍ଚ ତୁଲାଇ ନିଅନ୍ତୁ । ନହେବା ତୁମେ ତୁମ ଗେହ୍ଲା ଭଉଣୀର ବାହାଘର ପାଇଁ ନିଜର ପି.ଏଫ୍.ରୁ ଲୋନ୍ ନେଇ, ନହେଲା ଅନ୍ୟଠାରୁ ଧାର କରଜ କରି ଏକଲକ୍ଷ ପଠାଇବାର ବ୍ୟବସ୍ଥା କର । ମୋତେ ବାରମ୍ବାର ଏ ବିଷୟରେ କହି ମୋ ରାଗକୁ ଦ୍ୱିଗୁଣିତ କର ନାହିଁ । ହାତରେ ଧନ ନାହିଁ ତ ଏତେ ବଡ଼ କାର୍ଯ୍ୟ କରିବାକୁ ମନ କାହିଁକି ? ମୋ ରୋଜଗାରରେ ଚଳିବାକୁ ଚେଷ୍ଟା କର ନାହିଁ ।

ଏଥର ସୁଶାନ୍ତର ରାଗ ପଞ୍ଚମକୁ ଚଢ଼ିଗଲା । ଅତ୍ୟନ୍ତ ଉତ୍ତେଜିତ ହୋଇ କହିଲା, "ତୁମେ ଯାହା କହୁଛ ଭାବିଚିନ୍ତି କହୁଛ ତ ? ମୁଁ ତୁମ ରୋଜଗାରରେ ଚଳୁଛି, ଏ କଥା କିପରି କହିପାରୁଛ ? ଏପରି ବାଜେ କଥା ତୁମ ତୁଣ୍ଡରେ ଧରିବାକୁ ଅପଚେଷ୍ଟା କର ନାହିଁ ?

କଲେ କ'ଣ କରିପାରିବ ତୁମେ ମୋର ?

କ'ଣ କରିବି ଦେଖିବାକୁ ଚାହୁଁଛ ? ରାଗରେ ସୁନନ୍ଦାର ବାମ ଗାଲରେ ଠୋ କରି ଚାପୁଡ଼ାଟାଏ ମାରି ଦେଇ କହିଲା, ଦେଖିଲ ମୁଁ କ'ଣ କରି ପାରିବି ? ମୋ ବାପାଙ୍କର ପ୍ରସ୍ତାବରେ ମୁଁ ରାଜି ନ ହୋଇ ତୁମକୁ ବିବାହ କରି ମସ୍ତବଡ଼ ଭୁଲ୍ କରିଛି ? ସହିବାର ଗୋଟେ ସୀମା ଅଛି ସୁନନ୍ଦା ।

ସୁନନ୍ଦା ଛାଡ଼ିବାର ବ୍ୟକ୍ତି ନ ଥିଲା । ଆହତ ତମ୍ପୁଣୀ ପରି ଫଁ ଫଁ ହୋଇ ସୁଶାନ୍ତର ଗାଲରେ ଏକ ବ୍ରହ୍ମ ଚାପୁଡ଼ା ମାରି କହିଲା, ତୁମକୁ ଏକା ହାତ ଉଠାଇ ଆସେ, ମୋ ହାତ ପଙ୍ଗୁ କି ଅଥର୍ବ ନୁହଁ । କଣ୍ଟାକୁ କଣ୍ଟାରେ ଖୋଳାଯାଏ । ଦାନ୍ତରେ ନୁହଁ କି ଜିଭରେ ନୁହଁ । ନାରୀ କେବେ ଦୁର୍ବଳ ଓ ସ୍ୱାମୀର ବୋଲକରା ଥିଲା । ଆଜି ସେ ଦିନ ଆଉ ନାହିଁ । ମୁଁ ତୁମର ଅନ୍ନରେ ପ୍ରତିପାଳିତ ନୁହଁ ଯେ ତୁମେ ଯାହା କହିବ ମୁଁ ମାନିବାକୁ ବାଧ୍ୟ । ସମାଜରେ ମୋର ବି ଏକ ସ୍ୱତନ୍ତ୍ର ସ୍ଥାନ ଅଛି, ଏ କଥା ଭୁଲି ଯାଅ ନାହିଁ ସୁଶାନ୍ତ । ତୁମ ପରି ମୁଁ ବି ମୋ ବାପାଙ୍କର ପ୍ରସ୍ତାବକୁ ଆଡ଼େଇ ଦେଇ ତୁମକୁ ବିବାହ କରି ମସ୍ତବଡ଼ ଭୁଲ କରିଛି । ଯାହା ଏବେ ଅନ୍ତରେ ଅନ୍ତରେ ଅନୁଭବ କରୁଛି ।

ପ୍ରେମ ବିବାହ ଯେ ସବୁ କ୍ଷେତ୍ରରେ ବିଶେଷତଃ ରକ୍ଷଣଶୀଳ ସମାଜରେ ସଫଳ ହୁଏ ନାହିଁ ଏହି ଭାବନାକୁ ଦୁହେଁ ଅନୁଭବ କରି ନିଜର ଆତ୍ମଗ୍ଲାନୀରେ ଜଳିବାକୁ ଲାଗିଲେ । ସାମାନ୍ୟ ଏକ ଚିଠିକୁ କେନ୍ଦ୍ର କରି ଏପରି ମହାଭାରତ ସୃଷ୍ଟି ହେବ ଦୁହେଁ ବି ବିଶ୍ୱାସ କରି ପାରି ନଥିଲେ ।

ସୁଶାନ୍ତର ଶତ ବାରଣ ସତ୍ତ୍ୱେ ସୁନନ୍ଦା ସଙ୍ଗେ ସଙ୍ଗେ ଘଟିଯାଇଥିବା ଘଟଣାବଳୀକୁ ତା ବାପା ଜଗଦାନନ୍ଦକୁ ଜଣାଇ ଦେଇଥିଲା । ସେ ପଟରୁ ଉତ୍ତର ଆସିଲା, ଚିନୁକୁ ଧରି ଯେତେ ଶୀଘ୍ର ବଲାଙ୍ଗିର ଛାଡ଼ି ଭୁବନେଶ୍ୱର ଚାଲିଆ । ଅବାଧ୍ୟ ଉଦ୍ଧତ ସୁଶାନ୍ତକୁ କିପରି ଶାସ୍ତି ଦିଆଯାଇ ପାରିବ ସେ ରାସ୍ତା ମୋତେ ବେଶ ଜଣା ।

ସୁଶାନ୍ତ ଭାବିଲା ସୁନନ୍ଦା ଏମିତି ମିଛରେ ତାକୁ ଧମକ ଦେଉଛି । ତାକୁ ଚିନୁକୁ ଛାଡ଼ି ସେ କଦାପି ତା ବାପା ପାଖକୁ ଭୁବନେଶ୍ୱର ଯିବ ନାହିଁ । ମାତ୍ର ପରଦିନ ସକାଳୁ ସୁନନ୍ଦା ଯେତେବେଳେ ନିଜର ବାକ୍ସ ସଜାଇ ଚିନୁକୁ ଧରି ଭୁବନେଶ୍ୱର ଯିବା ପାଇଁ ବଲାଙ୍ଗିର ବସ୍‌ଷ୍ଟାଣ୍ଡକୁ ବାହାରିଲା । ସୁଶାନ୍ତ ତାକୁ ବହୁତ ବୁଝାଇଥିଲା । ଘର କରିଥିଲେ ଏମିତି ମଝିରେ ମଝିରେ ମନାନ୍ତର ମତାନ୍ତର ହୁଏ । ଏହାକୁ ଦିବା ସ୍ୱପ୍ନ ପରି ଭୁଲିଯିବାକୁ ଅନୁରୋଧ କରିଥିଲା । ବିଶ୍ୱାସ କର କାଲିର ଘଟଣା ପାଇଁ ମୁଁ ଅତ୍ୟନ୍ତ ମର୍ମାହତ ।

ସୁଶାନ୍ତର ସମସ୍ତ କାକୁତି ମିନତିକୁ ପାଦରେ ଦଳି ଦେଇ ସୁନନ୍ଦା ଅତି କର୍କଶ ଗଳାରେ କହିଥିଲା ବନ୍ଦ କର ତୁମର ସେ ଛଳନା ଏକ୍‌ଟିଂ । ଜଣେ ଶିକ୍ଷିତା ଭଦ୍ର ମହିଳାର ମନ ଜାଣିବାକୁ ଅକ୍ଷମ ଅପଦାର୍ଥ ସ୍ୱାମୀ । ଶିକ୍ଷିତ ହୋଇଛି ମାତ୍ର ସଂସ୍କାର ଜାଣି ନାହିଁ । ଭଲରେ ଭଲରେ କହୁଛି ମୋ ପଥରୋଧ କରିବାକୁ ଅପଚେଷ୍ଟା କର ନାହିଁ ।

ଏକ ବିସ୍ମୟ ବିସ୍ଫାରିତ ଚକ୍ଷୁରେ ବଲବଲ କରି ଚାହିଁ ରହିଲା ସୁଶାନ୍ତ ସୁନନ୍ଦାର ମୁହଁକୁ । କ'ଣ କହୁଛି ସେ ? ସଂସ୍କାର ସେ ଶିଖି ନାହିଁ । ତଥାପି ମୁହଁ ଖୋଲି କିଛି କହି ନଥିଲା ସୁନନ୍ଦାକୁ । ଯେତେବେଳେ ସୁନନ୍ଦା ଗେଟ୍ ଖୋଲି ଚିନୁକୁ ଧରି ରିକ୍ସାରେ ବସିଲା, ସୁଶାନ୍ତ ବାଧା ନ ଦେଇ ଅପଲକ ନୟନରେ ଚାହିଁ ରହିଥିଲା ତା ଚକ୍ଷୁରୁ ଅନ୍ତର ହେବାଯାଏ ରିକ୍‌ସାକୁ ।

ଭୁବନେଶ୍ୱରରୁ ଲମ୍ବା ଛୁଟି ଦରଖାସ୍ତ ଖଣ୍ଡିଏ ପଠାଇ ଦେଇଥିଲା, ବଲାଙ୍ଗିର କଲେଜ ଅଧ୍ୟକ୍ଷଙ୍କ ପାଖକୁ ସୁନନ୍ଦା ।

ଏହି ଘଟଣା ଘଟିବା ପରେ ସୁଶାନ୍ତ ଅନେକ ଥର ଫୋନକରି ଚିଠି ଦେଇ ସୁନନ୍ଦାକୁ ଅନୁରୋଧ କରିଛି । କହିଛି ପଛ କଥା ଭୁଲି ବଲାଙ୍ଗିର ଫେରି ଆସିବାକୁ । ଏହା ସହିତ ତାକୁ ବୁଝାଇ ଦେଇଛି, ଦିନେ ନା ଦିନେ ଉଷୁନା ଧାନ ଢେଙ୍କି ମୁଣ୍ଡକୁ ଆସିବା ପରି ତୁମେ ତୁମ ଭୁଲ ପାଇଁ ପଶ୍ଚାତାପ କରି ନିଶ୍ଚୟ ମୋ ପାଖକୁ ଫେରି ଆସିବା ହୁଏ ତ ବିଳମ୍ବ ହୋଇପାରେ ।

କିଛି ପ୍ରତିକ୍ରିୟା ଅନୁଭବ କରି ପାରିଲା ସୁଶାନ୍ତ । ସୁନନ୍ଦାର ଗୋଟିଏ ଜିଦ୍ ଧୋକି ଥିବା ଛେପକୁ ସେ କଦାପି ଚାଟିବ ନାହିଁ । ସୁନନ୍ଦା ପାଇଁ ଯେତିକି ନୁହଁ ଚିନୁ ପାଇଁ ଚିନ୍ତା କରି ସୁଶାନ୍ତ ସର୍ବଦା ଅନ୍ୟମନସ୍କ ରହିଲା । ଖାଇବା ପିଇବାର ଅବହେଳା ସହ ଦେହ ପ୍ରତି ଅଯତ୍ନ । ପୋଷାକ ପରିଚ୍ଛେଦପାଇଁ ଅନାସକ୍ତ ଭାବ ହେଲେ ସୁଶାନ୍ତ କୌଣସି ଦିନ କଲେଜ ଯିବା ବନ୍ଦ କରିନି କି କ୍ଲାସ ନେବାରେ ଅବହେଳା କରିନି ।

ଠିକ୍ ମାସେ ପରେ ସୁନନ୍ଦା ଫୋନ୍ କରି କହିଥିଲା, ସୁଶାନ୍ତ

ତୁମେ ସେଦିନ କହିଥିଲ ନା ତୁମେ ତୁମ ବାପାଙ୍କ ପ୍ରସ୍ତାବରେ ରାଜି ହୋଇ ବିବାହ କରିଥିଲେ ତୁମ ବୈବାହିକ ଜୀବନରେ ଏମିତି ଝଡ଼ଝଞ୍ଜା ନ ଥାନ୍ତା । ଏବେ ବି ବେଳ ଅଛି, ମୁଁ ବି ଅନୁମତି ଦେଉଛି, ତୁମେ ଦ୍ୱିତୀୟ ବିବାହ କରିପାର । ମୋତେ ଭୁଲିଯାଅ । ତୁମକୁ ମୁଁ ଏହି ମଧ୍ୟରେ ଛାଡ଼ପତ୍ର ଦେବାକୁ ମନସ୍ଥ କରି ସାରିଛି । ଅତି ଶୀଘ୍ର ମୋ ତରଫରୁ ଓକିଲ ନୋଟିସ୍ ପାଇଯିବ ।

ଏପଟରୁ ସୁଶାନ୍ତ ଉତ୍ତର ଦେଇଥିଲା, ସୁନନ୍ଦା ସୁଶାନ୍ତର ଆଉ ବୟସ ନାହିଁ ଦ୍ୱିତୀୟ ବିବାହ କରିବାକୁ । କାଗଜ କଲମରେ ଲିଖିତ ଛାଡ଼ପତ୍ର ପ୍ରକୃତରେ ଛାଡ଼ପତ୍ର ନୁହଁ । ଯେଉଁ ଦିନ ଜଣେ ଅନ୍ୟକୁ ସବୁଦିନ ପାଇଁ ଛାଡ଼ି ଯୁଇର ନିଆଁରେ ଜଳିଯାଏ, ସେହିଦିନ ହିଁ ପ୍ରକୃତ ଛାଡ଼ପତ୍ର ଦଲିଲ୍ ସଂପାଦିତ ହୋଇଥାଏ । ତୁମେ ତୁମର ସେ ଚପଳାମୀ, ପାଗଳାମୀ ପରିତ୍ୟାଗ କରି ଟିନୁକୁ ଧରି ବଲାଙ୍ଗିର ଫେରି ଆସ ।

ସୁନନ୍ଦା କହିଥିଲା, ତାର ନିଷ୍ପତ୍ତି ପାଣିର ଗାର ନୁହଁ ସୁଶାନ୍ତ, ଯାହାର ସ୍ମୃତି ସଙ୍ଗେ ସଙ୍ଗେ ଲିଭିଯାଏ ।

ସୁନନ୍ଦା ଲନ୍‌ରେ ବସି ବସି ଅତୀତ ବର୍ତ୍ତମାନର ପୃଷ୍ଠା ଲେଉଟାଇ ଲେଉଟାଇ ବିରକ୍ତ ଲାଗିବାରୁ ଡ୍ରଇଂ ରୁମକୁ ଫେରି ଆସି ଆଜିର ଖବର ଶୁଣିବାକୁ ଟିଭି ସୁଇଚ୍ ଅନ କରିଦେଲା । ଶୁଣିଲା ମୁଁ ଖବର ପଢୁଛି ଯତିନ୍ ଦାସ । ଆଜିର ମୁଖ୍ୟ ଖବର, ବଲାଙ୍ଗିର କଲେଜର ପ୍ରବୀଣ ବରିଷ୍ଠ ପ୍ରାଧ୍ୟାପକ ସୁଶାନ୍ତ ରାଉତଙ୍କ ମଟର ସାଇକେଲ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା । ଶ୍ରୀଯୁକ୍ତ ରାଉତଙ୍କର ଅବସ୍ଥା ଗୁରୁତର । ବଲାଙ୍ଗିର ହସ୍‌ପିଟାଲରେ ଭର୍ତ୍ତି ।

ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ପ୍ରାଧ୍ୟାପକଙ୍କ ଶିକ୍ଷିତା ଅଧ୍ୟାପିକା ସ୍ତ୍ରୀ ଓ ପୁତ୍ର ତାଙ୍କୁ ଛାଡ଼ି ଚାଲି ଯାଇଥିବାରୁ ଶ୍ରୀଯୁକ୍ତ ରାଉତ ସବୁବେଳେ ଅନ୍ୟମନସ୍କ ରହୁଥିଲେ । ସେହି ଅନ୍ୟମନସ୍କତା ହିଁ ଆଜିର ଦୁର୍ଘଟଣାର ମୁଖ୍ୟ କାରଣ ।

କଲେଜ ଗେଟ୍ ସମ୍ମୁଖରେ ଆଜିଦିନ ଦଶଟାରେ ଦୁର୍ଘଟଣା ଘଟିଛି । ମୁଣ୍ଡରେ ହେଲ୍‌ମେଟ୍ ନ ଥିବାରୁ ମସ୍ତିଷ୍କରେ ଆଘାତ । ନ୍ୟୁଜ୍ ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ ସହ ପ୍ରାଧ୍ୟାପକ ରାଉତଙ୍କର ରକ୍ତ ଜୁଡୁବୁଡୁ ଶରୀର ସହ ମଟର ସାଇକେଲ୍ ଫଟୋ ବି ବାରମ୍ବାର ଟିଭିରେ ପ୍ରଦର୍ଶିତ ହେଉଥିଲା ।

ସୁନନ୍ଦାର ଆଖି ବନ୍ଦ ହୋଇଗଲା । କାନ ସହ ଗାଲରେ ହାତ ଦେଇ ଚିତ୍କାର କରି କହି ଉଠିଲା, ନା, ନା, ନା, ଏହା କଦାପି ସମ୍ଭବ ନୁହଁ । ପୁଣି ପର ମୁହୂର୍ତ୍ତରେ ନିଜକୁ ନିଜେ ଅତି କରୁଣ ସ୍ୱରରେ ବିଳପି ଉଠିଲା, ତୁମର ଏ ଅବସ୍ଥା ପାଇଁ ମୁଁ ହତଭାଗୀ ପୁରାପୁରି ଦାୟୀ । ମୋତେ କ୍ଷମା କରିଦିଅ ସୁଶାନ୍ତ । ତୁମର ସୁନନ୍ଦାକୁ କ୍ଷମା କରିଦିଅ । ଆଖିର ଅମାନିଆ ଦୁଃଖର ଅଶ୍ରୁ ସୁନନ୍ଦାର ଗଣ୍ଡ ଦେଶ ଆର୍ଦ୍ର କରି ଓଠ ସ୍ପର୍ଶକଲା । ଯେଉଁ ସୁନନ୍ଦା ଦିନେ ସୁଶାନ୍ତର ଛାଇ ମାଡ଼ିବାକୁ ଘୃଣା କରୁଥିଲା, ଆଜି ତାର କି ପରିବର୍ତ୍ତନ । ସୁନନ୍ଦାର କାନ୍ଦଣା ଶୁଣି ରୋଷେଇ ଘରୁ ଦୌଡ଼ି ଆସିଲା ଟିମା । ପଚାରିଲା, ଏପରି ବାୟାଣୀଙ୍କ ପରି କାହିଁକି ହେଉଛନ୍ତି ଦିଦି ? କିଛି ଖରାପ ଖବର ଟିଭିରୁ ଶୁଣିଲେ କି ? ଆମ ବାବୁ ବାବୁଆଣୀ ଟିନୁ ଭଲରେ ଅଛନ୍ତି ତ ?

ଲୁହ ଓ କୋହକୁ ଚାପିଧରି ସୁନନ୍ଦା କହିଲା, ଟିମା ଭୋର ଚାରିଟା ସୁଧା ବରମୁଣ୍ଡା ଯାଇ ସକାଳର ପ୍ରଥମ ବଲାଙ୍ଗିର ବସ୍ ଧରିବାକୁ ହେବ ତୁ ମୋ ସହିତ ଯିବୁ । ବସ୍ ଚଢ଼ାଇ ଦେଇ ଘରକୁ ଫେରି ଆସିବୁ ।

ମାଇଚିଆ ଟିମା କହିଲା, ଦିଦି ଫେର ପୁଣି ବଲାଙ୍ଗିର ଯିବ ? ଆମ ଭିଣୋଇ ବାବୁଙ୍କ ପାଖକୁ ? ସେ ପରା ତୁମକୁ ପିଟି ମାରି ଘରୁ ବାହାର କରି ଦେଇଥିଲେ । ପୁଣି କାହିଁକି ଯିବ କ'ଣ ମାଡ଼ ଖାଇବାକୁ ?

ନା' ଟିମା ମାଡ଼ ଖାଇବାକୁ ନୁହଁ, ତାଙ୍କୁ ଦେଖା କରିବାକୁ । କ'ଣ ଛାଡ଼ପତ୍ର କାଗଜରେ ଦସ୍ତଖତ କରାଇ ଆଣିବାକୁ ? ଟିମାର କଥା ଗୁଡ଼ାକ ସୁନନ୍ଦାର ଛାତିରେ ଛୁରି ପରି ପଶି ଯାଉଥିଲେ ବି କିଛି କହି ପାରି ନଥିଲା । ଏତିକି କହିଥିଲା, ମୁଁ ଯାହା କହୁଛି ଶୁଣ, କିଛି ମୋତେ ପଚାରନା ।

ପରଦିନ ସକାଳ ଦଶଟାରେ ବଲାଙ୍ଗିରରେ ପହଞ୍ଚି ରିକ୍ସା ଧରି ବଡ଼ ଡାକ୍ତରଖାନାରେ ପହଞ୍ଚିଲା ସୁନନ୍ଦା । ବୁଝିଲା ସୁଶାନ୍ତଙ୍କ ଦେହ ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ବୁର୍ଲା ବଡ଼ ମେଡ଼ିକଲକୁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ସାଥିରେ କଲେଜ ଅଧ୍ୟକ୍ଷ ସହ ଦୁଇଜଣ ବରିଷ୍ଠ ଅଧ୍ୟାପକ ବି ଯାଇଛନ୍ତି ।

ସୁନନ୍ଦା କଲେଜ ଅଧ୍ୟକ୍ଷଙ୍କୁ ଫୋନ୍‌କରି ବଲାଙ୍ଗିର ବୁର୍ଲା ବସ୍ ଧରିଲା । ବୁର୍ଲାରେ ପହଞ୍ଚିବା ବେଳକୁ ଦିନ ଦୁଇଟା । ସୁନନ୍ଦା ପାଇଁ ମେଡ଼ିକାଲରେ ଅଧ୍ୟକ୍ଷ ଅପେକ୍ଷା କରିଥିଲେ । ସୁନନ୍ଦା ଅଧ୍ୟକ୍ଷଙ୍କୁ ନମସ୍କାର କରି ବ୍ୟାକୁଳ କଣ୍ଠରେ ପଚାରିଲା, ସାର ସେ କେମିତି ଅଛନ୍ତି ?

ଅଧ୍ୟକ୍ଷ କହିଥିଲେ, କେଇପାଦଆଗେଇଗଲେ ଆଇ.ସି.ୟୁ. କେବିନ୍ ନିଜ ଆଖିରେ ଦେଖି ପରିସ୍ଥିତି ଜାଣି ପାରିବେ ।

ଆଇ.ସି.ୟୁ. କେବିନରେ ପହଞ୍ଚି ସୁନନ୍ଦା ଯାହା ଦେଖିଲା ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ । ଏହି କଣ ତା ମନର ମଣିଷ ସୁଶାନ୍ତ ? ସେ ଦିବ୍ୟକାନ୍ତ ରାଜକୁମାର ଚେହେରା କାହିଁ ? ସୁନ୍ଦର ମୁହଁଟି ଲମ୍ବା ଲମ୍ବା ଦାଢ଼ିରେ ପୂର୍ଣ୍ଣ । ଦେହ ଅତ୍ୟନ୍ତ ଦୁର୍ବଳ ଧଳା ଗଜକନାରେ ମସ୍ତକ ଆବୃତ । ବାମ କଡ଼ରେ ପଡ଼ି ରହିଛି ନିର୍ଜୀବ ଫଟୋ । ଯହିଁରେ ସୁଶାନ୍ତ ସୁନନ୍ଦା ଟିନୁକୁ କୋଳରେ ଧରି ଛିଡ଼ା ହୋଇଛି । ଆଖିବନ୍ଦ କରି ନିଶ୍ଚଳରେ ଶୋଇଯାଇଛି । କେବଳ କ୍ଷୀଣ ଶ୍ୱାସ ପ୍ରଶ୍ୱାସ ଚାଲିରହିଛି ।

ଆସ୍ତେ କରି ଫଟୋକୁ ଉଠାଇ ଆଣି ସୁନନ୍ଦା ନିଜ ଛାତିରେ ଚାପି ଧରିରଖିଲା । ପର ମୁହୂର୍ତ୍ତରେ ସୁଶାନ୍ତର ନିହାତି ଦୁର୍ବଳ ଶରୀରକୁ ଆସ୍ତେ

ଆସ୍ତେ ହଲାଇ ଡାକିଲା । "ଏ ଶୁଣୁଛ" ଆଖି ଖୋଲି ଦେଖ, ମୁଁ ତୁମ ପାଖକୁ ଫେରି ଆସିଛି । ତୁମ ସୁନନ୍ଦା ତୁମ ସମ୍ମୁଖରେ ଛିଡ଼ା ହୋଇଛି ।ଆଖି ଖୋଲ ସୁଶାନ୍ତ ଆଖି ଖୋଲ । ଛୋଟ ପିଲାଟି ପରି ଅଝଟିଆ ଗଳାରେ ପୁଣି ଡାକିଲା, ସତରେ କ'ଣ ସୁଶାନ୍ତ ମୋ ଉପରେ ଅଭିମାନ କରିଛନ୍ତି ? ପ୍ରତିଜ୍ଞା କରିଛନ୍ତି କଥା ନ ହେବାକୁ ?

ଏଥର ଆସ୍ତେ କରି ଆଖି ଖୋଲିଲା ସୁଶାନ୍ତ । ଅତି ଧୀର ସ୍ୱରରେ କହିଲା, "ମୁଁ ଜାଣିଥିଲି ସୁନନ୍ଦା ତୁମେ ଆସିବ । ଆସିଛ ଭଲ କରିଛ ? ସାଥିରେ ବିବାହ ବିଚ୍ଛେଦଛାଡ଼ପତ୍ର ଦଲିଲ ଆଣିଛ ତ ? ଆଣ ମୋ ହାତକୁ ବଢ଼ାଇ ଦିଅ ମୁଁ ଦସ୍ତଖତ କରିଦେବି । ପୁଣି କହିଲା ସୁଶାନ୍ତ, ହାତ ମୋର ଅତ୍ୟନ୍ତ ଦୁର୍ବଳ, କଲମ ଧରି ଦସ୍ତଖତ କରି ପାରିବି ନାହିଁ । ମୋ ବାମ ହାତର ବୁଢ଼ାଆଙ୍ଗୁଳିକୁ ନେଇ ତୁମ ମଥାରେ ପିନ୍ଧିଥିବା ସିନ୍ଦୁରରେ ଘଷି ବୁଢ଼ା ଆଙ୍ଗୁଳି ଟିପଚିହ୍ନ ନେଇଯାଅ । ତାହା ଦସ୍ତଖତ କାମ ଦେବ ।

ସୁଶାନ୍ତର ବେକଟା ବାମ କଡ଼କୁ ଢଳିଗଲା । ଆଖି ବନ୍ଦ ହୋଇଗଲା । ଓଠ ମେଲା ହୋଇଗଲା । ପାଟିରୁ ଓଠ ଡେଇଁ ବହି ଆସିଲା ଦୁଇଧାର ତାଜା ରକ୍ତଧାର । ଶିକ୍ଷର ଧଳା ଚଦରରେ ସୁଶାନ୍ତର ମର ଦେହଟିକୁ ଘୋଡ଼ାଇ ଦେଲେ ।

ପାଗଳୀ ପରି ଚିତ୍କାର କରି ଉଠିଲା, ସୁନନ୍ଦା- ଆପେ ପ୍ରଳାପ କଲା ନା ନା ସୁଶାନ୍ତ ତୁମେ ମୋତେ ଛାଡ଼ି କରି ଯାଅ ନାହିଁ । ଅପେକ୍ଷା କର ଦୁହେଁ ସାଥି ହୋଇ ଆର ପାରିକୁ ଯିବା । ଜଣଙ୍କର ବିଚ୍ଛେଦରେ ଆଉ ଜଣେ ବଞ୍ଚିବା କଷ୍ଟକର ହେବ ସୁଶାନ୍ତ । ଜୋର୍‌ରେ ଜାବୁଡ଼ି ଧରିଲା, ସୁଶାନ୍ତର ମର ଶରୀରକୁ । ଅଧକ୍ଷ ଲକ୍ଷ୍ୟକଲେ ସୁନନ୍ଦା ଅସମ୍ଭବ ଭାବରେ ଥରୁଛି । ଦେହ ତାର ଆସ୍ତେ ଆସ୍ତେ ନିସ୍ତେଜ ହୋଇ ଆସୁଛି । ଜୋରରେ ହଲାଇ ଦେଇ ଅଧକ୍ଷ ଡାକିଲେ ମାଡାମ୍, ମାଡାମ୍ କିଛି ଉତ୍ତର ନାହିଁ । ଅଧକ୍ଷ ଧାଇଁଗଲେ ଡାକ୍ତରଙ୍କ ପାଖକୁ ।

ଡାକ୍ତର ଆସି ପରୀକ୍ଷା କରି କହିଲେ, ସରି ସାର୍ ସି ଇଜ୍ ଡେଡ୍ । ଧଳା ଚଦରଟିଏ ଘୋଡ଼ାଇ ଦେଲେ ସୁନନ୍ଦାର ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ । କିଏ କାହାକୁ ଛାଡ଼ପତ୍ର ଦେଲା, ସୁନନ୍ଦା ସୁଶାନ୍ତକୁ ନା ସୁଶାନ୍ତ ସୁନନ୍ଦାକୁ ।

***

ବି/୩୮୨,
କୋଏଲନଗର, ରାଉରକେଲା
ମୋ:୯୪୭୮୭୨୮୯୧୧

*With Best Compliments from :*

SKC Fabric
Impex (P) Ltd.

B 222, OKhla Industrial Area,
Phase I, New Delhi -110020
Phone : 47788200 Fax : 2681226
Email : skc_fabric@yahoo.co.in, info@skc.co.in

With Best Compliments from :

THREAD
POINT

*Deals In : All Kinds of Garment Accessories*

Authorised Dealer :
'Super Gold Embroidery Threads'

Regd. Office : C-41, Lane No. 2, Jitar Nagar, Nr. Gagan Vihar, Delhi-110051
Phone : 011-24505430, E-mail : nikhil_aditya2000@yahoo.com
Shop No. : 2, Himayala Palace, 65, Vijay Block, Vikas Marg, Laxmi Nagar
Delhi-110092, Phone : 011-24505430, 9811182973

# ଓଡ଼ିଆ ଜାତିର ମାନସିକ ଦାରିଦ୍ର୍ୟ ହିଁ ସବୁଠୁଁ ବଡ଼ ବ୍ୟାଧି

ମହାମେଘବାହନ ଐର ଖାରବେଳ ସ୍ୱାଇଁ



ଥରେ ରେଳବାଇ ବଜେଟ ଆଗତ ହେବାର ପୂର୍ବ ଦିନ ଗୋଟିଏ ଓଡ଼ିଆ ଟି.ଭି.ଚ୍ୟାନେଲ ପକ୍ଷରୁ ରେଳବାଇ ବଜେଟରୁ ସେମାନେ କ'ଣ ଆଶା କରୁଛନ୍ତି ବୋଲି କେତେକ ବ୍ୟକ୍ତିଙ୍କୁ ପ୍ରଶ୍ନ କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର ଦେଉଥିଲେ, ଯେହେତୁ କୌଣସି ବର୍ଷ ଓଡ଼ିଶାକୁ ରେଳବାଇ ଅବହେଳା କରିଥାଏ ଓ କିଛି ଦେଇନଥାଏ, ସେହି ବର୍ଷ ମଧ୍ୟ କିଛି ଦେବ ବୋଲି ସେମାନେ ଆଶା କରୁନାହାନ୍ତି। ଅର୍ଥାତ୍ ଓଡ଼ିଶା ସାରା ଦେଶରେ ଏକ ଅବହେଳାର ପାତ୍ର ବୋଲି ସେମାନେ ଧରି ନେଇଥିଲେ। ଅଥଚ, ସେହି ବର୍ଷ ରେଳବାଇ ବିଭିନ୍ନ ରାଜ୍ୟମାନଙ୍କୁ ଯେତେ ଯେତେ ଅନୁଦାନ ଦେଇଥିଲେ ବିଭିନ୍ନ ପ୍ରକଳ୍ପମାନଙ୍କ ପାଇଁ, ସେମାନଙ୍କ ମଧ୍ୟରେ ଓଡ଼ିଶା ଅଂଶ ଥିଲା ଦ୍ୱିତୀୟ ବୃହତ୍ତମ। କେବଳ ସେହି ବର୍ଷ ନୁହେଁ, ଲଗାତାର ବର୍ଷ ବର୍ଷ ଧରି ଓଡ଼ିଶାକୁ ପ୍ରଥମରୁ ତୃତୀୟ ବୃହତ୍ତମ ଅର୍ଥ ଅନୁଦାନ ଦିଆଯାଉଥିଲା, କିନ୍ତୁ ଓଡ଼ିଶାର ଶିକ୍ଷିତ ଜନସାଧାରଣ ଏବେ ମଧ୍ୟ ବୁଝିଛନ୍ତି ଯେ, ଓଡ଼ିଶାକୁ ରେଳବାଇ ଜାଣିଶୁଣି ଅବହେଳା କରୁଛି।

ସମ୍ବାଦପତ୍ର ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମମାନଙ୍କୁ ଏହି ତଥ୍ୟ ଯୋଗାଇ ଦେଲେ ମଧ୍ୟ ସେମାନେ ତାହା ପ୍ରକାଶ ନ କରି ଓଡ଼ିଶାକୁ କିଛି ଦିଆଗଲା ନାହିଁ ବୋଲି ଲେଖିଥାନ୍ତି, ନିଜକୁ ଅବହେଳିତ ବୋଲି ପ୍ରଚାରିତ କରିବାରେ ସେମାନଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଯେତେବେଳେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାକୁ ବେଶ ଭଲ ଅନୁଦାନ ମିଳିଛି ବୋଲି ପ୍ରମାଣ ଦିଆଯାଏ, ସେତେବେଳେ କୁହାଯାଏ ଯେ ଓଡ଼ିଶା ସରକାର ହଜାର ହଜାର କୋଟି ଟଙ୍କାର ରେଳବାଇ ପ୍ରକଳ୍ପର ଦାବି କରିଥିଲା ବେଳେ ମାତ୍ର କେତେ ଶହ କୋଟି ଟଙ୍କାର ଅନୁଦାନ ମିଳିଛି ବୋଲି ଯୁକ୍ତି ଗଣମାଧ୍ୟମମାନେ କରିଥାନ୍ତି। ସତେ ଯେମିତି, ଯେଉଁ ରାଜ୍ୟ ଯେତେ ମାଗିଛି, ସମସ୍ତଙ୍କୁ ସେତେ କରି ମିଳିଯାଇଛି।

ଚଳିତ ବର୍ଷ ଓଡ଼ିଶାର ଗୋଟିଏ ପ୍ରସିଦ୍ଧ ଓଡ଼ିଆ ଟି.ଭି ଚ୍ୟାନେଲର ଜଣେ ସମ୍ବାଦପାଠକ ଓଡ଼ିଶା ପ୍ରତି ରେଳବାଇର ଅବହେଳା ସଂପର୍କରେ ଯୁକ୍ତି ଉପସ୍ଥାପିତ କରି କହୁଥାନ୍ତି ଯେ, କିପରି ଗତ ବର୍ଷ ଲାଂଜିଗଡ଼-ଜୁନାଗଡ଼ ରେଳପଥ ପାଇଁ ଗତ ବର୍ଷ ଟ.୫୦କୋଟି ଦିଆଯାଇଥିଲା ବେଳେ ଚଳିତ ବର୍ଷ ତାହାକୁ କମାଇ ଦେଇ ମାତ୍ର ଟ.୫ କୋଟି କରି ଦିଆଯାଇଛି। କିନ୍ତୁ ସତ୍ୟ ହେଲା, ସେହି ରେଳପଥର କାମ ସରିଯାଇଛି ଓ ଗତ ବର୍ଷ ଭବାନୀପାଟଣା ଯାଏ ଟ୍ରେନ ଚାଲିଥିଲା ବେଳେ ଚଳିତ ବର୍ଷ ଜୁନାଗଡ଼ ଯାଏ ଟ୍ରେନ ଚାଲିବାର ଘୋଷଣା କରାଯାଇଛି। ରେଳପଥ ନିର୍ମାଣ ସମାପ୍ତ ହେବାକୁ ଯାଉଥିଲା ବେଳେ ଗତ ବର୍ଷ ଅପେକ୍ଷା ଏଥର ଅଧିକ ଅର୍ଥ ଦିଆଯାଇଥାନ୍ତା କିପରି !

ଓଡ଼ିଶାର ଶିକ୍ଷିତ ବ୍ୟକ୍ତିମାନେ ଯୁକ୍ତି କରନ୍ତି ଯେ, ଓଡ଼ିଶାରୁ ପ୍ରତି ବର୍ଷ ଟ.୧୮,୦୦୦କୋଟିର ରେଳ ରାଜସ୍ୱ ଆଦାୟ ହେଉଥିଲା ବେଳେ ଖର୍ଚ୍ଚ ମଧ୍ୟ ସେହି ଅନୁପାତରେ ହେବା କଥା, ଓଡ଼ିଶାରୁ ଯେଉଁ ରେଳରାଜସ୍ୱ ଆଦାୟ ହେଉଛି ତାହା ମଧ୍ୟରୁ ଉତ୍ପାଦିତ ତଥା ମୂଲ୍ୟ ଯୁକ୍ତ ଦ୍ରବ୍ୟର ରେଳ ପରିବହନ ଅନେକ କମ, କେବଳ ପ୍ରକୃତି ଯେଉଁ ଖଣିଜ ସଂପଦର ସୃଷ୍ଟି କରିଛି ତାହାକୁ ବିକ୍ରି କରି ଏହି ରାଜସ୍ୱ ସୃଷ୍ଟି ହେଉଛି। ସେଥିରେ ଓଡ଼ିଶାର ସେମିତି କିଛି ଯୋଗ୍ୟତା ନାହିଁ। ଏବଂ ଯଦି ଓଡ଼ିଶାରୁ ରାଜସ୍ୱ ଆଦାୟ ହେଉଛି ବୋଲି ଖର୍ଚ୍ଚ ମଧ୍ୟ ସେହି ଅନୁପାତରେ ହେବ ବୋଲି କୁହାଯିବ, ତେବେ ମୁମ୍ବାଇରେ ସର୍ବାଧିକ ଆୟକର ଓ ଶିଳ୍ପକର ଆଦାୟ ହେଉଥିବାରୁ ସେହି ଅନୁପାତରେ ସେଇଠି ସବୁ ଅର୍ଥ ଖର୍ଚ୍ଚ କରାଯିବ। ତା' ହେଲେ ବୃହତ ସ୍ୱଳ୍ପ ଆୟରେ ଆଦାୟ ହେଉଥିବା କେତେକ ଅଞ୍ଚଳରେ କିଛି ଖର୍ଚ୍ଚ ହେବନାହିଁ।

ଥରେ ଲୋକସଭାରେ ମୁଲାୟମ ସିଂହ ଯାଦବ ଭାରତର ସବୁଠୁଁ ଦରିଦ୍ରତମ ଅଞ୍ଚଳ କଳାହାଣ୍ଡିର ବର୍ଣ୍ଣନା କରି ସେଠାରେ ମା' ତା'ର ପିଲାକୁ କୋଡ଼ିଏ ଟଙ୍କାରେ ବିକ୍ରି କରେ ବୋଲି ଜୋରଦାର ଭାଷଣ ଦେଉଥିଲେ, ସେତେବେଳେ ମୁଁ ତାଙ୍କର ବିରୋଧ କରିବାରୁ ତାଙ୍କ ଦଳର ସାଂସଦମାନେ ମୋତେ ପ୍ରଶ୍ନ କଲେ, ତାଙ୍କ ନେତାଜୀ ଆମ ରାଜ୍ୟ ସପକ୍ଷରେ ଏ କଥା କହୁଥିଲା ବେଳେ, ମୁଁ ତାହାକୁ ବିରୋଧ କରିବାର କାରଣ କ'ଣ ? ପୂର୍ବରୁ ଓଡ଼ିଶାର ସାଂସଦଓ ରାଜନେତା ମାନେ ଭାରତର ଇଥିଓପିଆ ଓଡ଼ିଶାର କଳାହାଣ୍ଡିରେ ଅଛି ବୋଲି ବାରମ୍ବାର ଯୁକ୍ତି କରୁଥିବାରୁ ଓ ବିହାର ସାଂସଦମାନଙ୍କ ସାଙ୍ଗରେ କିଏ ବେଶୀ ଦରିଦ୍ର ବୋଲି ସେମାନଙ୍କର ସଦାବେଳେ ଝଗଡ଼ା ଚାଲୁଥିବାରୁ, ମୁଲାୟମ ସିଂହ ଯାଦବ ଏଭଳି କହିବା ଅତ୍ୟନ୍ତ ସ୍ୱାଭାବିକ। ମୋଟ ଉପରେ କହିବାକୁ ଗଲେ ନିଜକୁ ଦରିଦ୍ର ବୋଲି ଉପସ୍ଥାପିତ କଲେ ଅଧିକା ସାହାଯ୍ୟ ମିଳିବ ବୋଲି ଆମର ଧାରଣା ଓ ସେଥିପାଇଁ ଆମେ ଦାରିଦ୍ର୍ୟକୁ ଏକ ଯୋଗ୍ୟତା ଭାବରେ ପ୍ରଚାରିତ କରୁଥାଉଁ।

କିନ୍ତୁ ଏହାର ପରିଣତି ହୋଇଛି କ'ଣ ? ୨୦୦୨ ମସିହାରେ ଯେତେବେଳେ ବିହାର ବିଭାଜନ ହୋଇ ଏକ ନୂଆ ଝାଡ଼ଖଣ୍ଡ ପ୍ରଦେଶର ସୃଷ୍ଟି ହେଲା ସେତେବେଳେ ଷଡ଼େଇକଳା, ଖରସୁଆଁ ପରି ଓଡ଼ିଶା ଭୂମି ଅଞ୍ଚଳକୁ ଓଡ଼ିଶାକୁ ଆଣିବାକୁ ଆନ୍ଦୋଳନ ଆରମ୍ଭ ହୋଇଥିଲା, ସେତେବେଳେ ଝାଡ଼ଖଣ୍ଡ ରାଜ୍ୟ ସୃଷ୍ଟି ପକ୍ଷରେ ଭାଷଣ ଦେଇ ତଦନ୍ତୀନ ଜାମସେଦପୁର ସାଂସଦ(ଯାହା ମଧ୍ୟରେ ଷଡ଼େଇକଳା, ଖରସୁଆଁ ଆସୁଛି) ଆମ ମାହାତୋ କହିଥିଲେ, ସେମାନେ ଓଡ଼ିଶାକୁ ଆସିବାକୁ ଚାହାନ୍ତି ନାହିଁ। ଲାଲୁ ଯାଦବଙ୍କ ଦାରିଦ୍ର୍ୟରୁ ମୁକ୍ତି ପାଇବା ପାଇଁ ସେମାନେ ଯେତେବେଳ ଏକ ନୂଆ ରାଜ୍ୟ ଗଠନ ଚାହୁଁଛନ୍ତି। ସେତେବେଳେ ସେମାନେ ବିହାର ଦାରିଦ୍ର୍ୟକୁ ଛାଡ଼ି ଓଡ଼ିଶାର ଦାରିଦ୍ର୍ୟକୁ ଆପଣେଇବେ

କାହିଁକି ? ସେ ଓଡ଼ିଶାର ସାଂସଦମାନଙ୍କୁ ଲକ୍ଷ୍ୟ କରି କହିଥିଲେ ଯେ, ସେମାନେ ନିଜେ ଯେତେବେଳେ ନିଜକୁ ସବୁଠୁ ଦରିଦ୍ର ବୋଲି ଚିତ୍ରିତ କରୁଥିଲା ବେଳେ, ଷଡ଼େଇବାଲା, ଖଗସୁଆଁ ବାସୀ ସେମାନଙ୍କ ନିକଟକୁ ଯିବେ କାହିଁକି ?

ଏବଂ ଓଡ଼ିଶା ସରକାର ସଦାବେଳେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରିବାକୁ ଦାବି କରି ଏହି ଦରିଦ୍ର ମାନସିକତାକୁ ଆହୁରି ଆହୁରି ବଢ଼ାଇବାରେ ଲାଗିଛନ୍ତି । ଏହାଦ୍ୱାରା ଯୁକ୍ତି କରାଯାଉଛି ଯେ, ଦରିଦ୍ର ଓଡ଼ିଶା ତା'ର ଋଣ ପରିଶୋଧ କରିବାକୁ ଅକ୍ଷମ, ତେଣୁ ତାକୁ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ପଞ୍ଜାବ ଆଦି ରାଜ୍ୟମାନଙ୍କ ସହ ସମାନ କରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁଥିବା ନାଗାଲଣ୍ଡ, ମିଜୋରାମ, ମଣିପୁର, ସିକିମ ସହିତ ସମାନ କରନ୍ତୁ ।

କିନ୍ତୁ ଇତିହାସକୁ ଲକ୍ଷ୍ୟ କଲେ ଓଡ଼ିଆ ଜାତି କେବେହେଲେ ଏତେ ବେଶୀ ଦାରିଦ୍ର୍ୟ ମାନସିକତା ମଧ୍ୟରେ ନଥିଲା । ମହାଭାରତ ଯୁଦ୍ଧରେ ଅଶୀ ହଜାର ହାତୀଙ୍କୁ ନେଇ କଳିଙ୍ଗ ସମ୍ରାଟ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହୋଇ କୌରବ, ପାଣ୍ଡବ ଉଭୟ ପକ୍ଷକୁ ବ ଛିତ ସ୍ୱରରେ ପ୍ରଶ୍ନ କରିଥିଲେ, ଯିଏ ଦୁର୍ବଳ ସେ ତାଙ୍କ ପକ୍ଷକୁ ଯିବେ । ଶେଷକୁ କୌରବମାନଙ୍କ ସପକ୍ଷରେ ଯୁଦ୍ଧ କରି ସେ ପାଣ୍ଡବ ମାନଙ୍କର ଅଶେଷ କ୍ଷତି ସାଧନ କରିଥିଲେ । ଭୀମ ହିଁ ବହୁ କଷ୍ଟରେ କଳିଂଗ ସେନାକୁ ପରାଭୂତ କରିଥିଲେ ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଂଗ ସମ୍ରାଟ ଖାରବେଳ, ଆଲେକଜାଣ୍ଡରଙ୍କ ସେନାପତି ଡେମେଟ୍ରିୟସଙ୍କୁ ମଥୁରା ପାର କରି ଦେଇଥିଲେ । କଳିଂଗ ସାମ୍ରାଜ୍ୟ ମୁଖ୍ୟତଃ ସମଗ୍ର ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକ, ମହାରାଷ୍ଟ୍ରର କିଛି କିଛି ଅଞ୍ଚଳମାନଙ୍କୁ ଶତାବ୍ଦ. ଶତାବ୍ଦୀ ଧରି ଅଧିକାର କରିଥିଲା । ଓଡ଼ିଆ ବଣିକ ଓ ନାବିକମାନେ ଇଣ୍ଡୋନେସିଆ, କାମ୍ବୋଡ଼ିଆ, ଥାଇଲାଣ୍ଡ ଆଦି ରାଜ୍ୟ ମାନଙ୍କରେ ସାମ୍ରାଜ୍ୟ ବିସ୍ତାର କରିଥିବାର ପ୍ରମାଣ ଆଦି ମଧ୍ୟ ଉଦ୍ଘାଟିତ ହୋଇ ରହିଛି । ସାରା ଭାରତ ମଧ୍ୟରେ ଇଂରେଜମାନେ କହିବାକୁ ଗଲେ ଓଡ଼ିଶାକୁ ପଛରେ ଦଖଲ କରିଥିଲେ । ୧୭୫୭ରେ 'ପଲାସୀ ଯୁଦ୍ଧ' ପରେ ବଙ୍ଗ ଦେଶକୁ ଇଂରେଜମାନେ ଦଖଲ କରିନେଇଥିଲା ବେଳେ ଉପକୂଳ ଓଡ଼ିଶା ୧୮୦୩ରେ ଦେବଗ୍ରାମ ସନ୍ଧି ବଳରେ ଇଂରେଜମାନଙ୍କ ଅଧିକାରକୁ ଆସିଲା । ୧୮୧୮ର ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କର 'ପାଇକ ବିଦ୍ରୋହ' ଓ ୧୮୩୧ ତାପଙ୍ଗ ଦଳବେହେରାଙ୍କ ବିଦ୍ରୋହ ପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜ ଶାସନ ଆଦୌ ଦୃଢ଼ୀଭୂତ ହୋଇନଥିଲା ।

କିନ୍ତୁ ସ୍ୱାଧୀନତା ପରେ ଓଡ଼ିଶା ଜାତି ଏକ ପ୍ରକାର ମାନସିକ ଦାରିଦ୍ର୍ୟ ବ୍ୟାଧି ଦ୍ୱାରା ପୀଡ଼ିତ ହୋଇ ଯାଇଛି । ଏହି ବ୍ୟାଧିରୁ ତା'କୁ ମୁକ୍ତ କରିବା ପାଇଁ କୌଣସି ସାହସିକ ନେତୃତ୍ୱର ସୃଷ୍ଟି ହୋଇ ନାହିଁ । ଭାରତ ବର୍ଷର ଅନ୍ୟ ଅନେକ ସ୍ଥାନ ପରି ଓଡ଼ିଶାରେ ମଧ୍ୟ 'ଦାରିଦ୍ର୍ୟକୁ ଏକ ପୁଣ୍ୟ' ବୋଲି ପରିଗଣନା କରାଯାଉଛି । ତେଣୁ ଦରିଦ୍ର ରହିବାର ଆମର ପସନ୍ଦ ହୋଇଛି । କିନ୍ତୁ ଦାରିଦ୍ର୍ୟ ଏକ 'ପୁଣ୍ୟ' ନୁହେଁ, ଏହା ଏକ 'ଅଭିଶାପ' ମାତ୍ର । ସମନ୍ନତା ହେଉଛି 'ଶ୍ରୀ', ଏଥିରେ ଲକ୍ଷ୍ମୀ ବାସ କରିଥାନ୍ତି । କିନ୍ତୁ ଗତ ୬୫ବର୍ଷର ରାଜନୈତିକ ଇତିହାସରେ କୌଣସି ନିର୍ବାଚନରେ କୌଣସି ରାଜନୈତିକ ଦଳ 'ବିକାଶ'କୁ ମୁଖ୍ୟ ନିର୍ବାଚନୀ ପ୍ରସଂଗ କରିନାହାନ୍ତି । କେବଳ ଅନ୍ୟ ଦଳକୁ 'ଭ୍ରଷ୍ଟାଚାରୀ' ବୋଲି ଦୋଷାରୋପ କରିବାରେ ହିଁ ମୁଖ୍ୟ ରାଜନୈତିକ ପ୍ରସଂଗକି ସମାପ୍ତ ହୋଇଛି ।

ରାଜନୈତିକ ଦଳମାନେ ଓଡ଼ିଶାର ଜନ ସାଧାରଣଙ୍କୁ 'କର୍ମ ମୁଖର" କହିବାକୁ କୌଣସି ଚେଷ୍ଟା କରିନାହାନ୍ତି । ବରଂ ଶସ୍ତା ଓ ମାଗଣାରେ ଖାଦ୍ୟାନ୍ନ ବଣ୍ଟନ କରି ସେମାନଙ୍କୁ 'କର୍ମ ବିମୁଖ' କରିଛନ୍ତି । ହୀରାକୁଦବନ୍ଧ ପ୍ରକଳ୍ପ କାର୍ଯ୍ୟାନ୍ୱିତ ହେବା ପରେ ତେଲଗୁ ଲୋକମାନେ ବରଗଡ଼ ଅଞ୍ଚଳକୁ ଆସି, ସେଠାରେ ଜମି କିଣି, ପ୍ରକୃତ ଧନଶାଳୀ ହୋଇପାରିଛନ୍ତି ଯାହାର ସୁଯୋଗ ଓଡ଼ିଆମାନେ ନେଇପାରି ନାହାନ୍ତି ।

ସର୍ବଭାରତୀୟ ସ୍ତରରେ ଯଥେଷ୍ଟ ସଂଖ୍ୟକ ଆଇ.ଏ.ଏସ., ଆଇ.ପି.ଏସ., ଓଡ଼ିଆ ଅଫିସର ସୃଷ୍ଟି ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ କିରଣ ବେଦୀ, ଅରବିନ୍ଦ କେଜରିୱାଲଙ୍କ ପରି ବ୍ୟକ୍ତିତ୍ୱ ହୋଇପାରିନାହାନ୍ତି । ସର୍ବଭାରତୀୟ ସ୍ତରରେ ବିଜ୍ଞାନ, ଡାକ୍ତରୀ, ଇଂଜିନିୟରିଂ, ଗବେଷଣା ଆଦି କ୍ଷେତ୍ରରେ ଉଚ୍ଚ ସ୍ତରକୁ ଯାଇଥିବା ଓଡ଼ିଆ ସଂଖ୍ୟା ବିରଳ ।

ଶାସ୍ତ୍ରୀୟ ସଂଗୀତ, ଚିତ୍ରକଳା, କ୍ରୀଡ଼ା, ସାହିତ୍ୟ ଆଦି କ୍ଷେତ୍ରରେ ଦୁଇ, ତିନି ଦଶନ୍ଧି ତଳେ ଯେଉଁ ବର୍ଗର ଓଡ଼ିଆମାନେ ସୁନାମ ଅର୍ଜନ କରିପାରିଥିଲେ ବର୍ତ୍ତମାନ ସେହି ବର୍ଗର ବ୍ୟକ୍ତି ସେ କ୍ଷେତ୍ରରେ ମିଳୁନାହାନ୍ତି । ପ୍ରତି କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପାଇଁ ଓଡ଼ିଆ ଜାତିର ରୁଚିବୋଧରେ ସେପରି ଆଗ୍ରହ ପରିଲକ୍ଷିତ ହେଉ ନାହିଁ । ଆଇ.ଟି. ଆଦି କ୍ଷେତ୍ରରେ ବିପୁଳ ସଂଖ୍ୟକ ଓଡ଼ିଆ ଭର୍ତ୍ତି ହୋଇଥିଲେ ମଧ୍ୟ ତାହା ମୁଖ୍ୟତଃ ଅର୍ଥ ରୋଜଗାର ପାଇଁ । ସେ କ୍ଷେତ୍ରରେ ଏକ ନାରାୟଣ ମୂର୍ତ୍ତି, ନନ୍ଦନ ନୀଲକେନି ଅବା ଅଜିମ୍ ପ୍ରେମଜୀ ସୃଷ୍ଟି ହେବାର ସମ୍ଭାବନା ଅତ୍ୟନ୍ତ କମ୍ ।

କିନ୍ତୁ ସାହସ ଓ ପ୍ରଚେଷ୍ଟା ଦ୍ୱାରା ଓଡ଼ିଆ ଜାତି ତା'ର ପ୍ରାକୃତିକ ସମ୍ପଦକୁ ନେଇ ଏକ ଅଗ୍ରଗଣ୍ୟ ରାଜ୍ୟରେ ପରିଣତ ହୋଇପାରିବ । ଗୋଟିଏ ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁଁ ଆଜି କଳାହାଣ୍ଡିର ଭାଗ୍ୟ ବଦଳିଯାଇଛି । ଗୋଟିଏ ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଭାଗ୍ୟ ବଦଳିବ ତଥା ଛତିଶଗଡ଼କୁ ଶ୍ରମିକ ପଳାୟନ ବନ୍ଦ ହୋଇଯିବ । ପ୍ରାୟ ତିରିଶ ବର୍ଷ ତଳେ ଓଡ଼ିଶାର ସହର ଅଞ୍ଚଳରେ ରିକ୍ସା ଟାଣୁଥିବା ତେଲଗୁ ତେଲଗୁ ଲୋକମାନେ ଆଜି ଯେପରି ସେମାନଙ୍କର ଉଦ୍ୟମ ଓ ସାହସ ବଳରେ ଏକ ଅଗ୍ରଗଣ୍ୟ ରାଜ୍ୟରେ ପରିଣତ ହୋଇପାରିଛନ୍ତି, ଓଡ଼ିଆ ତାହା ହୋଇପାରିବ । ଓଡ଼ିଆ ଜାତି ଧନରେ ଗରିବ ନୁହେଁ, ଗରିବ ହେଉଛି ମନରେ । ଏହି ମାନସିକ ଦାରିଦ୍ର୍ୟକୁ ହଟାଇବା ଆବଶ୍ୟକ ।

***

# ତିରଙ୍ଗା...!!!

ପ୍ରଶାନ୍ତ କୁମାର ଭୂୟାଁ



ଆଜି ଅଗଷ୍ଟ ୧୫...!

ଆଖିରେ ଆଖିଏ ଅଳସକୁ ନେଇ ଉଠି ପଡ଼ିଲା ବୁଲୁ। ଶେଯରେ ବସି ଘରର ଚାରିକାନ୍ଥ ଆଡ଼େ ନଜର ଅଳସ ଆଖିଟାକୁ ବୁଲେଇ ଆଣିଲା। ରାତିରେ ସେ ଫୁଟୁଫୁଟୁକିଆ କଳା ପୋକଟାକୁ ଗୋଡ଼ାଇ ନସ୍ୟାନ୍ତ ହୋଇ ପଡ଼ିଥିବା ସେଇ ଲଙ୍ଗୁଡ଼ଖଣ୍ଡି ଝିଟିପିଟି ମୋଟୁ ବୋଧେ ବିଷ୍ଣୁଙ୍କ ବିଶ୍ୱ ଅବତାର ଫଟୋ ପଛପଟେ ଛପିହୋଇ ରହିଥିବ। ସକାଳେ ସେ ବାହାରେ ନାହିଁ ଜମା। ଅସରପା ଦମ୍ପତି ଆଜି ସକାଳୁ ସକାଳୁ ବୋଧେ କୁଆଡ଼େ ବିଶେଷ ଗସ୍ତରେ ବାହାରିଛନ୍ତି। ମୋଟି ଅସରପାର ଯିବାକୁ ଜମାରୁ ଇଚ୍ଛା ନାହିଁ ହେଲେ ତା' ମରଦଟା'କୁ ଶୁଣ ହଲାଇ କଣ ଗୋଟିଏ ବୁଝାଇବାରେ ଲାଗିଛି। ସେ ସବୁରୁ ଆଖି ଫେରାଇ ଶିବଙ୍କ ଫଟୋକୁ ଅନାଇ ହାତଯୋଡ଼ି ପ୍ରଣାମ କଲା ସେ। ସବୁଦିନ ସେ ଶିବଙ୍କ ଆଶୀଷ ନେଇ ତା'ର ଦିନ ଆରମ୍ଭ କରେ। ଏଇମିତି ବହୁତ କ୍ୟାଲେଣ୍ଡର ଫଟୋ ସେ ଦଶହରା ମାମୁଲୁ ମାଗି ଆସିଲା ବେଳେ ଦୋକାନୀ ଅଥବା କେଉଁ ଅଫିସ୍‌ର କର୍ମଚାରୀଙ୍କ ଠାରୁ ସଂଗ୍ରହ କରିଥାଏ। ତା'ର କୋଠରୀରେ ସବୁ ଦେବଦେବୀଙ୍କ ରଙ୍ଗବିରଙ୍ଗ ଛବି ସବୁ ଶୋଭାପାଏ। ବେଳେବେଳେ ଭାବେ ଗାଁ ପୂଜାରୀ କହିଲା ଭଳି ତେତିଶ କୋଟି ଦେବତା ଯଦି ଅଛନ୍ତି ତେବେ ସେମାନଙ୍କର ସବୁ ଫଟୋ ଯଦି ମିଳେ ତେବେ ଏ ଛୋଟ କୋଠରୀରେ ଜାଗା ହେବ ତ? ହେଲେ ସବୁ ଦେବାଦେବୀଙ୍କୁ ସେ ନିତି ଫୁଲ ଚନ୍ଦନ ଦେଇ ପୂଜା କରି ଆସିଛି। ଯଦି ଫଟୋ ଆସିବ ତେବେ ଭଗବାନ ଜାଗା ବି ଦେଇଦେବେ, ଏ ବିଶ୍ୱାସ ତାର ଅଛି।

ଦେହ ଉପରୁ ସୋଲାପୁରୀ ଚଦରଟାକୁ ଝିକିଦେଇ ଲୋଭିଲା ଆଖିରେ ତା ବହି ଆଲମାରୀ ପାଖରେ ବାଉଁଶ ବାଡ଼ି ଅଗରେ ଗୁଡ଼ା ହୋଇ ରହିଥିବା ପତାକାଟାକୁ ଆଉଥରେ ଦେଖିନେଲା। କେତେ ସୁନ୍ଦର ଆଉ ସତେଜ ସତେ ଆମର ତିରଙ୍ଗା। ଆଖିଟାକୁ ମୁଦିଦେଇ ପୁଣି ଥରେ ପ୍ରଧାନ ଗୁରୁଜୀ କହିଥିବା ସେଇ କେତେଧାଡ଼ି ମନେ ପକାଇଲା ସେ।

ଭାରତର ଜାତୀୟ ପତାକା ତିରଙ୍ଗା। ସାହାସ ଆଉ ବଳିଦାନର ପ୍ରତୀକ ନାରଙ୍ଗୀ; ସତ୍ୟ, ଶାନ୍ତି ଓ ପବିତ୍ରତାର ପ୍ରତୀକ ଧଳା ଆଉ ସମୃଦ୍ଧିର ପ୍ରତୀକ ସବୁଜ ରଙ୍ଗର ଚଉହଦୀର ଏକ ରାଷ୍ଟ୍ରୀୟ ପ୍ରତୀକ। ୨୪ ଅଖର ଘନନୀଳ ଅଶୋକ ଚକ୍ର ଏହାର କେନ୍ଦ୍ରସ୍ଥଳରେ ଶୋଭିତ ଆଉ ଧର୍ମର ପ୍ରତୀକ। ପିଙ୍ଗଳୀ ଭେଙ୍କୟାଙ୍କ ଦ୍ୱାରା ଚିତ୍ରିତ ଏହି ପତାକା ସରାଜର ଏକ ଜାଜ୍ୱଲମାନ ପ୍ରତୀକ। ତିରଙ୍ଗା ଆମର ମାନ ଓ ଅଭିମାନ। ଆମର ଗୌରବ ଆଉ ସମୃଦ୍ଧିର ପରିଚୟ। ଏହିଭଳି ଅନେକ କଥା ତିରଙ୍ଗା ବିଷୟରେ ତାର କର୍ଣ୍ଣ ଗହ୍ୱରରେ ଝଙ୍କୃତ ହେବାରେ ଲାଗିଥିଲା।

ହେଲେ, ରହିରହି ତାର ମନକୁ ଘାରୁଥିଲା ପ୍ରଧାନ ଗୁରୁଜୀ କହିଥିବା ଆଉ ଗୋଟିଏ କଥା, 'କେବଳ ଗଣତନ୍ତ୍ର ଦିବସ ଆଉ ସାଧିନତା ଦିବସରେ ସର୍ବସାଧାରଣ ଏହାର ବ୍ୟବହାର କରିପାରିବେ।" ସେ ଭାବୁଥିଲା ଯେ ଆମେ ଯଦି ସାଧିନ ଭାରତର ସର୍ବସାଧାରଣ ତେବେ ଆମର ଜାତୀୟ ପତାକାକୁ ବ୍ୟବହାର କରିବା ପାଇଁ ଏତେ ଆକଟ କିଆଁ?

ସଭା ପରେ ଗୁରୁଜୀ, ବୁଲୁକୁ ନିଜର କୋଠରୀକୁ ଡାକି ଏହି ବାଉଁଶବାଡ଼ି ଅଗରେ ବନ୍ଧା ହୋଇଥିବା ତିରଙ୍ଗାକୁ ଦେଇ କହିଥିଲେ, କାଲି ସକାଳୁ ଗାଧୋଇ ପାଧୋଇ ସଫା ପୋଷାକ ପିନ୍ଧି ଏହି ପତାକାକୁ ଧରି ସ୍କୁଲ ପ୍ରାଙ୍ଗଣକୁ ଆସିବୁ। ସେଇଠି ଆମେ ପତାକା ଉତ୍ତୋଳନ କରି ଗ୍ରାମ ପରିକ୍ରମାରେ ଗଲା ବେଳେ ଏହି ତିରଙ୍ଗାକୁ କାନ୍ଧରେ ଧରି ତୁ ଆଗରେ ଯିବୁ। ଏହା କହି ବିଭିନ୍ନ ସ୍ଲୋଗାନ୍ ଲେଖାଥିବା ଏକ କାଗଜ ଫର୍ଦ୍ଦଟିଏ ତାର ହାତକୁ ବଢ଼ାଇ ଦେଇଥିଲେ। ଅତି ସନ୍ତର୍ପଣରେ ସେ ଏହି ତିରଙ୍ଗାକୁ ପ୍ରଜାତନ୍ତ୍ର ଖବର କାଗଜରେ ଗୁଡ଼ାଇ ଘରକୁ ଆଣିଥିଲା। ରାତିରେ ଶୋଇବା ଯାଏଁ ସେହି କାଗଜରେ ଲେଖାଥିବା ସ୍ଲୋଗାନ୍ ସବୁ ମୁଖସ୍ତ କରିଥିଲା। ପତାକାଟାକୁ ଦାଣ୍ଡପିଣ୍ଡା ଠାରୁ ଆରମ୍ଭ କରି ବାଟଘର, ଅଗଣା, ଗମ୍ଭିରୀ, କୋଠାଘର ଆଉ ତୁଳସୀ ଚଉରା ଦେଇ ରୋଷେଇ ଘର, ଆଉ ତାପରେ ବାଡ଼ିପଟେ ଥିବା ଶାଗ ପଟାଳୀ ଡେଇଁ ବଢ଼ିଆଳ ଗଛ ଯାଏଁ ଲେଫ୍‌ଟ୍ ରାଇଟ୍ କହିକହି ଦଶରୁ ବାରଥର ପଇଁତରା ମାରିସାରିଥିଲା। ଏହି ମାର୍ଚ୍ଚିଙ୍ଗ ଠିକ୍ ଭାବରେ ହେଉଛି ନା ନାହିଁ ଦେଖିବା ପାଇଁ, ପଡ଼ିଶା ଘର ଦନେଇକୁ ଦୁଇଟି କମଳା କୋଳି ଚକୋଲେଟ୍‌ର ଲୋଭ ଦେଖାଇ ଡକା ଯାଇଥିଲା। ସବୁ ଠିକ୍‌ଠାକ ହେବାର ସଲାସୁତୁରା ହେବା ପରେ ପରଭା ଦୋକାନରୁ ତାକୁ ତାର ପ୍ରାପ୍ୟ ଦିଆ ହୋଇଥିଲା। ବୁଲୁ ଯେ ଦନେଇକୁ ଚକୋଲେଟ୍ କାହିଁକି ଦେଉଛି ବାରମ୍ବାର ଏହି ବିଷୟ ପରଭା ଜାଣିବାକୁ ଚାହିଁବା ସତ୍ତ୍ୱେ ତାକୁ ଏ କଥାର ଟେର୍ ଦିଆଯାଇନଥିଲା।

ଆଜି ସେ ତିରଙ୍ଗାକୁ ଧରି ସାରା ଗ୍ରାମରେ ବୁଲିବ ଏହି କଥା ଭାବିଲା ବେଳକୁ ତା'ର ଛାତି କୁଣ୍ଢେ ମୋଟ ହୋଇ ଯାଉଥିଲା। ସେ ତିରଙ୍ଗାକୁ ଖୋଲି ଥରେ ତା'ର ହାତ ବୁଲାଇ ଆଣିଲା। କୋଠରୀ ବାହାରୁ ତା ବାପାଙ୍କ ସ୍ୱର ଆସିଲା, ସାନବାବୁ ଉଠିଲେଣି କି ନାହିଁ? ସେ ବାପାଙ୍କ ପ୍ରଶ୍ନର ଉତ୍ତରରେ କହିଲା, ହଁ ବାପା, ମୁଁ କେତେବେଳୁ ଉଠିସାରିଲିଣି। ନିଜର ଖୋର୍ଦ୍ଧା ଗାମୁଛାଟାକୁ କାନ୍ଧରେ ପକାଇ ତା'ର ସାନ ପିତଳ ବାଲ୍‌ଟିକୁ ନେଇ ବାପାଙ୍କ ପଛରେ ଚାଲିବାକୁ ଆରମ୍ଭ କଲା। ଏଇଟା ତାର ନିତିପ୍ରତି ଅଭ୍ୟାସ। ବାପାଙ୍କ ସାଙ୍ଗରେ ନିଇତି ଗାଁ ନଈକୁ ଗାଧୋଇବାକୁ ଯାଏ। କାଚଭଳି ସ୍ୱଚ୍ଛ ସୁଶୀତଳ ନଈର ଜଳରେ ଗାଧୋଇବାରେ ତାର ବଡ଼ ଖୁସି। ନଈକୁ ସକାଳେ ପାତ୍ର ଅଜା, ପଣ୍ଡା କାକା, ସାହୁ ମାମୁଁ ଆଉ ପାଖ ଗାଁର ସାଥୁଆ ଦାଦା ଏବଂ ଆହୁରି ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ସବୁ ଆସିଥାନ୍ତି। କେବେ ସାହିତ୍ୟ, କେବେ ରାଜନୀତି, କେବେ ସଂସ୍କୃତି ଆଉ

କେବେ ଜଣ ସବୁ ଆଲୋଚନା ହୁଏ । ସେ ନଈ ବାଲିରେ ବସି ବାଲି ଉପରେ ପାହାଡ଼, ମନ୍ଦିର, ଜଗନ୍ନାଥର କେତେବେଳେ ଡାଙ୍ଗଟିଏ ଧରି ଛବି ଆଙ୍କେ ତ କେବେ ମୂର୍ତ୍ତି ତିଆରି କରିଥାଏ । କିନ୍ତୁ କାନଟା ଡେରି ଯେତେବେଳେ ରାଜନୀତିର ଆଲୋଚନା ହୁଏ ତାକୁ ବୁଝା ପଡ଼େନା ବହୁତ କଥା । ସେତେବେଳେ ଭଙ୍ଗା ହାଣ୍ଡିର ଖପରା ଗୋଟାଇ ପାଣି ଉପରେ ବେଙ୍ଗଡ଼ିଆଁ କରାଇଥାଏ । ଆଜି ଗାଧୋଇ ସାରି ଘରକୁ ଫେରି ନିଜକୁ ସେ ସଜାଇବାରେ ଲାଗିଲା । ପଣ୍ଡସ୍ ପାଉଡର୍ ମୁହଁରେ ଲଗାଇ ନିଜକୁ ନିଜେ ଶୁଂଘି ଖୁସି ହୋଇଯାଉଥିଲା । ତା'ପରେ ନୂଆ ପୋଷାକ ପିନ୍ଧି ଠାକୁର ଘରକୁ ଯାଇ ଗୃହଦେବତାଙ୍କୁ ମୁଣ୍ଡିଆ ମାରି ସିନ୍ଦୁର ଟିକିଏ ଲଗାଇ ଆସିଲା । ତା'ପରେ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ମୁଣ୍ଡିଆ ମାରିବାକୁ ବୁଲିଲା ବାରି ଠାରୁ ଦାଣ୍ଡଯାଏଁ ।

ମୁଣ୍ଡିଆ ମାରିବାରେ ଅତି ପାରଙ୍ଗମ ସେ । ପୂରା ଭୂମିରେ ନର୍କପଡୁଥିଲା ଭକ୍ତିରେ । ହେଲେ ଏଇ ମୁଣ୍ଡିଆ ମାରିବାର ଆଉ ଏକ କାରଣ ବି ଥିଲା ଯାହା ତା'କୁ ମୁଣ୍ଡିଆ ମାରିବାକୁ ବ୍ୟଗ୍ର କରୁଥିଲା । ବଡ଼ମାନଙ୍କୁ ମୁଣ୍ଡିଆ ମାରିଲେ ତାକୁ ଟଙ୍କା ମିଳୁଥିଲା ଆଉ ସେଦିନ ତାର ୫୦ଟଙ୍କାରୁ ୧୦୦ଟଙ୍କା ସଂଗ୍ରହ ହୋଇ ଯାଉଥିଲା । ଆଉ ଏହି ପଇସା ସଂଗ୍ରହ କରି ସେ ନିଜପାଇଁ ଗୋରଖପୁରରୁ ପ୍ରକାଶିତ ଧାର୍ମିକ ବହି ଶସ୍ତାରେ କିଣି ପଢୁଥିଲା ଆଉ ତାର ସାଙ୍ଗମାନଙ୍କୁ ପଢ଼ିବାକୁ ଦେଉଥିଲା । ଆଉ କେତେବେଳେ ତା'ର ଶ୍ରେଣୀରେ ପଢୁଥିବା ଗରିବ ଘରର ସାଙ୍ଗମାନଙ୍କ ପାଇଁ ବହି ଆଉ ଖାତା କିଣି ଦେଉଥିଲା । ଅବଶ୍ୟ ଏହା କାହାରିକୁ ନକହିବା ପାଇଁ ସେମାନଙ୍କୁ ବିଦ୍ୟାରାଣୀ ପକାଇ ମୁଣ୍ଡ ଛୁଆଁଇ ଦେଉଥିଲା । ଚକୋଲେଟ୍ ଖାଇବାକୁ କେବେକେବେ ମନହେଲେ ମଧ୍ୟ ଦାନ୍ତରେ ପୋକ ହେବାର ସମ୍ଭାବନା ଥିବାର ତା'ର ବଡ଼ଭଉଣୀଙ୍କ କଥା ତାକୁ ଚକୋଲେଟ୍ କିଣିବାକୁ ଅଟକାଇ ରଖୁଥାଏ ।

ଆଜି ସକାଳେ ଜଳଖିଆ ଖାଇଲା ବେଳେ ତାର ମା ତାକୁ ବୁଝାଉଥିଲେ କାନ୍ଧରେ ପତାକା ରଖି କଷ୍ଟ ଲାଗିଲେ ଦନେଇକୁ ଧରିବାକୁ ଦେଇଦେବୁ । ଛାଇଆ ଲାଗିଲେ କେଉଁଠି ଟିକେ ବସିବୁ, ପାଣିଟୋପେ ପିଇନେବୁ । ଏ କଥା ଶୁଣି ସେ ମନେମନେ ସ୍ଥିର ନିଶ୍ଚିତ ହେଲା ଯେ ପତାକାକୁ ହାତଛଡ଼ା କରିବ ନାହିଁ । ସେ ଯାହା ହେଉନା କାହିଁକି । ଇଏ କଣ ସାଧାରଣ ପତାକା ? ଇଏ ହେଉଛି ତିରଙ୍ଗା । ଆମ ଦେଶର ମାନ ଓ ଗୌରବ । ଏଣୁ କାନ୍ଧରୁ ଛାଲ ଉତୁରି ଗଲେ ମଧ୍ୟ ଏହାକୁ ସେ ସ୍ଥାନଚ୍ୟୁତ କରିବ ନାହିଁ । ସେ ତିରଙ୍ଗାର ମହତ ରଖିବ । ସେ ଆଜି ଆହୁରି ଅଧିକ ଗିଲାସେ ପାଣି ଗୋଟିଏ ନିଶ୍ୱାସରେ ପିଇନେଇ ପତାକାଟିକୁ ନେଇ ପଡ଼ୋଶୀ ଦନେଇ ସହ ସ୍କୁଲକୁ ବାହାରି ପଡ଼ିଲା । ବାଟସାରା ପତାକାର ମହତ୍ତ୍ୱ ଆଉ ଇତିହାସ ତାକୁ ଶୁଣାଇବାରେ ଲାଗିଲା । ଦନେଇ ଏସବୁ ଶୁଣୁଥିଲା ଖାଲି ଚକୋଲେଟ୍ ଆଶାରେ । ପ୍ରତିଥର ପତାକା ଉତ୍ତୋଳନ ପରେ ସ୍କୁଲରେ ଶିକ୍ଷକ ବିସ୍କୁଟ୍ ଆଉ ଚକୋଲେଟ୍ ଦିଅନ୍ତି । ବୁଲୁ ଚକୋଲେଟ୍ ଖାଏ ନାହିଁ ଆଉ ସେହ ଭାଗମିଳେ ଦନେଇକୁ ।

ସେଦିନ ସ୍କୁଲର ପତାକା ଉତ୍ତୋଳନ ପରେ ସମସ୍ତେ ଗ୍ରାମ ପରିକ୍ରମା କରି ସାରି ଗୋଷ୍ଠୀ ଉନ୍ନୟନ ଅଫିସରେ ଯାଇ ଜମା ହେଲେ । ଆଗରୁ ସେଠାରେ ଆହୁରି ଚାରି ପାଞ୍ଚଟି ସ୍କୁଲର ଛାତ୍ରଛାତ୍ରୀ ଆଉ ଶିକ୍ଷକ ସବୁ ନିଜ ନିଜର ଆସ୍ଥାନ ଜମାଇ ଠିଆ ହୋଇଥିଲେ । ଗୋଷ୍ଠୀ ଉନ୍ନୟନ ଅଫିସର କର୍ମଚାରୀ ଆଉ ଅଧିକାରୀ ମଧ୍ୟ ଠିଆ ହୋଇଥିଲେ । ବି.ଡ଼ି.ଓ. ବାବୁ ନିଜର ପାନଖିଆ ପାଟିଟାକୁ ପାକୁଳେଇ ଘଡ଼ିକୁ ଘଡ଼ି ନିଜର ଏଚ୍.ଏମ୍.ଟି ଘଡ଼ିଟା ଉପରେ ଆଖିଟାକୁ ବୁଲେଇ ନେଉଥିଲେ । ପ୍ରଚଣ୍ଡ ଖରାରେ ପିଲାଗୁଡ଼ାକ ଅଧା ସିଝି ସାରିଲେଣି । ସମସ୍ତଙ୍କ ଆଖି ସେହି ଯୁଦ୍ଧକାଳୀନ ଭିତିରେ ରଙ୍ଗ କାଙ୍କରାମାଟି ପକା ସଡ଼କଟା ଉପରେ । ରଙ୍ଗମାଟି ନ ଉଡ଼ିବ ବୋଲି ସକାଳୁ ଏଯାଏଁ ଦୁଇତିନି ଥର ପାଣି ଛିଞ୍ଚା ଯାଇ ସାରିଲାଣି । ସେଇ ରାସ୍ତାରେ ମନ୍ତ୍ରୀ ଆସିବେ । ରାସ୍ତାରେ ଦୁଇ ପାର୍ଶ୍ୱରେ ଧଳାଚୂନ ଦିଆ କାଠଘେରା ବାଡ଼ ପଡ଼ିଛି । ରଙ୍ଗ ବିରଙ୍ଗର ବାନା ସବୁ ଦୁଇ ଧାରରେ ଝୁଲୁଛି । ମନ୍ତ୍ରୀ ଆସନ୍ତୁ କି ନ ଆସନ୍ତୁ ସେମାନେ ଏଇ ଝାଞ୍ଜି ପବନରେ ପୁରିତାରରେ ଝୁଲି ନାଚି ଉଠୁଛନ୍ତି । ବହୁତ ଦିନ ପରେ ମାଳିଆ ପସରାରୁ ଏମାନଙ୍କୁ ମୁକ୍ତି ମିଳିଛି ରାସ୍ତାରେ ଝୁଲି ଖେଳିବାକୁ ।

ହଠାତ ଦୂରରୁ ଧୂଳି ଉଡ଼ିବାର ଦେଖାଗଲା । ବି.ଡ଼ି.ଓ. ହଠାତ୍ ଚଳଚଞ୍ଚଳ ହୋଇ ଉଠିଲେ ଆଉ ସମସ୍ତ କର୍ମଚାରୀଙ୍କୁ ଉଚ୍ଚସ୍ୱରରେ ସବୁ ନିର୍ଦ୍ଦେଶ ଦେବାରେ ଲାଗିଲେ । ଆଉ ଏହି ତତ୍ପରତା ଦେଖି ସେଠି ଜମା ହୋଇଥିବା ସମସ୍ତେ ସାବଧାନ ହୋଇ ସାରିଲେଣି । ସେହି ସଭାସ୍ଥଳ ପୂରା ନିସ୍ତବ୍ଧ, ଏକ ଶିଥିଳତା ପରିବେଶରେ । ବୁଲୁ ଭାବୁଥିଲା ଏଇଆ କଣ ଆଜିକାର ଦିବସର ମହତ୍ୱ ? ଏଇଟା ସ୍ୱାଧୀନତା ଉତ୍ସବର ପରିବେଶ ? ଏଣୁଅଟାଏ ଚାଲିଗଲେ ମଧ୍ୟ ଶୁଣାଯିବ ।

ଧାଡ଼ି ଧାଡ଼ି ହୋଇ ୫/୬ଟା ଗାଡ଼ି ସଭାସ୍ଥଳ ନିକଟରେ ପହଞ୍ଚିଗଲା । ପୁଲିସ୍ ଜିପ୍ ଆଗପଛରେ ଥାଇ ମନ୍ତ୍ରୀ ମହୋଦୟଙ୍କ ଧଳା ଆମ୍ବାସଡ଼ୋର୍ ଗାଡ଼ିଟା ବ୍ଲକ୍ ଅଫିସ୍ ମୁହଁ ଯାଏଁ ଯାଇ ସେଠାରେ କାକପୋଇ ଗଛଛାଇରେ ଅଟକିଲା । କାର୍ ଆଗରେ ତିରଙ୍ଗାଟିଏ ଶୋଭା ପାଉଥାଏ । ଧଳା କାର୍‌ରୁ ଧଳା ସଫାରି ପିନ୍ଧି ମନ୍ତ୍ରୀ ମହୋଦୟ ଓହ୍ଲାଇଲେ । ମୁଣ୍ଡରେ ଧଳା ଟୋପି ଆଉ ତା'ଉପରେ କାକପୋଇ ଗଛର ଛାଇ ଥିବା ସତ୍ତ୍ୱେ ତାଙ୍କ ପି.ଏ. ମନ୍ତ୍ରୀଙ୍କ ମୁଣ୍ଡ ଉପରେ ଗୋଟିଏ ଛତା ଧରି ତାଙ୍କୁ ବାଟ କଢ଼ାଇ ନେଲେ ମୁଖ୍ୟ କୋଠରୀ ଆଡ଼କୁ ।

ଏଇଥିଃ କ'ଣ ? ବୁଲୁ ଚକିତ ହୋଇ ପଚାରିଲା ନିକଟରେ ଠିଆ ହୋଇଥିବା ସ୍କୁଲ ପିଅନ ରାଘବକୁ । ରାଘବ କହିଲା, ବୁଲୁବାବୁ, ସେ ପରା ବହୁତ ଦୂରରୁ କ୍ଳାନ୍ତ ଶ୍ରାନ୍ତ ହୋଇ ଆସିଛନ୍ତି । ସେତିକେ ଜଳପାନ କରିବେ ଆଉ ସତେଜ ହୋଇ ଆସିବେ ପତାକା ଉତ୍ତୋଳନ ପାଇଁ । ତେଣୁ ଟିକେ ଧୈର୍ଯ୍ୟ ଧର । ବୁଲୁ ଭାବୁଥିଲା ସକାଳ ୭ଟାରୁ ୧୦ଟା ଯାଏଁ ମାଟିମଟାଳ ରାସ୍ତାରେ ଖରାରେ ଆମେ ଚାଲିଚାଲି ଏବେ ଖରାତରାରେ ଠିଆ ହୋଇଛୁ ଆଉ ଭୁବନେଶ୍ୱରରୁ ୧୪୦ କିମି. ଆରାମଦାୟକ କାର୍‌ରେ ଆସି ସେ କିପରି କ୍ଳାନ୍ତ ହୋଇଗଲେ ? ତାକୁ ଦୁଃଖ ହେଉଥିଲା ଯେ ମନ୍ତ୍ରୀ ପ୍ରଥମେ

ପତାକା ଉତ୍ତୋଳନକୁ ଗୁରୁତ୍ୱ ନ ଦେଇ ନିଜ ପ୍ରତି କିପରି ଗୁରୁତ୍ୱ ଦେଇପାରିଲେ ? ତାର ଅପେକ୍ଷା କରିବା ଛଡ଼ା ଆଉ କିଛି ଯୁନଥିଲା ।

ସେ କେଉଁଠାରେ ଏକ କବିତାରେ ତିରଙ୍ଗା ଫରଫର ହୋଇ ଉଡ଼ିବା କଥା ପଢ଼ିଥିଲା । ହେଲେ ସ୍କୁଲରେ ପତାକା ଉତ୍ତୋଳନ ପରେ ସେଥିରେ ଗୁଡ଼ା ଯାଇଥିବା ଫୁଲ ସବୁ ତଳେ ପଡ଼ିଯାଇଥିଲା ଆଉ ସମସ୍ତେ ତାଳି ମାରି ପତାକା ଟାକୁ ଚାହିଁ ରହିଥିଲେ । କିନ୍ତୁ ବହୁତ ସମୟ ଯାଏଁ ପତାକା ଉଡୁନଥିଲା । ବରଂ ସେ ଅଶୋକ ଚକ୍ରଟାକୁ ଗୁଡ଼େଇ ହୋଇ ଝୁଲି ରହିଥିଲା ତଳକୁ । ଏବେ ବୁଲୁ ନିଶ୍ଚିତ ଥିଲା ଯେ ମନ୍ତ୍ରୀ ମହୋଦୟ ଉତ୍ତୋଳନ କଲେ ପତାକା ହୁଏତ ଉଡ଼ିବ ଏଠାରେ । ତେଣୁ ସେ ମଧ୍ୟ ଅନ୍ୟମାନଙ୍କ ପରି ଧୈର୍ଯ୍ୟର ସହ ଅପେକ୍ଷା କରିବାରେ ଲାଗିଲା ।

ଜଳପାନ ଆଉ ସହର୍ଷ ଆଲୋଚନା ସାରି ମନ୍ତ୍ରୀ ଦଳବଳ ଧରି ସଭା ପ୍ରାଙ୍ଗଣରେ ପହଞ୍ଚିଲେ । ତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଏକ ମଞ୍ଚ ଉପରକୁ ଯାଇ ନିଜର ଭାଷଣ ଆରମ୍ଭ କଲେ । ଅଗଷ୍ଟ ପନ୍ଦରର ମହତ୍ତ୍ୱକୁ କାଟଛାଣ୍ଟ କରି ନିଜର ରାଜନୈତିକ ଦଳର ମହତ୍ୱକାଂକ୍ଷାକୁ ବିଶେଷ ରୂପେ ବର୍ଣ୍ଣନା କରିବାରେ ଲାଗିଲେ । ୩୦ମିନିଟ୍‌ରେ ଅନର୍ଗଳ ଭାଷଣ ଦେଇ ପରିଶେଷରେ କହିଲେ ଯେ, ଭାଇ ଓ ଭଉଣୀମାନେ ଏହି ଅଳ୍ପକଥା କହି ମୁଁ ମୋର ଭାଷଣ ଏହିଠାରେ ସମାପ୍ତ କରୁଅଛି ।

ଏହାପରେ ସେ ପତାକା ଉତ୍ତୋଳନ କରିବାକୁ ଗଲେ । ପତାକାର ଡ଼ୋର ଦୁଇଟାକୁ ବି.ଡ଼ି.ଓ. ତାଙ୍କ ହାତକୁ ବଢ଼ାଇ ଦେଲେ ଆଉ ମନ୍ତ୍ରୀ ମହୋଦୟ ସେହି ଡୋରଟାକୁ ଝିଙ୍କିବାକୁ ଆରମ୍ଭ କଲେ । ଥରେ ଦୁଇଥର ଧିରେ ଝିଙ୍କିବା ପରେ, ଜୋର୍ ଲଗାଇ ଝିଙ୍କିଲେ ମନ୍ତ୍ରୀ ମହୋଦୟ ହେଲେ ପତାକା ଖୋଲୁନାହିଁ । ପୁଣି ଚେଷ୍ଟାପ୍ରଚେଷ୍ଟା ଆରମ୍ଭ କଲେ ମନ୍ତ୍ରୀ । ପୁଣି ସେହି ଅବସ୍ଥା । ସେ ବିଷର୍ଣ୍ଣ ହୋଇ ଅସହାୟ ଅବସ୍ଥାରେ ଏପଟ ସେପଟ ହୋଇ ଦେଖିଲେ । ବି.ଡ଼ି.ଓ. ବାବୁଙ୍କ ଛାତି ଧଡ଼ପଡ଼ ହେବାରେ ଲାଗିଲା । ଏ କଣ ହେଲା ? ହଠାତ୍ ବୁଲୁ ଦେଖିଲା ପ୍ରଧାନ ଗୁରୁଜୀ ସେହି ପତାକା ସ୍ତମ୍ଭ ଆଡ଼କୁ ଯାଉଛନ୍ତି । ସେ ବିନମ୍ର ସହକାରେ ମନ୍ତ୍ରୀ ମହୋଦୟଙ୍କ ଠାରୁ ଦଉଡ଼ିଟି ନେଇ ଥରେ ଦୁଇଥର ଦେଖି ଗୋଟିଏ ଡ଼ୋରକୁ ଟାଣିଲେ । ପତାକାରୁ ସବୁ ଫୁଲ ଗୁରୁଜୀଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲା । ମନ୍ତ୍ରୀ ମହୋଦୟ ନିଜର ଦନ୍ତପଙ୍କ୍ତିକୁ ଖୋଲିଦେଇ, ଜନତାଙ୍କ ଆଡ଼େ ହାତ ଉଠାଇ ଭାରତମାତାର ଜୟନାଦ ଆରମ୍ଭ କଲେ ।

ଏହି ମୁହୂର୍ତ୍ତକୁ ସତେ ଯେପରି ସମସ୍ତେ ଅପେକ୍ଷା କରି ରହିଥିଲେ । ଜୟନାଦରେ ସଭାସ୍ଥଳ ପ୍ରକମ୍ପିତ ହେଲା ଆଉ ପ୍ରତିଧ୍ୱନିତ ହେଲା ଗୋଷ୍ଠି ଉନ୍ନୟନ କାର୍ଯ୍ୟାଳୟର କାନ୍ଥବାଡ଼ରେ । ଏକ ଅଭୁତପୂର୍ବ ପରିବେଶ ସୃଷ୍ଟିହେଲା । ଆମେ ସମବେତ ହୋଇଥିବା ୪୦୦/୫୦୦ ଜଣଙ୍କ ସ୍ୱରଶକ୍ତିକୁ ମନ୍ତ୍ରୀ ମହୋଦୟଙ୍କ ଯାନ୍ତ୍ରିକ ସ୍ୱର ଦବାଇ ଦେଉଥିଲା । ପ୍ରତିଥର ଆମେ ଆହୁରି ଅଧିକ କଣ୍ଠ ଫଟାଇ ଚଢ଼ାସ୍ୱରରେ ଜୟଧ୍ୱନି କରୁଥିଲୁ । ଏହି କୋଳାହଳ ୫/୧୦ ମିନିଟ୍ ଯାଏଁ ବାତାବରଣକୁ ଜାଗ୍ରତ କରି ରଖିଥିଲା । ଅଫିସ୍‌ର ଉପର ଆଜ୍‌ବେଷ୍ଟସ ଛାତରେ ପାରା ଦଳଟିଏ ହତବାକ୍ ହୋଇ ଏହି ଦୃଶ୍ୟ ଉପଭୋଗ କରିବାରେ ଲାଗିଥିଲେ । ଆଉ ଫାଟକ ବାହାରେ ଜନଗହଳି । କାଳିଆ କୁକୁରଟାଏ ନିଜ ଶୋଇବା ଜାଗାରୁ ଉଠି ମଝି ମଝିରେ ଭୁକି ନିଜର ଉପସ୍ଥିତିକୁ ଜାହିର୍ କରୁଥିଲା ।

ସେଦିନର ସଭା ପରେ ସମସ୍ତେ ଫେରିବା ସମୟରେ ବୁଲୁ ପ୍ରଧାନ ଗୁରୁଜୀଙ୍କ ନିକଟକୁ ଯାଇ କହିଲା, ଗୁରୁଜୀ, ଆପଣ ଯଦି ମୋତେ ଅନୁମତି ଦିଅନ୍ତେ ମୁଁ ତିରଙ୍ଗାକୁ ନେଇ ଘରକୁ ଯାଆନ୍ତି ? ଗୁରୁଜୀ ହସିହସି ଅନୁମତି ଦେଇ କହିଲେ ହେଉ ନେ । ହେଲେ କାଲି ତାକୁ ଯତ୍ନରେ ଭାଙ୍ଗକରି ଗୋଟିଏ କାଗଜ ଗୁଡ଼ାଇ ମୋତେ ଆଣି ଅଫିସ୍‌ରେ ଦେବୁ । ତାଙ୍କ କଥାରେ ହଁ ଭରିଲା ବୁଲୁ । ଖୁସିରେ ନାଚି ଦନେଇ ସହ ଘରକୁ ଫେରିଲା । ଦନେଇର ବି ମନ ବଡ଼ଖୁସି କାରଣ ଆଜି ବୁଲୁ ତାକୁ ସବୁ ବିସ୍କୁଟ୍ ଆଉ ଚକୋଲେଟ୍ ଦେଇ ଦେଇଥିଲା ଖୁସିରେ ।

ଘରକୁ ଫେରି ମାକୁ ସକାଳ ଠାରୁ ଆରମ୍ଭ କରି ଗୁରୁଜୀଙ୍କ ହାତରେ ପତାକା ଉତ୍ତୋଳନ ହେବା କଥା ଅତି ଆଗ୍ରହରେ ବଖାଣିବାରେ ଲାଗିଲା ବୁଲୁ । ମା' ପଚାରିଲେ, ମନ୍ତ୍ରୀ ମହୋଦୟଙ୍କ ହାତରେ କାହିଁକି ପତାକାର ଡ଼ୋର କାମ କଲାନାହିଁ ? ଏହାର ଉତ୍ତର ସଭାସ୍ଥଳରେ ହିଁ ସେ ଗୁରୁଜୀଙ୍କୁ ପଚାରି ଆସିଥିଲା । ଏଣୁ ଆଉ ହେଳା ନକରି ସେ ତତ୍‌କ୍ଷଣାତ୍ ଉତ୍ତର ଦେଇ କହିଲା, ମନ୍ତ୍ରୀବାବୁ ପରା ଭୁଲ ଡୋରଟାକୁ ଟାଣିବାରେ ଲାଗିଥିଲେ । ଆଉ ତିରଙ୍ଗା ଖୋଲିବ କେମିତି ? ତା'ପରେ ସେ ମା'ଙ୍କୁ ପଚାରିଲା, ମା ସବୁହେଲା ଯେ ହେଲେ ତିରଙ୍ଗାକୁ ଫରଫର ହୋଇ ଉଡ଼ିବାର ଦେଖିପାରିଲିନି । ଏହା ଶୁଣି ତାର ମା ବୁଝାଇଲେ ଆଜି ପରା ପବନ ଠିକ୍‌ରେ ବହୁନାହିଁ । ତିରଙ୍ଗା ଉଡ଼ିବ କେମିତି ? ବୁଲୁ ଏହା ଶୁଣି ପତାକା ଉଡ଼ିବାର ରହସ୍ୟ ବୁଝିଗଲା ।

ସକାଳେ ତିରଙ୍ଗାକୁ ଫେରାଇବାର କଥା ଭାବି ତାର ମନଦୁଃଖ ହୋଇ ଉଠିଲା । ଏଣୁ ରାତିରେ ଶୋଇଲା ବେଳେ ସେ ତିରଙ୍ଗାକୁ କାକୁଡ଼ି ଧରି ଶୋଇପଡ଼ିଲା । ଏଣୁତେଣୁ ଭାବି, ତିରଙ୍ଗା ସହ ଗପି କେତେବେଳେ ତାର ଆଖି ମୁଦି ହୋଇଯାଇଛି ତାକୁ ଜଣା ନାହିଁ । ରାତି ଅଧରେ ହଠାତ୍ ତାର ନିଦଭାଙ୍ଗିଲା ତାର ନାମ ଶୁଣି । ସେ ଧିରେଧିରେ ଆଖି ଖୋଲିଲା । କାନଡେରି ଶୁଣିବାକୁ ଲାଗିଲା ସେହି ସ୍ୱରକୁ । ହେଲେ ଶୂନ୍ଶକ୍ତି ବିଶିଷ୍ଟ ସେହି ବିଦ୍ୟୁତ ବଲ୍‌ବ୍ ଆଲୁଅରେ କାହାରିକୁ ଦେଖି ପାରିଲା ନାହିଁ । ପୁଣି ଥରେ କେହି ଡାକିଲା ତାକୁ ଅତି ନିକଟରୁ ତାର ନାମନେଇ । ଆଶ୍ଚର୍ଯ୍ୟ ହୋଇ ବୁଲୁ ବୁଝିପାରିଲା ତିରଙ୍ଗା ହିଁ ତାର କୋଳରୁ ତାକୁ ଡାକୁଛି ବୋଲି । ତାର ଖୁସି କହିଲେ ନ ସରେ । ସେ ତିରଙ୍ଗାକୁ ପଚାରିଲା, କଣ ହେଲା କି ତିରଙ୍ଗା ?

ଉତ୍ତରରେ ତିରଙ୍ଗା କହିଲେ, ବହୁତ ଦିନ ପରେ ତୋର ନିଷ୍ପାପ କୋଳରେ ଟିକେ ଶୋଇବାକୁ ଚେଷ୍ଟା କରୁଥିଲି ହେଲେ ଏତେ ଜୋର୍‌ରେ ଘୁଙ୍ଗୁଡ଼ି ମାରୁଛୁ ତୁ...!!!

ତିରଙ୍ଗା କହିବାରେ ଲାଗିଲା, ତୋର ଏଇ ଘଡ଼ଘଡ଼ିଆ ଘୁଙ୍ଗୁଡ଼ିରେ ମୋ ନିଦଭାଙ୍ଗିଗଲା । କାଲି ତ ପୁଣି ସ୍କୁଲର ସେଇ କାଠ

ଆଲମିରାକୁ ଚାଲିଯିବି। ଏଣୁ ଭାବିଲି ତୋ ସାଙ୍ଗରେ କଥା ଦୁଇପଦ ହୋଇଯିବ।

ବୁଲୁ ପଚାରିଲା, ତୁ କଣ ଆଉ ବାହାରକୁ ଆସିବୁ ନାହିଁ ?

ତିରଙ୍ଗା କହିବାକୁ ଆରମ୍ଭ କଲା ତା'ର କଥା । ସେ କହିଲା, ବାହାରକୁ ଆସିବାକୁ ମୋତେ ଡର ଲାଗିଲାଣି ବୁଲୁ। ଯାହା ସବୁ ଚାଲିଛି ମୋର ଆଖି ଆଗରେ, ମୁଁ ଏସବୁ ଦେଖି ନିର୍ବାକ୍ ହୋଇ ସାରିଲିଣି। ସାଧିନତା ପୂର୍ବରୁ ମନରେ ଗୋଟିଏ ଆଶାଥିଲା ସ୍ୱରାଜ ମିଳିବା ପରେ ଏ ଦେଶ ସୁଧୁରିବ। ମୋର ଜନତା ସ୍ୱରାଜରେ ପୂର୍ଣ୍ଣ ସାଧିନତା ଉପଭୋଗ କରିବେ। ମୁକ୍ତବାୟୁରେ ଶାନ୍ତି, ସୁଖ ଆଉ ସ୍ୱଚ୍ଛନ୍ଦରେ କାଳାତିପାତ କରିବେ।

ହେଲେ ସବୁଠି ମୋ ଦେଶର ସର୍ବସାଧାରଣ ଦୁଃଖ, କଷ୍ଟ ଆଉ ଶୋଷଣରେ ଜୀବନଯାପନ କରୁଛନ୍ତି। ସବୁଠି ଅରାଜକତା, ସବୁଠି ଭ୍ରଷ୍ଟାଚାର। ସାରା ଦେଶ ତ୍ରାହି ତ୍ରାହି ଡାକିବାରେ ଲାଗିଛି। ଏଠି ରକ୍ଷକ ଆଜି ଭକ୍ଷକ ସାଜି ବୁଲୁଛନ୍ତି। ସାଧୁତାର ଗେରୁଆ ବସନ ତଳେ କାମନା ଓ ବାସନା, ଖଦଡ଼ ବସ୍ତ୍ରଧାରୀ ନେତା ସମୂହ ଆଜି ଡକାୟତଙ୍କ ଠାରୁ ଅଧିକ ବର୍ବର ଆଉ ଅମଲାତନ୍ତ୍ର ସବୁଠି ଅକଥନୀୟ ଅନ୍ୟାୟ ଆଉ ଜାଲିଆତି। ସ୍ୱାଧୀନତା ସଂଗ୍ରାମ ପାଇଁ ଯେଉଁମାନେ ସବୁ ବଳିଦାନ ଦେଇଛନ୍ତି ଆଜି ସେମାନଙ୍କ ଆତ୍ମା ସ୍ୱର୍ଗରେ ରହି ଏସବୁ ଦେଖି ବିକଳ ହୋଇ ଉଠୁଥିବ। ନେତାଜୀ, ଭଗତ ସିଂ, ଶାସ୍ତ୍ରୀଙ୍କ ଭଳି ଜନନାୟକଙ୍କ ବଳିଦାନକୁ ପଦଦଳିତ କରି ଏଠାକାର ଜନନାୟକ ଗଣ ଆଜି କ୍ରୁର, ବର୍ବର ଆଉ ନିଷ୍ଠୁର ହୋଇସାରିଛନ୍ତି। ମାନବତା ଆଜି ପଥହରା। ଦେଶର ଅର୍ଥ ସବୁ ବିଦେଶରେ ଜମା ହେଉଛି ଏଣେ ମୋର ଜନତା ଅର୍ଥ ଅନାଟନରେ ପେଷି ହେବାରେ ଲାଗିଛନ୍ତି। ମୁଠାଏ ଭାତ, ଖଣ୍ଡିଏ ଲୁଗା ଆଉ ଚାଖଣ୍ଡେ ଭୂମି ପାଇଁ ସେମାନେ ପାପ ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି। ସ୍ୱରାଜରୁ ଅରାଜକତା ଆଡ଼କୁ ଆସିବାକୁ ଘଡ଼ିଏ ବି ଲାଗିଲା ନାହିଁ ଏ ଦେଶକୁ।

ତିରଙ୍ଗାକୁ ନିଜର ଛାତିରେ ଆଉଜେଇନେଲା ବୁଲୁ ଆବେଗରେ। ତା'ର ବି କୋହ ଉଠୁଥିଲା ଏ କଥା ଶୁଣି। ଦେଶର ଏହି ଅବସ୍ଥା ପାଇଁ ତା'ର ଅନ୍ତରାତ୍ମା କାନ୍ଦି ଉଠୁଥିଲା। ହେଲେ ପିଲାଟିଏ ସେ, କ'ଣ ଅବା କରିପାରିବ ?

ତିରଙ୍ଗା ପୁଣି କହିବାରେ ଲାଗିଲା, ମୁକ୍ତବାୟୁରେ ଫରଫର ହୋଇ ଉଡ଼ିବାକୁ ହିଁ ମୋର ଜନ୍ମ। ହେଲେ ମୋର ବାହାରେ ଉଡ଼ି ବୁଲିବାଟା ଆଜି ମୋ ପାଇଁ ସତେ ଯେପରି ଅଭିଶାପ। ମୁଁ ବାହାରକୁ ଆସେ, ଯେତେବେଳେ ଜଣେ ସହୀଦଙ୍କ ଶରୀରକୁ ଆବୃତ କରିବାକୁ ହୁଏ। ମୁଁ ଗର୍ବ ଅନୁଭବ କରେ ଏହି ବୀର ସୈନିକଙ୍କ ଶେଷ ଅମର ଯାତ୍ରାରେ ସାଥି ହୋଇଥିବାରୁ। ହେଲେ ଯନ୍ତ୍ରଣାରେ ମୋର ଅନ୍ତରାତ୍ମା ଗୁମୁରି ଉଠେ। ମନେ ମନେ ଭାବେ ମୁଁ ପଛେ କେଉଁ ଘର ବା ଅଫିସ୍‌ର କୋଣରେ ଆବୃତ ହୋଇ ରହିବି ହେଲେ ମୋ ଦେଶର ଏହି ଜବାନ ଗଣ ଅମର ରୁହନ୍ତୁ। ଏ ଦେଶ କେବଳ ସେମାନଙ୍କ ପାଇଁ ସୁରକ୍ଷିତ।

ଅନ୍ୟପକ୍ଷରେ ମୋର ବହୁତ କ୍ଷୋଭ ହୁଏ ଯେତେବେଳେ କେଉଁ ଅସଭ୍ୟ, ଅଶିକ୍ଷିତ, ଦୁର୍ନୀତିଗ୍ରସ୍ତ ନେତାର ଯାନବାହାନରେ ମୋତେ କେବଳ ଗୋଟିଏ ସଙ୍କେତ ଭଳି ବ୍ୟବହାର କରାଯାଏ। ସେମାନଙ୍କ ସହ ମୋର ରହଣି ଅସହ୍ୟ ହୁଏ। ମୁଁ ଅଣନିଃଶ୍ୱାସୀ ହୋଇଉଠେ ସେମାନଙ୍କ ସୁରାସାକୀର ଦୁନିଆରେ। ଦିନରେ ଦେଶଭକ୍ତିରେ ସୁଆଙ୍ଗ ରାତ୍ରିରେ ସଇତାନ ହୋଇଯାଉଥିବା ଏହି ଯତିବେଶଧାରୀ ରାବଣ ମାନଙ୍କର ଗାଡ଼ିର ଲୁହାମୁନରେ ଉଡ଼ିଲା ବେଳେ ମୋତେ ନିଜକୁ ଶୂଳବିଦ୍ଧ ହୋଇ ରହିଲା ଭଳି ଲାଗେ। ସେମାନେ ଶୀତତାପ ନିୟନ୍ତ୍ରିତ ଯାନରେ ବସି ମଟୁଆଳୀ ହେଲେ ବେଳେ ମୁଁ ବାହାରେ ଧୂଳି ଧୂସରିତ ହୋଇ ସେମାନଙ୍କ ସମ୍ମାନର ଏକ ସଙ୍କେତ ହୋଇ ରହିଥାଏ। ସତେ ଯେପରି ମୁଁ ଏକ ଦ୍ୱାରପାଳ ସେମାନଙ୍କ ଦେଶଭକ୍ତି ଆଉ ରାଜଭକ୍ତିର ଅଭିନୟ ମଞ୍ଚରେ। ମୋ ଆଗରେ କେତେ ନିରୀହ ଅବଳାଙ୍କ ଇଜ୍ଜତ ଲୁଣ୍ଠନ ହେବାର ଦେଖିଛି, କେତେ ଅନ୍ୟାୟ ଓ ଅତ୍ୟାଚାରରେ ବିଭିଷୀକାର ଲୀଳା ବରଦାସ୍ତ କରିଛି ତାହା ଅକଥନୀୟ।

ବୁଲୁକୁ ଆହୁରି ଜୋରରେ ଜାବୁଡ଼ି ଧରି ତିରଙ୍ଗା ତାର କାହାଣୀ ଜାରି ରଖି କହିଲା, ତୁମ ଭଳି ସରଳ ନିଷ୍ପାପ ଚପଳମତି ବାଳକଙ୍କ ପାଇଁ ମୁଁ ଏକ ସୁବର୍ଣ୍ଣ ଦେଶ ଉପହାର ଦେବାର କଥା ହେଲେ ମୋର ଅସହାୟତାକୁ ହିଁ ମୁଁ ତୁମକୁ ଉପହାର ଦେବା ଛଡ଼ା ଆଉ କିଛି ମୋ ନିକଟରେ ନାହିଁ। ତୁମଠାରୁ ମୋର ବହୁତ ଆଶା ଓ ବିଶ୍ୱାସ ରଖିଛି। ଏ ଦେଶର ମାନ ମହତ ତୁମରି ହାତରେ ଅଛି। ତୁମେ ଏବେଠାରୁ ସାଭିମାନ ଆଉ ଆତ୍ମଗୌରବକୁ ଗୁରୁତ୍ୱ ଦିଅ। ଏ ଦେଶ ତୁମର, ଏହାର ସୁରକ୍ଷା ତୁମର ହାତରେ। ଏହାର ସ୍ୱର୍ଣ୍ଣିମ ଇତିହାସ ତୁମେ ହିଁ ଲେଖ। ମୁଁ ଆଜି ତୁମଠାରେ ନିଜକୁ ସମର୍ପଣ କରୁଅଛି। ତୁମେ ହିଁ ଏ ଦେଶର ଶୌର୍ଯ୍ୟମୟ ବଂଶଧର। ଆଜି ମୋତେ କଥା ଦିଅ ମୋର ଏହି ଜୀବନଯାତ୍ରାର ତୁମେ ହିଁ ସହଯାତ୍ରୀ ଏକ ସୁଜଳା ଶ୍ୟାମଳା ପ୍ରାଣପ୍ରାଚୁର୍ଯ୍ୟ ପୂର୍ଣ୍ଣ ଦେଶର।

ବୁଲୁର ଆଉ କହିବା ପାଇଁ କିଛି ନଥିଲା। ତିରଙ୍ଗାକୁ ଧରି ସେ କଇଁକଇଁ ହୋଇ କାନ୍ଦି ଉଠିଲା ସେ। ନିଜକୁ ସମ୍ଭାଳି ନେଇ ସେ କହି ଉଠିଲା, ମୁଁ ସମସ୍ତ ଶିଶୁ ସମାଜଙ୍କ ତରଫରୁ ପ୍ରତିଜ୍ଞା କରୁଛି ତୁମର ସମସ୍ତ କଥାକୁ ମୁଁ ପାଳନ କରିବି ଆଉ ଆମେ ସବୁ ଗଢ଼ିବୁ ତୁମ ସପ୍ନର ଭାରତ। ଏକ ସମୃଦ୍ଧ ଆଉ ବିକାଶଶୀଳ ଭାରତ। ଏକ ସୁସ୍ଥ ଆଉ ଶାଶ୍ୱତ ଭାରତ।

ତିରଙ୍ଗା ଖୁସିରେ ଆତ୍ମହରା ହୋଇ ଉଠିଲା ଆଉ ବୁଲୁ ତାକୁ କୁଣ୍ଢାଇ ଧରି ପୁଣି ଥରେ ଶୋଇ ପଡ଼ିଲା ଆଗାମୀ କାଲିର ସପ୍ନ ନେଇ।

ଜୟ ଓଡ଼ିଆ...ଜୟ ଓଡ଼ିଶା...ଜୟ ଜଗନ୍ନାଥ...!!!

***

ଟରୋଣ୍ଟୋ, କାନାଡ଼ା

# ଦସ୍ତଖତ

ଡା. ଜ୍ୟୋତି ପ୍ରସାଦପଟ୍ଟନାୟକ



ନାହିଁ ଆଜ୍ଞା ମୋତେ ସେ କଲମ ଦିଅନି, ମୋ ହାତରେ କଲମ ଭଲ ଦେଖାଯିବନି। ମୁଁ ଜଣେ ନିପଟ ଗାଉଁଲି ଗଜ ମୂର୍ଖ। ତମେ ସବୁ ପାଠୁଆ ମଣିଷ। ମୋତେ ଛାଡ଼ିଦିଅ। ମୁଁ କାମକୁ ଯିବି। ଗୁମାସ୍ତା ପାଖରେ କାମକଲେ ଦି'ଓଳିର ଖାଇବା ପାଇବି, ଏଇ ପାଠ ପଢ଼ାରୁ ମୋତେ କଣ ମିଳିବ। କୋଉ ମୁଁ ହାକିମ ହେବି ବାବୁ।

- ଖାଲି କାମ କରି ଯଦି ପେଟ ପୋଷିବାର ଥିଲା ତ ସହରକୁ କାହିଁକି ଆସିଥିଲୁ। ଏଠି ଅପାଠୁଆ ମାନଙ୍କୁ କିଏ ପଚାରେନି। ଯଦି ସହରରେ ରହିବାର ଅଛି ତ ଧର କଲମ ଆଉ ବେଗାବେଗ୍ ଲେଖିଚାଲ ଯାହା ସବୁ ପଢ଼ା ହେଉଛି। ଆରେ ମୂର୍ଖ ଦି'ପଦପଢ଼ିଲେ ସିନା ଗାଁକୁ ଚିଠି ପଠେଇ ପାରିବୁ !

- ଚିଠି, କା'ପାଇଁ ଚିଠି ଲେଖିବି ବାବୁ। ଗାଁରେ କିଏ ଅଛି ମୋର ? ସବୁ ତ ପଳେଇଲେ। ଦିନ ଦି'ପହରରେ ଗାଁ ଦାଣ୍ଡରେ ସଭାକରି ଆମ ଗାଁ ସରପଞ୍ଚଟାର ମୁଣ୍ଡଟାକୁ ଦେହରୁ ଅଲଗା କରିଦେଲେ। ଆମେ ମାଛିଟେ ମାରିଲେ ଭଗବାନ ବୋଲି କହୁଛୁ, ସେମାନେ ଥରେ ଚିନ୍ତା ବି କଲେନି। ବସିଥିଲା ଲୋକଟାର ପଛରୁ କାଟି ପକେଇ ଦେଲେ, ହେଇ ଆମ ପୁରା ଗାଁ ଲୋକଙ୍କ ଆଗରେ ଗାଁ ଗାଁ ହେଇ ହରିଆ ସରପଞ୍ଚଟା ମରିଗଲା। ସେଇଦିନୁ ସବୁ ଗାଁ ଛାଡ଼ିଲୁ। ଗାଁରେ କିଏ ଆଉ ଅଛି କି ବାବୁ ? ସବୁ ବିଦେଶରେ। କିଏ କୋଲିଆରୀ ଗଲା, କିଏ ସୁରାଟ ଆଉ ଆଜ୍ଞା ଆମେ ଆଇଲୁ ରାଜଧାନୀ। ମୋ ବା' ଆଉ ସାନ ଭାଇ କେରଳ ଯାଇଛନ୍ତି। ଗାଁରେ ବୁଢ଼ାବୁଢ଼ୀ କିଏ ଥିବେ ପରା, ମୁଁ ଜାଣିନି ।

- କିନ୍ତୁ ପାଠ ପଢ଼ିଲେ ଭଲମନ୍ଦ ଜାଣିବ। ଦୁନିଆରେ କ'ଣ ହେଉଛି ନ ହେଉଛି ସବୁ ବୁଝିବ। ବିନା ପାଠରେ କିଛି ସମ୍ଭବ ହୁଏନି। ପାଠ ପଢ଼ିଲେ ଜାଣିବୁ ଦୁନିଆ କେତେ ସୁନ୍ଦର।

- ଆମ ଦୁନିଆ ତ ଅନ୍ଧାର ବାବୁ। ଆଉ କୋଉଠି କଣ ହେଉଛି ସେଥିରୁ କଣ ମିଳିବ ? ସରକାର ବାହାଦୁର ଏତେ ପାଠୁଆ ହେଇ କି ବି ରଖିପାରିଲାନି ହରିଆ ସରପଞ୍ଚ ଭଳିଆ ଶକ୍ତ ମଣିଷକୁ ଛେଳିମେଣ୍ଢା ଭଳି କାଟିଦେଲେ। ଆଉ ଆମେ ପାଠ ପଢ଼ି କଣଟେ ଅଧିକ କରି ପକେଇବୁ ବାବୁ ?

- ତୁମକୁ କିନ୍ତୁ ପଢ଼ିବାକୁ ହେବ। ସରକାର ମାଗଣାରେ ବହି ଦେଇଛନ୍ତି, ସଂଜ ବେଳିଆ ସ୍କୁଲ୍ କରିଛନ୍ତି, କାହା ପାଇଁ ? ତୁମ ମାନଙ୍କ ପାଇଁ ତ। ବସ ଏଠି ଆସ ଏଇ ଖଡ଼ି ଆଉ ସିଲଟ ଧର।

- ଥାଉ ବାବୁ, ପାଚିଲା ନିଶରେ ଆଉ କି ପାଠ ପଢ଼ିବି, ଜିଦ୍ କରୁଛନ୍ତି ଯଦି ନିତି ଆସୁଥିବି ଏଇଠି ବସୁଥିବି। ସବୁ ପିଲାମାନେ ଗଲାପରେ ଘର ପିଣ୍ଡା ସଫା କରି ଝାଡୁ କରିଦେଉଥିବି। ବୋଇଲେ ପାଣି ଆଣିଦେଉଥିବି। ବୋଲହାକ ସବୁ କରିବି ବାବୁ, ମୋତେ ସେ ପାଠ କଥା କହୁନି ଆଉ।

- ଯା' ମୋ ଚାକିରୀ ନେବୁ ନା କ'ଣ ? ସରକାରୀ ବାବୁ ଜାଣିଲେ ମୋତେ ଚାକିରୀରୁ ବାହାର କରିଦେବେ। ତୁମକୁ ପଢ଼େଇବା ପାଇଁ ମୋତେ ଦରମା ମିଳେ।

- ଆଜ୍ଞା, ସରାକରୀ ହାକିମ ଆସିଲେ ମୋତେ କହିଦେଲେ ମୁଁ ଦସ୍ତଖତ କରିଦେବି।

- ଦସ୍ତଖତ ? ତୋତେ ଦସ୍ତଖତ କରି ଆସେ? ତୁ ପାଠ ପଢ଼ିବୁ ? ଆଉ ପାଠ ପଢ଼ିବୁନି ବୋଲି କହୁଥିଲୁ ଯେ ? କେତେ ଯାଏଁ ପାଠ ପଢ଼ିବୁ ?

- ଗାଁକୁ ଆଜ୍ଞା ଠିକାଦାର ଆସିଥିଲା। ଗାଁକୁ ରାସ୍ତା ହେବ, ଯିଏ କାମ କରିବ ଟଙ୍କା ପଇସା ପାଇବ କହିଲା। ସିଏ କହିଲା, ଖାତାରେ ଦସ୍ତଖତ କଲେ ପଇସା ଦେବ ନଇଲେ ନାହିଁ, ତେଣୁ ଆଜ୍ଞା ଆମେ ଅପାଠୁଆ ଯେତେ ସବୁ ଥିଲୁ ଗାଁ ମାଷ୍ଟ୍ରଙ୍କୁ କହି ଦସ୍ତଖତ କରିବା ଶିଖିଦେଇଥିଲୁ। ମାଷ୍ଟ୍ର ଆଜ୍ଞା ଦି ଓଳି ଆମକୁ ବସେଇ ଦସ୍ତଖତ ଶିଖେଇ ଦେଇଥିଲେ। ଖାଲି ପଇସା ପାଇଲା ବେଳକୁ ଦସ୍ତଖତ କରିବାକୁ ପଡ଼ିବ ବୋଲି। କାମ ସରିଲେ ଆଜ୍ଞା ଖାତାରେ ଦସ୍ତଖତ କରି ଦଉଥିଲୁ ଆଉ ପଇସା ନଉଥିଲୁ।

- ଆରେ ବାଃ, କାହିଁ ଦେଖି ଏଠି ଦେଲୁ ଦେଲୁ ତୋ ଦସ୍ତଖତଟା, ଦେଖେ କଣ ସବୁ ଶିଖିଛୁ।

ଥରି ଥରି ହାତରେ କାଗଜ ଉପରେ ଲେଖିଦେଇଥିଲା ସୁଦ୍ରସୁନ ଦିଘିତ। ମାଷ୍ଟ୍ରେ ପଚାରିଲେ ତୋ ନାଁ କ'ଣ ? ସେ ହସିଦେଇ କହିଥିଲା, 'ସୁଦର୍ଶନ ଦିଗିତ' ଆଜ୍ଞା।

***

ପ୍ରତିଷ୍ଠାତା-ସମ୍ପାଦକ, "ଆହ୍ୱାନ ଇ-ପତ୍ରିକା"
ବାମା ନଗର, ଆମ୍ବପୁଆ, ବ୍ରହ୍ମପୁର-୧୦,ଓଡ଼ିଶା

# ଧର୍ମଯୁଦ୍ଧର ପଳାତକ

ଭିକାରୀ ରଥ



ଚନ୍ଦ୍ର ବଦନୀ ଓରଫ ଚନ୍ଦୁରୀ ଦେଈଙ୍କର ଝୁଙ୍କ ଉଠିଛି, ସେ ସ୍ୱାମୀଙ୍କ ସହ କଟକରେ ଯାଇ ରହିବେ। ସପ୍ତାହରେ କେବଳ ଟ୍ରାଭେଲ୍ ବାଲାଙ୍କର ଦୁଇ ରାତି ଏକଦିନ ରହଣୀ ଭଳି କେବଳ ଶନିବାର ଓ ରବିବାର ଗାଁରେ ରହି ସ୍ୱାମୀଙ୍କୁ ଅପେକ୍ଷା କରି ପାରିବେ ନାହିଁ। ଆର୍ମି ସ୍ପେଶାଲ ଫୋର୍ସ ଆକ୍ଟ ଭଳି ଜୋର୍ କରି ତାଙ୍କର ଇଚ୍ଛାକୁ ହତ୍ୟା କରାଯାଇ ନପାରେ।

ପଡ଼ିଶା ଘରର ଲେଖାଯୋଖାରେ ବଡ଼ ଯାଆ କହିଲା - "ତୁ ଏମିତି ବାଉଳା ହୋଇ ଅଡ଼ି ବସିଲେ ଲୋକେ ହସିବେ। ବରଂ ପୁରୁଣା ହୋଇଗଲେ କଟକ ଯାଇ ଭଡ଼ାଘରେ ରହିବୁ।"

ଚନ୍ଦୁରୀ କହିଲେ - "ସୀତା ଠାକୁରାଣୀ ପରା ଜିଦ୍ ଧରି ବସିଲେ, ରାମ ଯୁଆଡ଼େ ଯିବେ, ସିଏ ତାଙ୍କ ପଛେ ପଛେ ଯିବେ। ଏମିତିକି ବଣ ଜଙ୍ଗଲ ମାନିଲେ ନାହିଁ। ମୁଁ ତ ଭଡ଼ାଘରକୁ ଯିବା କଥା କହୁଛି। ସେଇ ଏକ କଥା କହିଲା ବେଳକୁ ସିଏ ଠାକୁରାଣୀ ଆଉ ମୁଁ ପ୍ରେମ ବାଇଆଣୀ। ସେ ସତୀ ଆଉ ମୁଁ କୁମତି।"

ଶାଶୁ-ଶଶୁର ବୁଢ଼ାବୁଢ଼ୀ ଦୁଇଟୀ ଉପର ମନରେ ହଁ ମାରିଲେ। ହଁ, ପୁଅ ବାହାହେଲେ ଘରଣୀ ଆସିଲେ ପୁଅ ହୋଇଯାଏ ପର। ଗୋଟୀ ପଣେ ଭାଗୀଦାର। ବୁଢ଼ା କହିଲା ସାଙ୍ଗସାଥୀଙ୍କ ଆଗରେ- ପୁଅ କହୁଛି, ତୁମେ ଆଜି ପର୍ଯ୍ୟନ୍ତ ଆମ ଦାୟିତ୍ୱ ମୁଣ୍ଡାଇ ଥିଲ। କେତେଦିନ ଆଉ ବୋଝ ମୁଣ୍ଡାଇ ଥାନ୍ତ ? ଏବେ ଆମ ମୁଣ୍ଡକୁ ହାତ ପାଇବା ପରେ ଆମେ ତୁମକୁ ଦାୟିତ୍ୱ ମୁକ୍ତ କରିଦେଲୁ। ଏଣିକି ଆମ ଚିନ୍ତା ଛାଡ଼ି ନିଜ ଚିନ୍ତା କରି ଆନନ୍ଦରେ ରୁହ। ଝଞ୍ଜାଳ ମୁକ୍ତ ହୋଇ ଜୀବନ କାଟ।

ବାସୁ ମହାନ୍ତିଙ୍କ ପଛେ ପଛେ ବାକ୍ସ ସଜାଡ଼ି ଚନ୍ଦୁରୀ ଦେବୀ ପହଞ୍ଚିଗଲେ ସହରର ଭଡ଼ା ଘରେ। ପ୍ରେମମୟ ସଂସାର, ଆଉ ସବୁ ଅସାର। ଦିନେ ଖରାବେଳେ ବାହାରେ ଉଚ୍ଚସ୍ୱରରେ କଥାବାର୍ତ୍ତା ଓ ଜୋର୍‌ରେ କବାଟ ବାଡ଼ିଆ ଶୁଭିଲା। ଶଙ୍କିତ କଣ୍ଠରେ ଭିତରୁ ଚନ୍ଦୁରୀ ପଚାରିଲେ- "କିଏ ଡାକୁଛ ?"

କର୍କଶ ଶବ୍ଦ ଶୁଭିଲା - "ଆମେ ଏଡ଼େ ଜୋରରେ ଏତେବେଳ ହେଲା ଡାକୁଛୁ, ତୁମ କାନକୁ ଶୁଭୁନି ? ଜଲ୍‌ଦି କବାଟ ଖୋଲ।"

ଚନ୍ଦୁରୀ ଅଟମଟ ହେଇ ହେଇ ପୁଣି କବାଟ ଉପରେ ନିର୍ଘାତ ପ୍ରହାରର ଶବ୍ଦ। ବିକଳରେ ଚନ୍ଦୁରୀ କବାଟ ଖୋଲିଲେ।

ବାହାରେ ଦଳେ ପଣ୍ଡାଟୋକା। ପାଖାପାଖି ଗର୍ଜନ କଲା ଭଳି କହିଲେ "ଗଣେଷ ପୂଜା ଚନ୍ଦା ଦେଇଦିଅ।"

ଶଙ୍କିତ କଣ୍ଠରେ ଚନ୍ଦୁରୀ କହିଲେ - "ବାବୁ ଅଫିସ୍ ଯାଇଛନ୍ତି।"

"ଠିକ୍ ଅଛି। ତମ ବାବୁ ଆସିଲେ କହିବ, ଆମେ ଆଇଥିଲେ। ସଂଧ୍ୟା ବେଳକୁ ଫେଣି ଆସିବ।" ଟୋକାମାନେ ଚାଲିଗଲେ।

ଚନ୍ଦୁରୀ କାହୁଁ ଜାଣିବେ ଯେ, ହିନ୍ଦୁମାନଙ୍କର ବି ଅଲିଖିତ "ଜେହାଦ୍" ବା ଧର୍ମଯୁଦ୍ଧ ଅଛି। ଯିଏ ଆମ ଠାକୁର, ଆମ ସାଇ ମୁରବୀ, ଆମ କ୍ଲବ୍‌ର ସେକ୍ରେଟାରୀ, ପ୍ରେସିଡେଣ୍ଟ ଓ ମେମ୍ବରମାନଙ୍କୁ ନ ମାନିଲା, ସିଏ ବିଧର୍ମୀ। ମହାପାପୀ। ତା'ର ମା'-ଭଉଣୀଙ୍କୁ ବେଜ୍ଜିତ୍ କରିବା, ତାକୁ ବାଡ଼େଇବା ଧର୍ମ ସମ୍ମତ। ଏପରିକି ତା'ପେଟରେ ଛୁରୀ ପୂରାଇଲେ ପାପ ଲାଗିବ ନାହିଁ, ବରଂ ପୁଣ୍ୟ ହେବ। ସିନେମାରେ ହୀରୋ ଭିଲେନ୍‌କୁ ମାରିବା ଭଳି ମହତ୍ କର୍ମ।

ଏଭଳି ଧର୍ମପୂଜାଧାରୀ ମାନଙ୍କ ଧର୍ମ-ଭାବନା ବିଚିତ୍ର ଓ ପ୍ରଚଣ୍ଡ। ଠାକୁର-ଠାକୁରାଣୀଙ୍କୁ ବାପା-ମାଆ ପରି ମାନନ୍ତି। ତେଣୁ, ବିସର୍ଜନ ପରେ ବାପ-ମାଆଙ୍କର ଶବ ନେଇ ଗଲାବେଳେ ଅତି ଦୁଃଖରେ ପେଟେ ପେଟେ ମଦପିଇଦେଇ ବ୍ୟାଣ୍ଡପାର୍ଟି ଆଗରେ ପାଗଳଙ୍କ ପରି ଡିଆଁକୁଦା କରନ୍ତି। ପ୍ରତ୍ୟେକ ସାଇ ବସ୍ତି ଗୋଟାଏ ଗୋଟାଏ ଗୋଷ୍ଠୀର ଜମିଦାରୀ। କୋଉଠି ନୂଆ କଲୋନୀ ବା ବସ୍ତି ଗଢ଼ି ଉଠିଲେ ବନୁଆ ଲୋକେ ସାମ୍ରାଜ୍ୟ ବିସ୍ତାର କରନ୍ତି। ଗୋଚର-ଦଣ୍ଡା, ନଇପଠା ମଧ୍ୟ ଏମାନଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ। ସରକାରୀ ରାସ୍ତାରେ ଯାଉଥିବା ଗାଡ଼ିମଟର ମଧ୍ୟ ଏମାନଙ୍କୁ ଚନ୍ଦା ନ ଦେଇ ଆଗକୁ ଯାଇପାରେ ନାହିଁ।

ବାସୁ ମହାନ୍ତି ଘରେ ପହଞ୍ଚୁ ପହଞ୍ଚୁ ସ୍ତ୍ରୀଙ୍କ ଠାରୁ ସବୁଶୁଣି ଗୋଟାଏ ଫନ୍ଦି କଲେ। ପୁଣି ସାଇକେଲ ଧରି ବଜାରକୁ ଚାଲିଗଲେ। ବୁଲିବୁଲି ରାତି ଦଶଟାରେ ଫେରିଲେ। ସାଇ ଟୋକା ସଂଧ୍ୟାରେ ଚନ୍ଦାମାଗି ଫେରି ଯାଇଥିଲେ। ତା' ପରଦିନ ଚନ୍ଦାବାଲାଙ୍କୁ ଚନ୍ଦୁରୀ କହିଲେ- "ବାବୁ ଅଫିସ୍‌ରୁ ଫେରି ନାହାନ୍ତି।"

ଟୋକାମାନେ କୋଉ ଛାଡ଼ନ୍ତି। କହିଲେ, "ତେମେ ବାବୁଙ୍କଠାରୁ ଚନ୍ଦା ଆଦାୟକରି ରଖିଥିବ। ଆମେ ସଂଜକୁ ଆସି ନେଇଯିବୁ।" ତା'ପରଦିନ ସଂଧ୍ୟା ନଇଁବା ପୂର୍ବରୁ ସ୍ୱାମୀ-ସ୍ତ୍ରୀ ଦୁହେଁ ଜଣେ ବନ୍ଧୁ ଘରକୁ ପଳାଇଲେ। ରାତିରେ ହୋଟେଲରୁ ଖାଇ ଫେରିଲେ। ଏଣିକି, ଗଣେଷ

ପୂଜା ପର୍ଯ୍ୟନ୍ତ, ଦିନ ଯାକ ଚନ୍ଦ୍ରରୀ ଦେବୀ ପଡ଼ିଶା ଘରେ କଟାଇଲେ ଓ ସଂଧ୍ୟାବେଳେ ଦୁହେଁ ବାସୁବାବୁଙ୍କର ସହକର୍ମୀମାନଙ୍କ ଘରକୁ ଯାତ୍ରାକଲେ ।

ଗଣେଷ ପୂଜା ବାସିଦିନ ସଂଧ୍ୟାରେ ଦୁହେଁ ଖୁସୀମନରେ ଘରେ ବସିଥିଲେ । ହଠାତ୍ କବାଟ ଧଡ଼ ଧଡ଼ ହେଲା । ବାସୁବାବୁ କବାଟ ଖୋଲିଲେ । ସାମ୍ନାରେ ସାଇଟୋକା ଦଳ । ହାତରେ ଚନ୍ଦେଇ ଚନ୍ଦାଖାତା । ଗୋଟାଏ ଟୋକା କହିଲା- "ବାବୁ, ଚନ୍ଦାଟା ଦେଇଦିଅ" ।

"ଗଣେଷ ପୂଜା ତ ଗଲାଣି, ପୁଣି ଚନ୍ଦା କ'ଣ ? ବାସୁବାବୁ ପଚାରିଲେ । ଖାତା ଖୋଲିଦେଇ ଗୋଟାଏ ଟୋକା ଦେଖାଇଲା- "ଏଇ ଦେଖ, ତୁମ ଯାଗାରେ ପାଆଁଶ ଟଙ୍କା ପଡ଼ିଛି । ଖାଲି ନାଆଁଟା କହିଦିଅ, ପୂରଣ କରିନେବା ।"

ବାସୁବାବୁ ମିଛରେ କହିଲେ, " ମୋ ଦାଦାପୁଅ ଭାଇର ଛୁଟିକିଆ । ଆମେ ଏ ବର୍ଷ ପୂଜା କରିନାହୁଁ । ସେଥିପାଇଁ ତୁମ ମଣ୍ଡପକୁ ଯାଇ ନାହିଁ କି ପୁଷ୍ପାଞ୍ଜଳି ଦେଇନାହିଁ । ଚନ୍ଦା କାହିଁକି ଦେବି ।"

"ତମେ ଆସିଲନି ବୋଲି ଆମ ସେକ୍ରେଟାରୀ ତୁମ ପାଇଁ ପୁଷ୍ପାଞ୍ଜଳି ଦେଇଦେଲେ । ସିଏ ଗୋଟାଏ ହାତରେ ନିଜ ପାଇଁ ଓ ଆଉ ଗୋଟାଏ ହାତରେ ତୁମ ପାଇଁ ଫୁଲଧରି ପୁଷ୍ପାଞ୍ଜଳି ଦେଲେ । ଆମ କ୍ଲବ୍ ତରଫରୁ ତୁମ ପାଇଁ ଭୋଗ କଲୁ । ତମ ଭୋଗ ଧରି ଆସିବା ବେଳକୁ ତୁମ ଦରଜାରେ ତାଲା ପଡ଼ିଥିଲା । ଭୋଗ ଫେରାଇ ନେଇ ଛୁଆଙ୍କୁ ବାଣ୍ଟିଦେଲେ ।" ଟୋକାଟାଏ ବୁଝାଇଲା ।

"ମୋ ପାଇଁ ପୁଷ୍ପାଞ୍ଜଳି, ଭୋଗ... ।" ଜତମତ ହେଲେ ବାସୁ ମହାନ୍ତି ।

ଚଢ଼ିଆସି ଗୋଟାଏ କହିଲା- "ଜଣଙ୍କ ପାଇଁ ଆଉ ଜଣେ ଶ୍ରାବଣ ମାସରେ ପାଣି ନେଇ ମା'ଦେବ ମୁଣ୍ଡରେ ଢାଳୁଛି । ନଡ଼ିଆ ବାଡ଼ଉଚି । ତେମେ ଆମର ସାଇ ନୋକ । ଆମେ ତୁମ ପାଇଁ ଏତିକି କରି ପାରିବା ନାହିଁ ।"

ଗୋଟାଏ ଟୋକାର ଧୈର୍ଯ୍ୟହାନୀ ହେଲା । ଚିହିଁକି ଉଠି କହିଲା, "ଆମେ କ'ଣ ତୁମକୁ ଭିକ ମାଗୁଚ । ଚୁପ୍ ଚାପ୍ ଦେଇଦିଅ । ନ ହେଲେ ଆମେ ମା-ବୁଝାଇବାର ଅନ୍ୟ ତରିକା ବି ଜାଣିଚ ।

ବିକାଳରେ ବାସୁବାବୁ ଟଙ୍କା ପାଞ୍ଚଶହ ଚନ୍ଦା ଦେଇଦେଲେ ।

ଆଗକୁ ଆସିଲା ଦଶହରା । ସାଇ ଟୋକାଏ ଜିଦ୍ ଧରିଛନ୍ତି, ଏ ବର୍ଷ ଅଲ୍‌ବତ୍ ଚନ୍ଦିମେଢ଼ ହେବ । ଭାତୁଆଗଡ ବାଲା ଚନ୍ଦିମେଢ଼ କଲେ । ଆମେ ଛୁଆବଜାର ବାଲା କ'ଣ ମାଇଚିଆ ହୋଇଚେ । ଏ ବର୍ଷ ସବୁ ଘରୁ ଅଢ଼େଇଶ ଚନ୍ଦା ଓ ଦୁଇହଜାର ଟଙ୍କା ଚନ୍ଦା, ଆଦାୟ ହେବ । ଥରେ ଫତୁଆ ଜାରୀ ହୋଇଗଲେ କୋଉ ବୋପାର ଯୁ ନାହିଁ ଅମାନ୍ୟ କରିବାକୁ ।

ଏ ଖବର ବାସୁବାବୁଙ୍କର କାନରେ ପଡ଼ିଲା । ସାଇ ପଡ଼ିଶା ଏ କଥା ଶଙ୍କିତ ଭାବରେ ଆଲୋଚନା କରୁଥିଲେ । କାରଣ, ସେମାନେ ଏଠାରେ ଯାଗା କିଣି ଘରକରି ଏଇ କେତେ ବର୍ଷ ହେବ ରହିଛନ୍ତି ।

ବାସୁବାବୁ ଚାଲାକ୍ ପଡ଼ି ଘର ବଦଳ କରିନେଲେ । ଗୋଟାଏ ଗଳି ଭିତରେ ଘରଭଡ଼ା ନେଇ ରହିଲେ । ଏଠାରେ ଗଣେଷ ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଚନ୍ଦାରୁ ରକ୍ଷା ପାଇବା ପାଇଁ ଫାଟକରେ ନାମଫଳକ ଝୁଲାଇଲେ- ବସିର ମହମ୍ମଦ ।

ନାମ ସହିତ ତାଳ ଖାଇବା ପାଇଁ ଅମିତାଭ ବଚ୍ଚନ ରଖିଥିବା ଅଣିରା ସିମାଙ୍ଗୀ ଦାଢ଼ୀପରି ଦାଢ଼ୀ ରଖିଲେ । ଚେକ୍ ଲୁଙ୍ଗି ପିନ୍ଧି ଘରେ ଓ ସାଇ ଭିତରେ ଆତଯାତ ହେଲେ । ନୂଆ ଯାଗା, କିଏ ଜାଣୁଛି ? ସ୍ଥାନୀୟ ଲୋକଙ୍କ ସହିତ ବେଶୀ ମିଳାମିଶା ନ ହେଲେ ଗଲା । ନୂଆ ଦାଢ଼ୀ ଆଜିକାଲିର ଷ୍ଟାଇଲ୍ ବି ହେଲାଣି । ଏମିତି ତ ଘରେ ସାଦା ଲୁଙ୍ଗି ପିନ୍ଧୁଥିଲେ । ତା' ବଦଳରେ ଚେକ୍‌ଲୁଙ୍ଗି ପିନ୍ଧିଲେ ଅସୁବିଧା କ'ଣ ?

ଚନ୍ଦ୍ରରୀଙ୍କର ଅଭ୍ୟାସ, ସକାଳ ଗାଧୋଇ ସାରି ଖଟୁଲିରେ ଥିବା ଠାକୁର ଫଟୋକୁ ଘଣ୍ଟି ବଜାଇ ଶଂଖ ଫୁଙ୍କି ପୂଜାପାଠ କରନ୍ତି । ସାଇ ପଡ଼ିଶା ଆଶ୍ଚର୍ଯ୍ୟ ହେଲେ, ପଠାଣ ଘରେ ଶଂଖ, ଘଣ୍ଟି ଧ୍ୱନୀ । କେହି କେହି ବାସୁବାବୁଙ୍କୁ ପଚାରିଦେଲେ- "ଆଣଙ୍କର ସ୍ତ୍ରୀ କ'ଣ ହିନ୍ଦୁ ?"

ବାଧ୍ୟ ହୋଇ ବାସୁବାବୁ କହନ୍ତି – "ହଁ । ଆମେ ଲଭ୍ ମ୍ୟାରେଜ୍ କରିଛୁ ।"

ତା'ପରେ ସାଇଟୋକା ଆସି ଦଶହରା ଚନ୍ଦା ପାଇଁ ପହଞ୍ଚିଗଲେ । ପ୍ରଶଂସାରେ ବାସୁ ମହାନ୍ତି ଓରଫ୍ ବସିର୍ ମହମ୍ମଦଙ୍କୁ ପୋତି ପକାଇଲେ । "ଆଜ୍ଞା, ଆପଣ ଖୋଦ୍ ଭକ୍ତ ସାଲବେଗ ବା ସନ୍ଥ କବୀରଙ୍କର ବଂଶଧର ପରି ଜଣା ପଡୁଛନ୍ତି । ହିନ୍ଦୁ-ମୁସଲମାନ୍ ଧର୍ମର ଅପୂର୍ବ ସମନ୍ୱୟ । ଯାହାହେଉ, ଆପଣଙ୍କର ମାଡାମ୍ ଯେତେବେଳେ ହିନ୍ଦୁ, ଆମକୁ ଚନ୍ଦା ଦେବାକୁ ମନା କରିବେ ନାହିଁ ।"

ବାସୁବାବୁ ଚନ୍ଦା ନ ଦେଇ ବାଟ ନାହିଁ – ଅବଶ୍ୟ ପତ୍ନୀଙ୍କ ତରଫରୁ ।

ତାହାର କେଇଦିନ ପରେ ଦଳେ ମୁସଲ୍‌ମାନ ଲୋକ ଆସି ଘରେ ହାଜର । ଭାଇ ବିରାଦରୀ କଥା । ସିଧା ଘରେ ପଶିଗଲେ । ଚା' ପାଣିରେ ଆପ୍ୟାୟିତ ହେବା ପରେ ତାଙ୍କ ମୁରବୀ କହିଲେ- ବସିର ମିଆଁ ।

ଆମେ ବସ୍ତିବାଲା ଇରାଦକରିଚୁ, ଏ ବର୍ଷ ମୋହରମ୍‌କୁ ଆମେ ବି ତାଜିଆ ବାହାର କରିବା । ଯେ କୌଣସି ଦଶହରା ମେଢ଼ଠାରୁ ଆମର ପ୍ରସେସନ୍ ବଡ଼ ଆକାରର ହେବ । ଆମେ ଏ ବସ୍ତିରେ ଆଠଘର ମୁସଲମାନ ଥିଲୁ । ଆପଣଙ୍କୁ ମିଶାଇ ନଅ ଘର ହେଲା । ଆପଣଙ୍କ ଉପରେ ତିନି ହଜାର ଚାନ୍ଦା ହେଇଚି । ମେହେର୍‌ବାନୀ କରି ଚାନ୍ଦାଟା ବ୍ୟସୁଲ୍ ଦେବେ ।"

ପର ପହିଲାକୁ ଘର ଭଡ଼ା ତୁଟାଇ, ଦାଢ଼ୀକାଟି ସପତ୍ନୀକ ବାସୁବାବୁ ଗାଆଁକୁ ଯାତ୍ରା କଲେ । ଗାଆଁରେ ବି କୋଉ ତ୍ରାହୀ ଅଛି ? ବାପା, ମାଆ ଘରେ ପୂରାଇବାକୁ ନାରାଜ । ଗାଆଁ ସାରା ରାଷ୍ଟ୍ର ହୋଇ ସାରିଛି ବାସୁଆଟା ପଠାଣ ହୋଇ ସାରିଛି ।

କଥାଟା ହେଲା, ବାସୁବାବୁଙ୍କ ମଉସାଙ୍କ ସାନଭାଇ ମୋକଦ୍ଦମା ତାରିଖ ପାଇଁ କଚେରୀ ଯାଇଥିଲେ । କଚେରୀ ପାଖରେ ବାସୁବାବୁଙ୍କ ଅଫିସ୍ । ସଂଧାବେଳେ ବାସୁବାବୁଙ୍କ ସାଙ୍ଗରେ ରାତ୍ରୀରହଣି ପାଇଁ ତାଙ୍କ ବସାକୁ ଆସିଲେ । ଦ୍ୱାର ମୁହଁରେ ସାଇନ୍‌ବୋର୍ଡ ଓ ବାସୁବାବୁଙ୍କ ଚେହେରା ଦେଖି ତଥା ମୋହରମ୍ ପାଇଁ ଚାନ୍ଦା ଦେଇଥିବା ଜାଣିବା ପରେ ରାତିରେ ସେ ତାହାରେ ଖୁଆପିଆ କଲେ ଓ ସକାଳେ ବସ୍ ଧରି ଗାଆଁକୁ ପଳାଇଲେ ।

ସେଦିନ ଗାଆଁ ଠାକୁର ଘରେ ସଭା ବସିଲା । ବାସୁବାବୁ ସବୁକିଛି ଆମୂଳଚୂଳ ବଖାଣିଲେ । ତାଙ୍କ ଦୁଃଖ କାହାଣୀରେ ଦ୍ରବୀଭୂତ ହୋଇ ଗ୍ରାମବାସୀ ମାତ୍ର ଦୁଇହଜାର ଜୋରିମାନାରେ କଥା ତୁଟାଇ ଦେଲେ ।

ସେବେଠାରୁ ବାସୁବାବୁ ସବୁଦିନେ ଗାଆଁରେ ବସ୍‌ରେ ଅଫିସ୍ ଯିବା ଆସିବା କରନ୍ତି, ଯଦିଓ ସକାଳ ସାତଟାରୁ ଘର ଛାଡ଼ନ୍ତି ଓ ରାତି ଦଶଟାରେ ଘରେ ପହଞ୍ଚନ୍ତି । ଅଫିସର ଉପସ୍ଥାନରେ ବିଳମ୍ବମାର୍ଜନା ପାଇଁ ପ୍ରତିମାସ ଶେଷରେ ବଡ଼ବାବୁଙ୍କ ଉପହାର ଆକାରରେ କିଛି ଚାନ୍ଦା ଦେବାକୁ ହୁଏ ।

***

ପ୍ଲଟ ନଂ-୧୬
ଧରମ୍ ପାଲ୍ କଂପ୍ଲେକ୍ସ (ସବଜିମଣ୍ଡି ପାଖ)
ମହୀପାଲପୁର, ନୂଆଦିଲ୍ଲୀ-୧୧୦୦୩୭

*With Best Compliments from :*

**KRF LIMITED**

(Formerly known as Kailesh Ribbon Factory Ltd.)

C-111, Mayapuri Indl. Area, Phase-II, New Delhi-64
*Regd. Off.* : B-7, Mayapuri, Phase-II, New Delhi-64
*Ph.* : 011-41845540, 41 *Fax* : 011-28114424

With Best Compliments from :

**Shyn INDUSTRIES**

A-9, Naraina Indl Area, Phase-1, New Delhi
Tel. : 46102453, 65494506
Fax : 25791299
E-mail : shynind@yahoo.co.in.

# ନ୍ୟୁୟର୍କ ଡାଏରୀ
# ଟାଇମ ସ୍କୋୟାର, ବ୍ରୋଡ୍ ୱେ ଓ ମାନହାଟନ

ଡ.ଅରୁଣ କୁମାର ରଥ



ଲଣ୍ଡନର ହିଥରୋ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ଜାହାଜ ଉଡ଼ିବାର ଅଳ୍ପ ସମୟ ମଧ୍ୟରେ ଆଟଲାଣ୍ଟିକ ମହାସାଗର ଉପରେ ପହଞ୍ଚିଗଲା। ମହାସାଗରର ଗଭୀର ନୀଳ ଜଳରାଶି ଉପରେ ଯାତ୍ରା କରି ସାତ ଘଣ୍ଟା ପରେ ନ୍ୟୁୟର୍କର ଜନ୍ ଏଫ୍ କେନେଡ଼ି ବିମାନ ବନ୍ଦରରେ ପହଞ୍ଚିଲା। ନୂଆଦିଲ୍ଲୀରୁ ବାହାରିବା ପରେ ପ୍ରାୟ ଚଉଦଘଣ୍ଟା ସମୟ କଟି ଯାଇଥିଲା। ଥକ୍କା ଲାଗୁଥିଲେ ମଧ୍ୟ ନୂଆ ଦେଶ ଓ ଜାଗା ଦେଖିବାର ପ୍ରବଳ ଉତ୍କଣ୍ଠା ଥିଲା। ବିମାନ ବନ୍ଦରରେ ଭାରତୀୟ ଦୂତାବାସର ଅଧିକାରୀ ସ୍ୱାଗତ କଲେ। ବାହାରେ ଦୂତାବାସର ଗାଡ଼ି ଅପେକ୍ଷା କରିଥିଲା। ଆମ ଭାଗ୍ୟକୁ ଜଣେ ଭାରତୀୟ ଡ୍ରାଇଭର ମିଳିଗଲା।

ଜାତିସଂଘ କାର୍ଯ୍ୟାଳୟ ସାମ୍ନାରେ ମିଲେନିଅମ ପ୍ଲାଜା ହୋଟେଲରେ ଆମ ରହିବାର ବନ୍ଦୋବସ୍ତ ହୋଇଥିଲା। ହୋଟେଲର ତିରିଶ ମହଲାରେ ଆମ ରହିବା ପାଇଁ ଆରକ୍ଷିତ ସୁଇଟ୍ ଅତ୍ୟନ୍ତ ଆରାମଦାୟକ ଥିଲା। ଏକପଟେ ମାନହାଟନର ସୁରମ୍ୟ ଅଟ୍ଟାଳିକାମାନ। ଅନ୍ୟପଟେ ହଡ଼ସନ ନଦୀର ନୀଳ ଶାନ୍ତ ଜଳରାଶି ଦେଖି ମନ ଆନନ୍ଦିତ ହେଲା। ସଙ୍ଗେ ସଙ୍ଗେ ଭାରତୀୟ ଡ୍ରାଇଭରକୁ ନ୍ୟୁୟର୍କର ମୁଖ୍ୟ ସ୍ଥାନକୁ ନେବା ପାଇଁ ଅନୁରୋଧ କଲୁ। ସେ ଆମକୁ ପ୍ରଥମେ ବିଶ୍ୱ ପ୍ରସିଦ୍ଧ ଟାଇମ ସ୍କୋୟାରରେ ପହଞ୍ଚାଇଲା।

ଟାଇମ ସ୍କୋୟାର ନ୍ୟୁୟର୍କ ସହରର କେନ୍ଦ୍ରବିନ୍ଦୁ। ସହରବାସୀଙ୍କ ହୃଦୟର ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ। ନ୍ୟୁୟର୍କର ଜୀବନ ଏବଂ ମାନସିକ ସ୍ଥିତିର ପ୍ରତିବିମ୍ବ ଏହି ସ୍ଥାନରେ ଦେଖିବାକୁ ମିଳିଥାଏ। ନ୍ୟୁୟର୍କବାସୀ ବିଭିନ୍ନ ଜାତୀୟ ଅବସରରେ ଆନନ୍ଦ ବ୍ୟକ୍ତ କରି ଏକାଠି ପାଳନ କରିବା ପାଇଁ ଏଠାକୁ ଆସନ୍ତି। ଆମେରିକାର ସାଧୀନତା ଦିବସ ହେଉ ବା ନବନିର୍ବାଚିତ ରାଷ୍ଟ୍ରପତିଙ୍କ ଅଭିନନ୍ଦନ କରିବାକୁ ହେଉ ଲୋକମାନେ ତାଙ୍କ ପ୍ରିୟ ଟାଇମ ସ୍କୋୟାରରେ ଏକତ୍ରିତ ହୋଇ ନିଜ ନିଜକୁ ସମର୍ଦ୍ଧନା ଜଣାଇଥାନ୍ତି। ନୂଆବର୍ଷ ରାତ୍ରିରେ ଟାଇମ ସ୍କୋୟାରର ଚାହିଦା ଆହୁରି ବଢ଼ିଯାଏ। ସଂଧ୍ୟାବେଳୁ ଆରମ୍ଭ କରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକମାନେ ଅତ୍ୟଧିକ ସଂଖ୍ୟାରେ ଏଠାରେ ପହଞ୍ଚିଥାଆନ୍ତି। ନାଚ, ଗୀତରେ ନୂଆବର୍ଷକୁ ଅଭିବାଦନ କରି ପୁରୁଣା ବର୍ଷକୁ ବିଦାୟ ଦେଇଥାଆନ୍ତି। କୁହାଯାଏ ଯେ, ଏକବିଂଶ ଶତାବ୍ଦୀର ଆଗମନ ଉପଲକ୍ଷେ ଡିସେମ୍ବର ୩୧, ୧୯୯୯ ରାତିବେଳା ଟାଇମ ସ୍କୋୟାରରେ ଏତେ ଭିଡ଼ ହୋଇଯାଇଥିଲା ଯେ, ଯାତାୟତ ପ୍ରାୟ ବନ୍ଦ ହୋଇଯାଇଥିଲା। ସେଦିନ ପ୍ରାୟ ଦଶ ଲକ୍ଷ ଲୋକ ଏଠାକୁ ଆସି ଆନନ୍ଦ ଉତ୍ସବରେ ଯୋଗଦାନ ଦେଇଥିଲେ।

ଟାଇମ ସ୍କୋୟାରକୁ ନିଦନାହିଁ। ସଦାବେଳେ ଜୀବନ୍ତ। ଚହଳି ଚହଳି ଲାଗି ରହିଥାଏ। ବର୍ଷଯାକ ପ୍ରତ୍ୟେକ ଦିନ ଚବିଶ ଘଣ୍ଟା ମଣିଷର ସୁଅ ଛୁଟେ। ପୃଥିବୀର ସବୁ ଦେଶ ଓ ଜାତିର ଲୋକ ଏଠାରେ ପହଞ୍ଚନ୍ତି। ଟାଇମ ସ୍କୋୟାରର ଚତୁର୍ଦ୍ଦିଗ ନିଅନ ବତୀ, ରଙ୍ଗୀନ ଚିତ୍ର ଓ ଜୀବନ୍ତ ବିଜ୍ଞାପନରେ ଭରପୂର। ଏହି ଚିହ୍ନଗୁଡ଼ିକ ଟାଇମ ସ୍କୋୟାରର ପରିଚୟ ଦିଅନ୍ତି। ପ୍ରାୟ ଶହେ ବର୍ଷ ପୂର୍ବେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ନ୍ୟୁୟର୍କ ଟାଇମସ୍ ଖବର କାଗଜର ପ୍ରକାଶନ ଏହି ସ୍ଥାନରୁ ହେଉଥିଲା। ଖବରକାଗଜ ନାମରୁ ହିଁ ଏହି ସ୍ଥାନର ନାମ ରଖାଯାଇଥିଲା। ଟାଇମ ସ୍କୋୟାରରେ ଛିଡ଼ା ହୋଇ ଲୋକଙ୍କ ସୁଅ, ଗାଡ଼ିର ଭିଡ଼ ଓ ବିଭିନ୍ନ ରଙ୍ଗ ବେରଙ୍ଗର ଚଳନ୍ତି ବିଜ୍ଞାପନ ଦେଖୁ ଦେଖୁ ସମୟ କିପରି ବିତିଯାଏ ଜଣାପଡ଼େ ନାହିଁ। ଏପରି ଲାଗେ ଯେ ସତେ ଅବା ଟାଇମ ସ୍କୋୟାରରେ ସମୟ ସ୍ଥିର ହୋଇଯାଇଛି।

ଟାଇମ ସ୍କୋୟାରରେ ସଂଧ୍ୟା ସମୟ ଉପଭୋଗ କରି ଓ ଏକ ରେଷ୍ଟୁରାଣ୍ଟରେ ଭୋଜନ କରି ହୋଟେଲ ଫେରିବା ବେଳକୁ ସ୍ଥାନୀୟ ସମୟ ରାତ୍ରି ଦଶଟା ନୂଆଦିଲ୍ଲୀର ସକାଳ ସାଢ଼େ ସାତଟାରେ ବାହାରିବା ପରେ ପଚିଶ ଘଣ୍ଟା ସମୟ କଟିଯାଇଥିଲା।

ପରଦିନ ଆମେ ବ୍ରଡ୍ ୱେ ବୁଲି ଦେଖିଲୁ। ବ୍ରଡ୍ ୱେ ନ୍ୟୁୟର୍କର ଏକ ଚଉଡ଼ା ସଡ଼କର ନାମ। ନାଟକ, ସଙ୍ଗୀତ ଓ ଅନ୍ୟାନ୍ୟ ଆମୋଦପ୍ରମୋଦର କେନ୍ଦ୍ରବିନ୍ଦୁ। ଏହା ଟାଇମ୍ ସ୍କୋୟରରୁ ଆରମ୍ଭ ହୋଇଛି। ଟାଇମ ସ୍କୋୟାର ପାଖାପାଖି ହୋଇଥିବାରୁ ଏହି ସ୍ଥଳ ଅତ୍ୟଧିକ ଆକର୍ଷଣୀୟ ହୋଇପାରିଛି। ନ୍ୟୁୟର୍କ ଅବସ୍ଥାନ କାଳରେ ଆମେ ବ୍ରୋଡ୍ ୱେରେ ନାଟକ ଦେଖିବାର ସୁଯୋଗ ପାଇଲୁ। ବ୍ରୋଡୱେ ଥିଏଟର ବିଶ୍ୱବିଖ୍ୟାତ। ଗୋଟାଏ ନାଟକ ଦେଖିବା ପରେ ଏତେ ଭଲ ଲାଗିଲା ଯେ ଆଉ ଏକ ନାଟକ ମଧ୍ୟ ଦେଖିବାର ଲୋଭ ସମ୍ବରଣ କରିପାରିଲୁ ନାହିଁ।

ଫେଣ୍ଟମ ଅଫ ଦି ଅପେରା (ଅପେରାର ଭୂତ) ଏକ ସଙ୍ଗୀତମୂଳକ ନାଟକ। ଏ ନାଟକଟି ବ୍ରଡ୍ ୱେର ଇତିହାସରେ ସବୁ ନାଟକ ମଧ୍ୟରେ ସର୍ବାଧିକ ଲୋକାଦୃତ ହୋଇପାରିଛି। ପ୍ରତ୍ୟେକ ପର୍ଯ୍ୟଟକଙ୍କ ମନରେ ଇଚ୍ଛା ଥାଏ, ଏହି ନାଟକଟି ଦେଖିବା ପାଇଁ। ଏହା ପ୍ରାୟ କୋଡ଼ିଏ ବର୍ଷ ତଳେ ପ୍ରଥମ ଥର ବ୍ରଡ୍‌ୱେରେ ପରିଦର୍ଶିତ ହୋଇଥିଲା। ଏପର୍ଯ୍ୟନ୍ତ ଲଗାତାର ପ୍ରତ୍ୟେକ ଦିନ ଏହାର ଦୁଇଟି ଶୋ ଦ୍ୱିପହରେ ଓ ସଂଧ୍ୟାରେ ପରିଦର୍ଶିତ ହେଉଛି। ଏହା କୁହାଯାଏ ଯେ ଏହି ନାଟକ ଆଠ ହଜାରରୁ ଅଧିକ ଥର ଅଭିନିତ ହୋଇ ସାରିଲାଣି। ବ୍ରଡ୍ ୱେ ପାଇଁ ଏହା ଏକ ନୂଆ ରେକର୍ଡ ସୃଷ୍ଟି କରିଛି।

ନାଟକର କାହାଣୀ ତିନୋଟି ମୁଖ୍ୟ ଚରିତ୍ର। ଏରିକ୍ ନାମକ ଏକ ଅସାଧାରଣ ପ୍ରତିଭା ସଂପନ୍ନ ସଙ୍ଗୀତଜ୍ଞ ଏହାର ନାୟକ। ଏରିକ୍ କୁତ୍ସିତ

ଚେହେରା ନେଇ ଜନ୍ମ ନେଇଥିଲା । ଦେଖିବାକୁ ଭୂତ ପରି ଭୟାନକ । ନିଜ ବିକୃତ ମୁହଁ ଲୁଚାଇବା ପାଇଁ ସଦାବେଳେ ଧଳାମୁଖା ପିନ୍ଧି ଥାଏ । ନାଟକର ନାୟିକା କ୍ରିଷ୍ଟିନ୍ ସେଇ ଅପେରାରେ ଗୀତ ଗାଏ । ନାଟକ କଂପାନୀର ମାଲିକ ରାଉଲ କ୍ରିଷ୍ଟିନର ପିଲାଦିନର ସାଙ୍ଗ । କ୍ରିଷ୍ଟିନ୍‌କୁ ବିବାହ କରିବାକୁ ଚାହେଁ । ଏରିକ୍ ଚାହେଁ କ୍ରିଷ୍ଟିନ୍ କେବଳ ତାର ଗୀତ ଗାଉ । କିନ୍ତୁ ନିଜର କୁତ୍ସିତ ଚେହେରା ନେଇ ସେ କ୍ରିଷ୍ଟିନ୍ ସାମ୍ନାକୁ ଆସିବାକୁ ସାହସ କରେ ନାହିଁ । କ୍ରିଷ୍ଟିନ୍ ଓ ରାଉଲଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ଦେଖି ଭୂତ ଏରିକ୍ ଅତ୍ୟନ୍ତ ବିଚଳିତ ହୋଇଯାଏ । ତା' ମନରେ ଇର୍ଷା ଏବଂ ପ୍ରତିଶୋଧର ଭାବନା ଜାଗ୍ରତ ହୁଏ । ସେ କ୍ରିଷ୍ଟିନ୍‌କୁ ଅପହରଣ କରି ନେଇଯାଏ । ରାଉଲ ଏବଂ ଅନ୍ୟମାନେ କ୍ରିଷ୍ଟିନ୍‌କୁ ଉଦ୍ଧାର କରିବାକୁ ଚେଷ୍ଟା କରନ୍ତି । ଏରିକ୍ ବୁଝିପାରେ ଯେ ସେ କ୍ରିଷ୍ଟିନ୍‌କୁ କେବେହେଲେ ପାଇପାରିବ ନାହିଁ । ହତାଶ ହୋଇ ଏବଂ ନିଜର ଦୁର୍ଦ୍ଦଶା ବୁଝିପାରି ଏରିକ୍ କ୍ରିଷ୍ଟିନ୍‌ଠାରୁ ଦୂର ହୋଇଯାଏ । ଦୁନିଆ ଛାଡ଼ି ଯିବା ବେଳେ ନିଜର ବିକୃତ ଚେହେରାକୁ ଘୋଡ଼ାଇ ରଖିଥିବା ଧଳାମୁଖାକୁ ଛାଡ଼ି ଦେଇଯାଏ । ନିଜର ଇଚ୍ଛା ପୂରଣ ନ ହେବାରୁ ଏରିକ୍ ଭୂତ ହୋଇ ଅପେରାରେ ରହିଯାଏ । ନାଟକର କଥାବସ୍ତୁ ଏପରି ଯେ ସେଥିରେ ଉତ୍କଣ୍ଠା, ଅଲୌକିକ ଘଟଣା, ଇର୍ଷା, ଘୃଣା, ଗୀତ, ସଙ୍ଗୀତ ଓ ଦୁଃଖ ଭରପୂର । ମଞ୍ଚସଜ୍ଜା, ଆଲୋକ ଓ ସଙ୍ଗୀତର ଅପୂରନ୍ତି ଭଣ୍ଡାର । ବିଶେଷକରି ତିନୋଟି ଚରିତ୍ରର ଅଭିନୟ ଅତ୍ୟନ୍ତ ମନୋରମ । ଦୁଇ ଘଣ୍ଟାର ସମୟ ଦର୍ଶକ ମନ୍ତ୍ରମୁଗ୍ଧ ରହନ୍ତି ।

ବ୍ରଡ୍‌ୱେର ନାଟକ ଅପେରାର ଭୂତ ଏତେ ଭଲ ଲାଗିଲା ଯେ, ଆମେ ପରଦିନ ଆଉ ଏକ ବ୍ରଡ୍‌ୱେ ନାଟକ ହେୟାର ସ୍ପ୍ରେ ଦେଖିବାକୁ ଗଲୁ । ଏହା ଏକ ହାସ୍ୟ ରସାତ୍ମକ ନାଟକ । ଟ୍ରାସି ଟର୍ଣ୍ଣବ୍ଲାଡ୍‌ର ଜୀବନରେ ଏକମାତ୍ର ଆକାଂକ୍ଷା ସେ କିପରି ଟେଲିଭିଜନର ଏକ ପ୍ରସିଦ୍ଧ ତାରକା ହେବ । ଟ୍ରାସି ବହୁତ ମୋଟା ହୋଇଥିବାରୁ ଏ ଦିଗରେ ତାର ସଫଳତାର ସମ୍ଭାବନା ବହୁତ କ୍ଷୀଣ । ତଥାପି କଳେବଳେ କୌଶଳେ ଟ୍ରାସି ପ୍ରତିଯୋଗିତାରେ ଅନ୍ୟ ସମସ୍ତ ଯୋଗ୍ୟ ଝିଅମାନଙ୍କୁ ହରାଇ ଶେଷରେ ଟିଭି ନାୟିକା ହୋଇପାରିଲା । ଦର୍ଶକମାନେ ଟ୍ରାସିକୁ ଅତ୍ୟଧିକ ପସନ୍ଦ କଲେ । କେବଳ ସେତିକି ନୁହେଁ ଟିଭି ଚ୍ୟାନେଲର ଟି.ଆର.ପି. ମଧ୍ୟ ଉପରକୁ ଉଠିଗଲା । ସଂଗୀତ ଓ ନୃତ୍ୟ ଭରା ନାଟକଟି ଅଗଷ୍ଟ ୨୦୦୨ରେ ପ୍ରଥମ ବ୍ରଡ୍‌ୱେରେ ମଞ୍ଚସ୍ଥ ହୋଇଥିଲା । ସେଦିନରୁ ଏ ପର୍ଯ୍ୟନ୍ତ ଲଗାତାର ପ୍ରତିଦିନର ମ୍ୟାଟିନି ଓ ସଂଧ୍ୟାରେ ଦୁଇଥର ଏହି ନାଟକଟି ମଞ୍ଚସ୍ଥ ହେଉଛି ।

ଏ ଦୁଇଟି ନାଟକରେ କୌଣସି ଅଶ୍ଳୀଳତା ବା ଶସ୍ତା ପ୍ରଦର୍ଶନ ନାହିଁ । ଅତ୍ୟନ୍ତ ରକ୍ଷଣଶୀଳ । କଥାବସ୍ତୁ ଓ ପରିବେଷଣ ପାରିବାରିକ । ନ୍ୟୁୟର୍କରେ ଏଭଳି ନାଟକ ଏତେ ଲୋକପ୍ରିୟ ହୋଇପାରିଛି ତାହା ଦେଖି ଆମକୁ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିଲା । କେବଳ ସେତିକି ନୁହେଁ ଆମେ ଦେଖିଲୁ ଯେ, ଅପେରାର ଭୂତ ଓ ହେୟାର ସ୍ପ୍ରେ ଉଭୟ ନାଟକର ଅଭିନେତା ଓ ଅଭିନେତ୍ରୀମାନେ ବହୁତ ଲୋକପ୍ରିୟ ହୋଇଛନ୍ତି । ନାଟକ ମଞ୍ଚସ୍ଥ ହେବା ପରେ ଆମେ ଯେତେବେଳେ ବ୍ରଡ୍‌ୱେର ବାହାରକୁ ଆସିଲୁ, ସେତେବେଳେ ଆମେ ଆଚମ୍ବିତ ହେଲୁ ଯେ ବାହାରେ ଅନେକ ଦର୍ଶକ ଅପେକ୍ଷା କରିଛନ୍ତି । ନାଟକରେ ଅଭିନୟ କରିଥିବା ସେମାନଙ୍କର ପ୍ରିୟ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଥରେ ଦର୍ଶନ କରି ହାତ ମିଳାଇବା ସେମାନଙ୍କ ପାଇଁ ଏକ ଅଭୁଲା ଅନୁଭୂତି ।

ମାନହାଟନ ନ୍ୟୁୟର୍କ ସହରର ପାଞ୍ଚଟି ମ୍ୟୁନିସପାଲଟି କ୍ଷେତ୍ରରୁ ସର୍ବାଧିକ ମହତ୍ୱପୂର୍ଣ୍ଣ । ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଭରପୂର । ଏହାର ପ୍ରତିବିମ୍ବ ସମୁଦ୍ରର ନୀଳ ଜଳରାଶିରେ ଅତ୍ୟନ୍ତ-ଶୋଭନୀୟ । ଏହାର କ୍ଷେତ୍ରଫଳ ମାତ୍ର ବାଇଶି ବର୍ଗ କିଲୋମିଟର କିନ୍ତୁ ଜନସଂଖ୍ୟା ଷୋହଳ ଲକ୍ଷରୁ ଅଧିକ । ଏହି ସ୍ଥାନ ବ୍ୟବସାୟିକ ସଂସ୍ଥା, ଅଫିସ୍, ବଡ଼ବଡ଼ କଂପାନୀର ମୁଖ୍ୟ କାର୍ଯ୍ୟାଳୟ ଓ ଦୋକାନ ବଜାରରେ ଭରପୂର । ଏହି ସ୍ଥାନଟି ପୃଥିବୀର ସବୁଠାରୁ ଗହଳିଆ ସ୍ଥାନ । ପୃଥିବୀର ପାଞ୍ଚ ଶହ ସବୁଠାରୁ ଶକ୍ତିଶାଳୀ ଓ ଧନୀ କଂପାନୀ (ଫର୍ଚ୍ଚ୍ୟୁନ ପାଞ୍ଚଶହ) ମଧ୍ୟରୁ ଏକଶତ କଂପାନୀର ମୁଖ୍ୟ କାର୍ଯ୍ୟାଳୟ ମାନହାଟନରେ ଅବସ୍ଥିତ । ମୁଣ୍ଡପିଛା ଆମଦାନୀ ଏକ ଲକ୍ଷ ଡଲାରରୁ ଅଧିକ । ମାନହଟାନ କେବଳ ଆମେରିକାର ନୁହେଁ ସାରା ବିଶ୍ୱର ସର୍ବାଧିକ ଐଶ୍ୱର୍ଯ୍ୟପୂର୍ଣ୍ଣ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାୟ ତେରଲକ୍ଷ ଲୋକ ପ୍ରତ୍ୟେକ ଦିନ ଦୂର ଦୂର ସ୍ଥାନରୁ ଏହି ସ୍ଥାନକୁ ଆସି କାମ କରି ପୁଣି ସଂଧ୍ୟାରେ ଘରକୁ ଫେରିଯାଆନ୍ତି । ବିଶ୍ୱର ବିଭିନ୍ନ ସହରରେ ପ୍ରତ୍ୟେକ ଦିନ ଯାତାୟତ କରି କାମ କରୁଥିବା ଜନସଂଖ୍ୟା ମଧ୍ୟରେ ଏହା ସର୍ବାଧିକ କୁହାଯାଏ ।

ମାନହଟାନର ଘର ଜନସଂଖ୍ୟା, ବ୍ୟବସାୟିକ କାର୍ଯ୍ୟକଳାପର ବହୁଳତା ଓ ସୀମିତ ସ୍ଥାନ ଯୋଗୁଁ ଏହା ଆକାଶମୁଖୀ ହେବାକୁ ବାଧ୍ୟ ହୋଇଛି । ଏଠାରେ ପ୍ରାୟ ଛଅହଜାରରୁ ଅଧିକ ଗଗନଚୁମ୍ବୀ ଅଟ୍ଟାଳିକା ବିଦ୍ୟମାନ । ସେଥି ମଧ୍ୟରୁ ପଚାଶଟି ଅଟ୍ଟାଳିକା ଦୁଇଶହ ଫୁଟରୁ ଅଧିକ ଉଚ୍ଚ । ବିଶ୍ୱର କୌଣସି ସହରରେ ଏତେ ବେଶୀ ନଭଶ୍ଚୁମ୍ବୀ ଅଟ୍ଟାଳିକା ଦେଖିବାକୁ ମିଳି ନଥାଏ ।

ମାନହାଟନର ତିନି ଦିଗ ଜଳମୟ । ହଡ଼ସନ ନଦୀ, ଇଷ୍ଟ ନଦୀ ଓ ସମୁଦ୍ରର ନୀଳ ଜଳରାଶିରେ ଘେରା ମାନହାଟନ ପୃଥିବୀର ସବୁଠାରୁ ଧନୀ ସ୍ଥାନ ହେବା ସହିତ ଏକ ଅତୀବ ମନୋରମ ଦର୍ଶନୀୟ ସ୍ଥଳ ହିସାବରେ ବିଶ୍ୱ ପ୍ରସିଦ୍ଧ ।

ମାନହାଟନରେ ବିଶ୍ୱପ୍ରସିଦ୍ଧ ୱାଲର୍ଡ ଟ୍ରେଡ୍ ସେଣ୍ଟରର ଦୈତ୍ୟ ଅଟ୍ଟାଳିକା ଅବସ୍ଥିତ ଥିଲା ଯାହାକି ୯/୧୧ ଆତଙ୍କବାଦୀ ଆକ୍ରମଣ ଧ୍ୱସ୍ତ ଓ ଧୂଳିସାତ ହୋଇଯାଇଛି । ଦୁଇଟି ଉଡ଼ାଜାହାଜ ଦ୍ୱାରା ଏ ଦୁଇ ଅଟ୍ଟାଳିକାକୁ ଧ୍ୱଂସ କରିବାର ଦୃଶ୍ୟ ବିଶ୍ୱର ସବୁ ଦେଶର ଲୋକ ଦେଖିଛନ୍ତି । ଏହି ସ୍ଥାନ ଓ ଗ୍ରାଉଣ୍ଡ ଜୀରୋ-ଶୂନ୍ୟ ଭୂମି) ଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥଳ । ନ୍ୟୁୟର୍କବାସୀ ପ୍ରତିଜ୍ଞା ନେଇଛନ୍ତି ଯେ ସେଇ ସ୍ଥାନରେ ଦୈତ୍ୟ

ଅଟ୍ଟାଳିକାଠାରୁ ଅଧିକ ଉଚ୍ଚ ଓ ଅଧିକ ସୁନ୍ଦର ଦୁଇଟି ଅଟ୍ଟାଳିକା ପୁଣି ନିର୍ମାଣ କରି ଆତଙ୍କବାଦୀଙ୍କୁ ଜବାବ ଦେବେ। ଆମେ ଦେଖିଲୁ ସେ ସ୍ଥାନରେ ପୁନଃ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି।

ନ୍ୟୁୟର୍କରେ ପର୍ଯ୍ୟଟକମାନଙ୍କ ପାଇଁ ଅନେକ ଦର୍ଶନୀୟ ସ୍ଥାନ ଓ ଆକର୍ଷଣୀୟ ବିଷୟ ବିଦ୍ୟମାନ। ସହରଟି ସୁନ୍ଦର ସବୁଜ ବଗିଚାରେ ଭରପୂର । ଆର୍ଟ ଗ୍ୟାଲେରୀ, ମ୍ୟୁଜିୟମ ଓ ପ୍ରସିଦ୍ଧ ରେଷ୍ଟୁରାଣ୍ଟମାନ ସହରର ଆକର୍ଷଣ ସ୍ଥଳ। ନ୍ୟୁୟର୍କ ବନ୍ଦରରୁ ଜାହାଜ ଦ୍ୱାରା ସହର ପରିକ୍ରମା କରିବା ପାଇଁ ସୁବିଧା ଅଛି। ସମୁଦ୍ର ପଥରେ ନ୍ୟୁୟର୍କ ଚାରିପଟେ ଯାତ୍ରା ଅତ୍ୟନ୍ତ ମନୋରମ। ସମୁଦ୍ରରୁ ମାନହାଟନର ଗଗନଚୁମ୍ବୀ ଅଟ୍ଟାଳିକା ଗୁଡ଼ିକର ଶୋଭା ଅବର୍ଣ୍ଣନୀୟ। ସମୁଦ୍ର ପଥରେ ନ୍ୟୁୟର୍କର ପରିକ୍ରମା କରିବା ସମୟରେ ବିଶ୍ୱବିଖ୍ୟାତ ଷ୍ଟାଚ୍ୟୁ ଅଫ୍ ଲିବାର୍ଟିର ଗରିମା ପର୍ଯ୍ୟଟକଙ୍କ ମନରେ ଆନନ୍ଦ ଭରିଦିଏ।

ନ୍ୟୁୟର୍କ ଅବସ୍ଥାନ ସମୟରେ ମୋତେ ଜାତିସଂଘରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ କରିବାର ସୌଭାଗ୍ୟ ମିଳିଥିଲା। ବିଶ୍ୱର ପ୍ରାୟ ୧୭୦ ଦେଶ ଓ ଅନ୍ୟ ବିଶ୍ୱସ୍ତରୀୟ ସଂସ୍ଥାର ପ୍ରତିନିଧି ସମ୍ମିଳନୀରେ ଭାଗ ନେଇଥିଲେ। ମହାସାଗରର ସଂପଦକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରିତ ଓ ବିକଶିତ କରିବା ପାଇଁ ଆଇନ ପ୍ରଣୟନ କରିବା ଉଦ୍ଦେଶ୍ୟରେ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଭାରତ ପକ୍ଷରୁ ମୁଁ ମୋ ଭାଷଣରେ କହିଥିଲି, ବିଶ୍ୱର ସବୁଦେଶ ବୈଜ୍ଞାନିକ ପଦ୍ଧତିରେ ମହାସାଗରର ଅଗାଧ ସଂପଦର ବିକାଶରେ ହାତକୁ ହାତ ମିଳାଇ ବନ୍ଧୁତା ସୂତ୍ରରେ କାମ କରିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ଦେଶର ଅନୁଭବ, ବୈଜ୍ଞାନିକ ଆବିଷ୍କାର ଏବଂ ତଥ୍ୟ ଅବାଧ ଗତିରେ ଆଦାନ ପ୍ରଦାନ ମଧ୍ୟ ହେବା ଉଚିତ। ଏତଦ୍‌ଦ୍ୱାରା ମହାସାଗର ସଂପଦଉପରେ କୌଣସି ଶକ୍ତିଶାଳୀ ଦେଶ ନିଜର ଆଧିପତ୍ୟ ବିସ୍ତାର କରିପାରିବ ନାହିଁ ବା ମହାସାଗର ସଂପଦରେ ଏକଚାଟିଆ ନିୟନ୍ତ୍ରଣ କରିପାରିବ ନାହିଁ। ପାଞ୍ଚଦିନିଆ ସମ୍ମିଳନୀରେ ମୋତେ ଅନେକବାର ମତାମତ ଦେବାକୁ ଅବସର ମିଳିଥିଲା। ଭାରତର ମନୋଭାବ ଓ ନୀତିକୁ ଅନ୍ୟ ଦେଶର ପ୍ରତିନିଧିମାନେ ସ୍ୱାଗତ କରିଥିଲେ। ଜାତିସଂଘର ପରିସରରେ ନୀଳ ଆକାଶର ପୃଷ୍ଠଭୂମିରେ ଭାରତୀୟ ଜାତୀୟ ପତାକା ଗୌରବର ସହିତ ଉଡୁଥିବା ଦେଖି ମନରେ ଗର୍ବ ଅନୁଭବ ହେଲା।

***


ଆଇ.ଏ.ଏସ.(ସେବାନିବୃତ୍ତ)

ପୂର୍ବ ଶିକ୍ଷା ସଚିବ, ଭାରତ ସରକାର,

ନୂଆଦିଲ୍ଲୀ



*With Best Compliments from :*

AJ – DEEP SERVICES

(FRANCHISE : BLAZEFLASH- PROFESSIONAL – ECS – BLUEDART)

**SARASWATI INTERNATIONAL**

(INTERNATIONAL COURIERS AND CARGO- DHL – TNT – UPS – FEDEX – ARAMEX)

**JAGANNATH HOTEL**

(BREAKFAST – LUNCH – DINNER – VEG.- NON VEG. & OUTDOOR CATERING)

PCO • STD • ISD & FAX

**REGD. OFFICE :**

A-33, DDA FLATS, NEW RANJIT NAGAR, OPP. SATYAM CINEMA, NEW DELHI - 110008

Ph. : +91 11 25895237, 25894478

Mob. : +91 9810973244, 9868089979

Email id : saraswati_int@yahoo.co.in; ajaymohanty1970@yahoo.com

# ଶୂନ୍ୟଗର୍ଭା ଧରିତ୍ରୀ

ମହାନ୍ତି ଗୋପୀନାଥ



'ପାଣି ପାଣି'ର କରୁଣ ଚିତ୍କାରରେ ହଠାତ୍ ମୁଁ ସମ୍ବିତ ଫେରିପାଇଲି ।

ଦେଖିଲି ଜୀର୍ଣ୍ଣଶୀର୍ଣ୍ଣ ଶରୀର, ଚକ୍ଷୁଦ୍ୱୟ କୋଟରାଗତ । ବୟସ ସତୁରୀ ବର୍ଷରୁ ଅଧିକ ହେବ । ଗୌରବର୍ଣ୍ଣା, କିନ୍ତୁ ଦୁଃଖରେ ଶୀରରର ମଳିନତା ତୋପା ଜହ୍ନକୁ ବାଦଲ ଢ଼ାଙ୍କିଲା ଭଳି ଆଚ୍ଛାଦିତ କରି ରଖିଛି । ଯନ୍ତ୍ରଣାରେ ଛଟପଟ ହେଉଛି ବୃଦ୍ଧାଟି । ମଝିରେ ମଝିରେ ପାଣି ପାଇଁ ଚିତ୍କାର କରୁଛି । ଏହି ଆତୁର ଡାକଟି ଚାରିକାନ୍ଥ ଭିତରେ ରହିଯାଉଛି ।

ନିରେଖି ଦେଖିଲି, ଘର ଭିତରେ ଥିବା ତିନିଟି ବେଡ୍ ଖାଲି ଏବଂ ଚତୁର୍ଥ ବେଡ୍‌ରେ ରୋଗିଣୀଟି ଏକୁଟିଆ ଶୋଇ କଷ୍ଟରେ ବିଲିବିଲେଇ ହେଉଛି । ରୁମ୍ ବାହାରେ ମଧ୍ୟ କେହି ନାହାଁନ୍ତି । ନର୍ସମାନେ ସେମାନଙ୍କ ଡିଉଟି ରୁମ୍‌ରେ । ଭାବିଲି ରୋଗିଣୀଙ୍କର ଆଟେଣ୍ଡାଣ୍ଟ ବୋଧହୁଏ ବାହାରକୁ ଯାଇଛନ୍ତି ।

ଧୀରେ ଧୀରେ ରୋଗିଣୀଙ୍କ ବେଡ୍ ପାଖକୁ ଯାଇ ନେଇଥିବା ପାଣି ବୋତଲରୁ ପାଣି ନେଇ ଗ୍ଲାସ୍‌ରେ ତାଙ୍କୁ ଦେଲି, ସେ ଅଳ୍ପ ପାଣି ପିଇଲେ । କିଛି ସମୟ ପରେ ମୋତେ ସନ୍ତୁଷ୍ଟ ନୟନରେ ଅନାଇଲେ, କିନ୍ତୁ ଯନ୍ତ୍ରଣାର ଛାପ ତାଙ୍କ ଶରୀରରେ ଫୁଟି ଉଠୁଥିଲା । ସେ ସ୍ଥିର ହୋଇ ଶୋଇପାରୁ ନଥିଲେ ।

ଆୟୁଷ ହସ୍ପିଟାଲର ଶୀତତାପ ନିୟନ୍ତ୍ରିତ ରୋଗୀମାନଙ୍କ ୱାର୍ଡ । ପରିବାର ସହ ସେଠାକୁ ଯାଇଥିଲୁ ବନ୍ଧୁଙ୍କର ଅପରେସନ ପାଇଁ । ବନ୍ଧୁ ଅପରେସନ ରୁମ୍‌ରୁ ଆସିନଥାନ୍ତି । ସେଠାରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଡ୍ ପାଖରେ ଅପେକ୍ଷା କରିବା ପାଇଁ ରୁମ୍ ଭିତରକୁ ପଶିଯାଇ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗିଣୀଙ୍କୁ ଦେଖିଲୁ ।

ବନ୍ଧୁଙ୍କର ଥିଲା ଛୋଟଧରଣର ଅସ୍ତ୍ରୋପଚାର । ତଥାପି ପରିବାରରୁ ବହୁଲୋକ ଆସିଥାନ୍ତି । ବନ୍ଧୁମାନେ ଜାଣିନଥାନ୍ତି, ଜାଣିଥିଲେ ବୋଧହୁଏ ତାଙ୍କ ଶୁଭେଚ୍ଛୁମାନଙ୍କ ଭିଡ଼ରେ ହସ୍ପିଟାଲଟି ଲୋକାରଣ୍ୟ ହୋଇଯାଇ ଥାଆନ୍ତା । ଅଥଚ ପରିଣତ ବୟସରେ ରୋଗିଣୀଟି ଏକୁଟିଆ ଶୋଇ କଷ୍ଟ ପାଉଛି । ଦେହର ଟିକେ ହାତ ମାରିବା ପାଇଁ, ଯନ୍ତ୍ରଣାକୁ ଲାଘବ କରିବା ପାଇଁ, ପଦେଆଧ କରିବା ପାଇଁ, ଅଥବା ଶୁଖିଗଲା ତଣ୍ଟିକୁ ଓଦା କରିବା ପାଇଁ, ପାଣି ଟିକେ ଦେବାପାଇଁ ପାଖରେ କେହି ନାହାଁନ୍ତି ।

ଏ ଜୀବନଟା କ'ଣ ସତରେ ଆଲୋଡ଼ା ହୋଇଯାଇଛି ?

ଭାବାବେଗ ମୋତେ ଆକ୍ରାନ୍ତ କରିଦେଲା । ବନ୍ଧୁଙ୍କର ଅସ୍ତ୍ରୋପଚାର କଥା ଭୁଲିଯାଇ ରୋଗିଣୀଙ୍କ ସହ ଆଳାପ କରିବାକୁ ଲାଗିଲି ।

ପଚାରିଲି, ମାଉସୀ ! ଆପଣଙ୍କର ନାଁ କ'ଣ ?

- ଲକ୍ଷ୍ମୀ । ଧୀରେ ଉତ୍ତର ଦେଲେ ସେ ।

- ଘର କେଉଁଠି ?

- ପୁରୀ ହରଚଣ୍ଡୀ ସାହିରେ ।

- ସାଙ୍ଗରେ କିଏ ଅଛନ୍ତି ?

- ମୋର ସ୍ୱାମୀ ଥିଲେ । ପୁରୀରୁ ଆମେ ବହୁଦିନ ଧରି ଆସି ଏହି ହସ୍ପିଟାଲରେ ଅଛୁ । ଘରର ଦାୟିତ୍ୱ ପାଖ ପଡ଼ୋଶୀଙ୍କ ଜିମାରେ ଛାଡ଼ିଦେଇ ଆସିଛୁ । ଘରକୁ ଦେଖିବା ପାଇଁ, ଟିକିଏ ପରିଷ୍କାର କରିଦେବା ପାଇଁ ସେ ସକାଳେ ପୁରୀ ଯାଇଛନ୍ତି । ଉପରଓଳି ଫେରି ଆସିବେ ।

- ଆପଣଙ୍କ ପରିବାରରେ ଆଉ କିଏ କିଏ ଅଛନ୍ତି ?

- ତିନି ଝିଅ । ବଡ଼ ଝିଅଟି ଭୁବନେଶ୍ୱରର ସହିଦ୍ ନଗରରେ ରହେ । ତା' ସ୍ୱାମୀ ଡାକ୍ତର । କଟକ ମେଡ଼ିକାଲ କଲେଜର ବଡ଼ ଡାକ୍ତର । କୁଆଡ଼େ ଯିବାପାଇଁ ତାଙ୍କ ସମୟ ନାହିଁ । ନାତିର ପରୀକ୍ଷା ଆଗରେ । ତେଣୁ ତା'ମା' ମଧ୍ୟ ସେଇଥିପାଇଁ ବ୍ୟସ୍ତ । ସାତଦିନ ତଳେ ଯେତେବେଳେ ମୁଁ ଏ ହସ୍ପିଟାଲରେ ଭର୍ତ୍ତି ହେଲି, ବଡ଼ଝିଅ ଅଧଘଣ୍ଟାଏ ପାଇଁ ଆସିଥିଲା । ଆଉ ଆସିପାରି ନାହିଁ ।

ତା' ପର ଝିଅ ବମ୍ବେରେ, ତାର ପରିବାର ନେଇ ରହୁଛି । ସବା ସାନ ଝିଅ ପୁରୀ ସହରରେ । ସମସ୍ତେ ଘର ସଂସାରରେ ଛନ୍ଦିହୋଇ ରହିଛନ୍ତି । ସମସ୍ତେ ଭଲରେ ଅଛନ୍ତି । ତାଙ୍କର ସଂସାରରେ ସେମାନେ ତ ବ୍ୟସ୍ତ । ସମୟ ନାହିଁ ମୋ କଥା ବୁଝିବାକୁ ।

କଥା କହୁଁ କହୁଁ ତାଙ୍କ ସ୍ୱର କ୍ଷୀଣ ହୋଇ ଆସିଲା । ଆଖିରେ ଦୁଇଟୋପା ଲୁହ ଢଳ ଢଳ ହେଉଥିଲା ।

ଦେଖୁଥିଲି ମାତୃତ୍ୱର ଭାବନା କେମିତି ଝିଅମାନଙ୍କ ଅଣଦେଖାକୁ ଘୋଡ଼ାଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ଅସହାୟ ଜୀବନ ଖୋଜୁଥିଲା ଟିକିଏ ସ୍ନେହ, ଦୁଃଖକୁ ବାଣ୍ଟିବାକୁ ସାଥୀଟିଏ, ସେବା ଶୁଶ୍ରୂଷା ପାଇଁ ଦରଦୀ ହାତଟିଏ, ଜୀବନର ଶେଷ ପାହାଚରେ ପହଞ୍ଚି ଏକେଲା ଚାଲିବା ସତରେ କେତେ ଯନ୍ତ୍ରଣାଦାୟକ, ତାହା ମୁଁ ଅନୁଭବ କରୁଥିଲି ।

ପଚାରିଲି – ମଉସା କ'ଣ କରୁଥିଲେ ?

- ଚାକିରି କରୁଥିଲେ ପୁରୀ ଅର୍ବାନ୍ କୋ-ଅପେରେଟିଭ୍ ବ୍ୟାଙ୍କରେ, ଦଶବର୍ଷ ହେଲାଣି ଅବସର ନେଲେଣି ।

- କି ରୋଗ ହୋଇଛି ?

- ପେଟ ରୋଗ । ୩/୪ ବର୍ଷ ହେଲା ବାପା ମୁଁ କଷ୍ଟ ପାଉଛି । ଦିଲ୍ଲୀ, ବମ୍ବେ, ମାଡ୍ରାସ ଯାଇଛୁ, ଚିକିତ୍ସା ହୋଇଛି; କିନ୍ତୁ ଭଲ ହେଉନି । ଶେଷରେ ଭଲ ଡାକ୍ତରଙ୍କ ନାଁ ଶୁଣି ଏଇ ହସ୍ପିଟାଲକୁ ସାତଦିନ ହେବ ଆସିଛି ।

- ମଝିଆ ଜ୍ୱାଇଁ ବମେରେ ସାହାଯ୍ୟ କରିଥିବେ ?

- ନାଁ ପୁଅ । ସେମାନେ ତାଙ୍କ କାମରେ ବ୍ୟସ୍ତ । ତାଙ୍କୁ ସମୟ କେତେବେଳେ ଯେ ମୋ କଥା ବୁଝିବେ । ବୁଢ଼ା ଆମର ମୋତେ ସବୁଆଡ଼କୁ ନେଇକରି ଯାଇଛନ୍ତି, ଟଙ୍କା ଖର୍ଚ୍ଚ କରିଛନ୍ତି, ଝିଅ କିମ୍ବା ଜ୍ୱାଇଁମାନଙ୍କ ଉପରେ ଆମେ ବୋଝ ହୋଇନାହୁଁ । ଝିଅମାନେ ତ ପଚାରନ୍ତି ନାହିଁ, ଜ୍ୱାଇଁମାନଙ୍କୁ କାହିଁକି ବା ଦୋଷ ଦେବ ?

- ସାନଝିଅ କ'ଣ ପୁରା ଘରର ଦେଖାଶୁଣା କରିପାରୁ ନାହିଁ ।

- ନାଁ ପୁଅ । ତାକୁ ସମୟ କାହିଁ ? ତା'ର ଘର କାମରେ ସେ ବ୍ୟସ୍ତ ରହେ ।

- ଆପଣଙ୍କ ବାପଘର ତରଫରୁ କ'ଣ କେହି ନାହାନ୍ତି ?

- ନାଁ ପୁଅ । ମୋର ଗୋଟିଏ ଭାଇ ଓ ଦୁଇ ଭଉଣୀ ଥିଲେ, ସେମାନେ ମଧ୍ୟ କେହି ନାହାନ୍ତି । ସେମାନଙ୍କ ସମ୍ପତ୍ତି ବିକ୍ରୀ ହେଲାପରେ ମୋ ନାଁରେ ନଅଲକ୍ଷ ଟଙ୍କା ଜମାଅଛି ।

ଦେଖିଲି, କ୍ରମଶଃ ସେ ଚୁପ୍ ହୋଇଗଲେ । ଜୀବନର ଦୁଃଖଦଘଟଣାକୁ ମନେ ପକାଇ ସେ ବାକ୍‌ଶକ୍ତି ହରାଇ ବସୁଥିଲେ । ମୁଖମଣ୍ଡଳରେ ଦୁଃଖର ଛାୟା ଖେଳିଯାଇଥିଲା । ଲୋତକଭରା ଚକ୍ଷୁ ଦୁଇଟି କ୍ରମଶଃ ମୁଦିହୋଇ ଆସୁଥିଲା ।

ଶୀତୁଆ ଅପରାହ୍ଣର ଆକାଶ କ୍ରମଶଃ ଧୂସର ଦେଖାଯାଉଥିଲା । ସହରର ଗଛଗୁଡ଼ିକ ପତ୍ରଝାଡ଼ା ଦେଉଥିଲେ । ଚଢ଼େଇମାନେ କଳ କଳ ନାଦକରି ପତ୍ରଝଡ଼ା ଗଛ ଡାଳରେ ବସି ଆସନ୍ନ ଅନ୍ଧକାରକୁ ଅପେକ୍ଷା କରୁଥିଲେ । ଦୂର ବସ୍ତିରେ ନୁଆଁଣିଆ ଚାଳରୁ ଉଠୁଥିବା ଧୂଆଁଧୂସର ଆକାଶକୁ ଆହୁରି ଧୂଆଁଳିଆ କରି ପକାଉଥିଲା ।

ଭାବୁଥିଲି, ଆଧୁନିକତାର ଦୁହାଇ ଦେଇ ପୁଅମାନେ ସିନା ବାପାମା'ଙ୍କ ପାଖରୁ ଦୂରେଇ ଯାଉଛନ୍ତି । କିନ୍ତୁ ଏଠି ତ ବିପରୀତ । ଝିଅମାନେ ସମସ୍ତେ ନିଜ ନିଜ ସଂସାରରେ ବ୍ୟସ୍ତ । ରୋଗିଣୀ ମା' ପାଇଁ ଟିକେ ସମୟ ନାହିଁ ତାଙ୍କର । ନାରୀର ହୃଦୟ ପରା କୋମଳ ? କାହିଁ ସେ କୋମଳ ? ମା'ର ଗର୍ଭକଷ୍ଟକୁ ଶୁଝିବା ପାଇଁ ସନ୍ତାନ ଅକ୍ଷମ, ତେବେ ସନ୍ତାନ ଜନ୍ମର ଅର୍ଥ କ'ଣ ? ଯଦି ରୋଗଶଯ୍ୟାରେ ପଡ଼ି ପଡ଼ି ମା'ର ମୃତ୍ୟୁ ହୁଏ, ଯଦି ବୃଦ୍ଧ ମା' ବାପାଙ୍କ ସେବାପାଇଁ ସନ୍ତାନର ଦରଦନ ରହେ ତେବେ ପୃଥିବୀ ଶୂନ୍ୟଗର୍ଭା ହୋଇ ରହୁ । ନାରୀକୁ ଭଗବାନ ଆଉ ତ୍ୟାଗ, ସ୍ନେହ, ପ୍ରେମର ମୂର୍ତ୍ତୀମତୀ ନ କରନ୍ତୁ । ଧିକ୍କାର ସେ କନ୍ୟାଗଣଙ୍କୁ ।

କିନ୍ତୁ ବାର୍ଦ୍ଧକ୍ୟର ଧୂସର କୋଟରଗତ ଦୃଷ୍ଟିରେ ମା' ଖୋଜୁଥିଲା ଶିଶୁ ତିନି କନ୍ୟାଙ୍କର ଶୈଶବର ସ୍ମୃତିକୁ.... ।


***


ସତ୍ୟଭିଲ୍ଲୁ

୧୮, ଭି.ଆଇ.ପି. କଲୋନି

ନୟାପଲ୍ଲୀ, ଭୁବନେଶ୍ୱର





# ପୁତ୍ରମୋହ

ବାସନ୍ତୀଲତା ମହାପାତ୍ର

ଉଦାସିଆ ଚେହେରା ସହିତ ଚିନ୍ତାରେ ମୁଣ୍ଡଟା ଭାରି ହୋଇଯାଉଥିଲା ନରେଶ ବାବୁଙ୍କର। କାଲି ରାତିର ସେ ସପ୍ନଟା ତାଙ୍କ ମୁଣ୍ଡରେ ଲଦି ଦେଇଥିଲା ଚିନ୍ତାର ପାହାଡ଼। ସକାଳର ସବୁ ନିତ୍ୟ କର୍ମ କରୁଥିଲେ ବି ସେଇ ଚିନ୍ତାଟା ତାଙ୍କ ମୁଣ୍ଡ ଭିତରେ ସୃଷ୍ଟି କରୁଥିଲା ଅସଂଖ୍ୟ ଘୂର୍ଣ୍ଣିଝଡ଼। ଫୁଲ ଡ଼ାଳକୁ ଧରି ଏ ଗଛରୁ ସେ ଗଛ ପାଖକୁ ଯାଇ ଅନ୍ୟମନସ୍କ ଭାବରେ ଫୁଲତୋଳି ସାରିଥିଲେ ନରେଶ ବାବୁ। ପ୍ରାତଃ ଭ୍ରମଣ ସାରି ଫେରୁଥିବା କେହି କେହି କାମିନୀଙ୍କ ଦେହ ବିଷୟରେ ପଚାରୁଥିଲେ। ସେ ମଝିରେ ମଝିରେ ଉତ୍ତର ଦେଉଥିଲେ, "ସେ କଥା ଆଉ କ'ଣ ହେବ? ସେଇ ବିଛଣାରେ ପଡ଼ିଛି ତ ପଡ଼ିଛି। ମଝିରେ ମଝିରେ ଯାହା ତାହା ପାଟିରୁ ବାହାରୁଛି ବାବୁଲା.ଆଉ ବାବୁଲା "। ପ୍ରାତଃଭ୍ରମଣ ଲୋକଙ୍କର ଘର ବାହୁଡ଼ାର ଦୃଶ୍ୟ ଦେଖି ଦେଖି ନିଜ କଥା ମନେ ପକାଉଥିଲେ ସେ। ଗେଟ୍ ଆଡ଼କୁ ଚାହିଁ ଭାବୁଥିଲେ ସେ ଏତେବେଳକୁ ଏମାନଙ୍କ ଭଳି ପ୍ରାତଃଭ୍ରମଣ ସାରି ଫେରି ଆସୁଥାନ୍ତେ ଘରକୁ। ଆଉ ଗେଟ୍ ଭିତରେ ପଶୁ ପଶୁ କାମିନୀ ଦେବୀଙ୍କର ଘଣ୍ଟି ଶବ୍ଦରେ ହାତଟା ଯୋଡ଼ି ହୋଇ ଯାଇଥାନ୍ତା। ଚେୟାରରେ ବସିବାର କିଛି ସମୟପରେ ବାମ୍ଫ ଉଠା ଚା' କପ୍‌ଟାକୁ ହାତରେ ଧରାଇ ଦେଇଥାନ୍ତେ କାମିନୀ। ନିଜେ ଗୋଟିଏ କପ୍ ଧରି ପାଖ ଚେୟାରରେ ବସୁ ବସୁ ପ୍ରଶ୍ନ ବାଣରେ ତାଙ୍କୁ ବ୍ୟସ୍ତ କରିପକାଇଥାନ୍ତେ ଚା' କଥା ମନେ ପଡ଼ି ତାଙ୍କର ପିଇବାକୁ ଭାରି ଇଛା ହେଉଥିଲା। ବାରମ୍ବାର ଗେଟ୍ ଆଡ଼କୁ ଚାହିଁ କାହାର ଆଗମନକୁ ଯେପରି ଅପେକ୍ଷା କରିଥିଲେ। କେତେ ସମୟ ପରେ ନରେଶ ବାବୁଙ୍କ ପାଟିରୁ ବାହାରି ପଡ଼ିଲା, "ଚେମିଟା ଗଲା କୁଆଡ଼େ?" ଏ ବୟସରେ ଚା'କପେ ପାଇଁ ମଣିଷ ଯେ କି ହିନସ୍ତା ନ ହେଉଛି! ଏତିକି କହୁଁ କହୁଁ ଦୀର୍ଘ ଶ୍ୱାସଟିଏ ବାହାରି ପଡ଼ିଥିଲା ନରେଶ ବାବୁଙ୍କର।

ହଠାତ୍ ସେ ଘର ଭିତରକୁ ପଶିଯାଇ ସିଧା କାମିନୀ ଦେବୀଙ୍କ ବିଛଣା ପାଖରେ ପହଞ୍ଚି ଯାଇଥିଲେ। କାମିନୀ ଦେବୀଙ୍କୁ ଦେଖି କହି ପକାଇଥିଲେ ନିତି ପୁଅକୁ ନେଇ ମିଠା ମିଠା ଆଶାରେ ଉଡ଼ୁ ଥିବା ମାଆଟିଏ ଆଜି ବିଛଣାରେ ଶୋଇପାଇଛି। କି,ଏ ପାରାଲିସିସ୍ ରୋଗ ଯେ କାମିନୀର ସବୁ ସପ୍ନକୁ ଚୁରମାର୍ କରି ଚିରଦିନ ପାଇଁ ସ୍ଥାଣୁ କରି ଦେଇଛି ତାଙ୍କୁ। କ'ଣ ଯେମିତି ମନେ ପଡ଼ିଗଲା ତାଙ୍କର। ସତରେ! କାଲି ରାତିର ସପ୍ନ ଯଦି ସତ ହୁଏ ତା'ହେଲେ କାମିନୀଙ୍କର ଅବସ୍ଥା....। ଆବେଗରେ ପାଖକୁ ଯାଇ ଆଉଁଷି ଦେଲେ ତାଙ୍କୁ ଆଉ କହିଲେ ସପ୍ନ କ'ଣ ସତ ହେଲାଣି? ତମକୁ ଏ ଅବସ୍ଥାରେ ଛାଡ଼ି ମୁଁ ଜମା ଆଗରେ ଯିବିନି କାମିନୀ। ପାଖରୁ ଗୋଟିଏ ଚେୟାର ଟାଣି ଆଣି କାମିନୀ ଦେବୀଙ୍କ ଶଯ୍ୟା ପାଖରେ ବସି ପଡ଼ିଥିଲେ ସେ। ଅନେକ ସମୟ କାମିନୀ ଦେବୀଙ୍କୁ ଚାହିଁ କି ଭାବନାରେ ବୁଡ଼ି ଯାଇଥିଲେ କେଜାଣି।

ପୁଣିଥରେ ଚେୟାରରୁ ଉଠି ସେ ଦାଣ୍ଡ ପଟକୁ ଯାଇ ଚେମିକୁ ବୋଧହୁଏ ଖୋଜିଲେ। ଆଉ ନିଜେ ରୋଷେଇ ଘରକୁ ଯାଇ ଚା'କପେ କରି ପୁଣି ସେହି ଚେୟାରରେ ବସି ପିଇ ଚାଲିଲେ। ଅନ୍ୟମନସ୍କ ଭାବରେ ଚା'ପିଇ ସାରି ସିଗାରେଟ୍‌ଟିଏ ଟାଣିବାକୁ ଭୁଲିଲେ ନାହିଁ ସେ। ଯେଉଁ ଦିନରୁ କାମିନୀ ବିଛଣାରେ ପଡ଼ିଛନ୍ତି ସେ ଦିନରୁ ନରେଶ ବାବୁଙ୍କର ସବୁ ରୁଟିନ୍ ଏପାଖ, ସେପାଖ ହୋଇଯାଇଛି। ଚେମି ଉପରେ ନିର୍ଭରଶୀଳ ସେମାନେ। ଏ ଯୁଗରେ ତାଙ୍କ ଭାଗ୍ୟକୁ ଯାହା ବି ହେଉ ଚାକରାଣୀଟି ମିଳି ଯାଇଛି। ଏହିଭଳି ଠିକା ସଂସାର ଭିତରେ ଘୁସୁରୀ ଚାଲିଛି ସେମାନଙ୍କର ଜୀବନ ନୌକା। ମୋବାଇଲର ରିଂ ଶବ୍ଦ ଶୁଣି ସୁଇଚ୍ ଟିପିଲେ ନରେଶ ବାବୁ। ହ୍ୟାଲୋ ! କରିବା ବେଳେ ମୁହଁରେ ଲେସି ହୋଇ ଯାଇଥିଲା ତାଚ୍ଛଲ୍ୟ। ତା'ପରେ ସେ କହିଥିଲେ ତୋ ବୋଉ କ'ଣ ଚାଲୁଛିନା ଦଉଡୁଛି? କେବଳ ଯାହା ବଞ୍ଚିଛି। ତା'ପରେ ନାଁ, ହଁ ଭିତରେ ମୋବାଇଲ୍ ସୁଇଚ୍ ବନ୍ଦ କରି ଦେଇ ଛାଟି ଦେଲେ ପାଖ ଟେବୁଲ ଉପରକୁ। ଆଉ ନ ଶୁଣିଲେବି କାମିନୀଙ୍କୁ କହି ପକାଇଲେ ପୁଅ ମାୟାରେ ଅନ୍ଧ ହୋଇ ତାକୁ ଖୁବ୍ ଭଲରେ ରଖିବ ବୋଲି ଆଉ ଗୋଟିଏ ପିଲା ବି ଜନ୍ମ କଲ ନାହିଁ। ତାର ଫଳ ତ ଭୋଗିବାକୁ ପଡ଼ିବ।

ଚାକିରୀର ସଙ୍ଗ ଅର୍ଥ ଭିତରେ ପୁଅ ବାବୁଲାକୁ କେତେ ଅୟସରେ ବଢ଼ାଇ ନ ଥିଲେ ସେମାନେ। ପୁଅ ନାମକ ଗଛଠାରୁ ବୃଦ୍ଧ କାଳରେ ଛାଇ ଟିକିଏ ପାଇବାକୁ ତାଙ୍କର କେତେ ଆଶା ନ ଥିଲା। ଭଲ

ପାଠପଢ଼ି ବଡ଼ ସରକାରୀ ଚାକିରୀ କରି ତାଙ୍କର ପ୍ରଥମ ସ୍ୱପ୍ନକୁ ସାକାର କରିଥିଲା ପୁଅ ବାବୁଲା । ପୁଣି ସେମାନେ ସ୍ୱପ୍ନ ଦେଖିଥିଲେ ପୁଅ ବାହାଘରର । ଝିଅ ଦେଖା, ଜାତକ ମେଳା ଏ ସବୁ କାମରେ ମଧ୍ୟସ୍ଥିର ସାହାଯ୍ୟ ନେଉ ନେଉ ବାବୁଲା ନିଜେ ଝିଅ ଠିକ୍ କରିଥିବାର ପାଇଲେ ସେମାନେ । ବାବୁଲାର ଜିଦ୍ ଆଗରେ ତାଙ୍କର ଗୋଟିଏ ସ୍ୱପ୍ନ ଧୂଳିସାତ୍ ହୋଇଯାଇଥିଲା । ବାବୁଲା ଭଲ ପାଉଥିବା ଝିଅକୁ ଖୁବ୍ ଯାକଯମକରେ ବାହା କରେଇ ଘରକୁ ଆଣି ଝିଅ ଭଳି ସ୍ନେହ ଶ୍ରଦ୍ଧା ଢ଼ାଳି ଦେଇଥିଲେ କାମିନୀ । ସ୍ନେହ କାଙ୍ଗାଳ କାମିନୀ କିନ୍ତୁ ବୋହୁଠାରୁ ଦିନେ ବାପା, ବୋଉ ଡାକ ବି ଶୁଣି ନ ଥିଲେ । ବଡ଼ ସହରର ଝିଅ । ଏଠାରେ ଟକି ନ ପାରିବାର ବାହାନା ଦେଖାଇ ବାବୁଲା ଅଷ୍ଟମଙ୍ଗଳା ପରଦିନ ତାକୁ ଭୁବନେଶ୍ୱର ନେଇଯାଇଥିଲା ।

ସମୟ ଯେତେ ଆଗକୁ ଗଡୁଥିଲା ବୋହୂର ପୁଅ ଉପରେ ଅଧିକାର ସେତେ ବଢୁଥିଲା । ଆଉ ବାବୁଲାର ବାପା ମାଆଙ୍କଠାରୁ ମାୟା ସେତେ କମି ଯାଉଥିଲା । କାମର ଆଳ ଦେଖାଇ ବାବୁଲା ବି ଘରକୁ ଆସିବା କମାଇ ଦେଇଥିଲା । ଯେଉଁ କାମିନୀ ବାବୁଲାକୁ ମାସର ଦୁଇ ତିନିଥର ନ ଦେଖିଲେ ବ୍ୟସ୍ତ ହୋଇପଡୁଥିଲେ ଏବେ "ତୋର ମା ଲାଗେ କାନ୍ଦେ" ନ୍ୟାୟରେ ଚୁପ୍ ହୋଇ ଯାଇଥିଲେ । ନରେଶ ବାବୁ ଏ ଦୁନିଆଁର ରୀତିନୀତି କିଛି ବୁଝିଥିଲେ । ତାଙ୍କ ସାଙ୍ଗମାନଙ୍କ ଠାରୁ ପୁଅମାନଙ୍କ ବ୍ୟବହାର କଥା ଶୁଣି ଶୁଣି ସେ ସବୁ ବୁଝୁଥିଲେ । ଏବେ ତ ଅଧିକାଂଶ ପୁଅ ବାପା, ମାଆଙ୍କ ଠାରୁ ଶ୍ୱଶୁର ଘର ଲୋକଙ୍କୁ ଯେ ଅଧିକ ପଚାରୁଛନ୍ତି ଏ କଥାର ଅନେକ ଉଦାହରଣ ପାଇଥିଲେ ସେ । ଯେଉଁଦିନ ବୋହୂର ପିଲା ହେବା କଥା ଶୁଣିଥିଲେ କାମିନୀଙ୍କର ଗୋଡ଼ ହାତ ତଳେ ଲାଗି ନଥିଲା । ଫୋନ୍‌ରେ ବୋହୂକୁ ତାଙ୍କ ପାଖରେ ଛାଡ଼ି ଯିବାକୁ ସେ ବାବୁଲାକୁ କହିଥିଲେ । ବାବୁଲା କହିଥିଲା ଡାକ୍ତର ଏ ସମୟରେ ଗାଡ଼ିରେ ଯିବାକୁ ମନା କରିଛନ୍ତି । ତଥାପି କାମିନୀ ଦେବୀ ପିଠା ପଣା ଆଦି ଭଲମନ୍ଦ ପ୍ରସ୍ତୁତ କରି ଭୁବନେଶ୍ୱର ବାହାରିଲା ବେଳକୁ ବୋହୂ ତାର ମା'ଙ୍କ ପାଖକୁ ଚାଲି ଯାଇଥିବାର ଖବର ଆସିଥିଲା । ଏ ଥର କାମିନୀ ଦେବୀ ଅନେକ କିଛି ବୁଝି ପାରି ନରେଶ ବାବୁଙ୍କ ପାଖରେ କାନ୍ଦି ଉଠିଥିଲେ ।

ଶେଷରେ ବାବୁଲାର ପୁଅ ତାର ଶ୍ୱଶୁର ଘରେ ଜନ୍ମ ହୋଇଥିଲା । କାମିନୀ ଦେବୀ ମୁହଁ ଭୁରୁଡ଼ି ମାରି "ବନସ୍ତରେ ହାତୀ ବଢ଼ିଲେ ରାଜାର" ବୋଲି ସିନା କହି ଦେଇଥିଲେ କିନ୍ତୁ ନରେଶ ବାବୁ ବୁଝି ପାରିଥିଲେ କାମିନୀଙ୍କର ମନରେ ଲହଡ଼ି ମାରୁଥିବା ଦୁଃଖକୁ । ଲୋକଙ୍କର ପ୍ରଶ୍ନ ଭୟରେ କାମିନୀ ଦେବୀ କିଛିଦିନ ବାହାରକୁ ବାହାରି ନ ଥିଲେ । ବାବୁଲା ପୁଅର ଏକୋଇଶା ମହାଆଡ଼ମ୍ବରରେ ତା ଶ୍ୱଶୁର ଘରେ ହେଉଥିବା ବେଳେ ନରେଶ ବାବୁ ଓ କାମିନୀ ସତ୍ୟନାରାୟଣ ପୂଜା କରି ମନର ଆରିମାନ ମେଣ୍ଟାଇ ଥିଲେ, ଆଉ କହିଥିଲେ, "ବୋହୂର ଦେହ ଖରାପ ଥିବାରୁ ସେ କିପରି ଏତେବାଟ ଆସିଥାନ୍ତା କଅଁଳା ଛୁଆଟାକୁ ଧରି । ମୁଁ ପରା ମନାକଲି । ବଡ଼ ହେଲେ ବଳେ ଆସିବନି ତା ଘରକୁ ।" ମୁହଁ ଫୁଟାଣି ମାରିଲେବି କାମିନୀ ଦେବୀଙ୍କ ଭିତରେ ଥିବା ଦୁଃଖର ବାଦଲଟା ଅନ୍ୟମାନଙ୍କ ଆଖିରେ ଯେ ଧରାପଡ଼ି ଯାଇଥିଲା ଏ କଥା ନରେଶ ବାବୁ ସାହି, ପଡ଼ିଶାଙ୍କ ଥଟ୍ଟା ଟାପରାରୁ ବୁଝିଥିଲେ । କେତେମାସ ପରେ ଦୁଇଜଣ ନାତି ପାଇଁ ସୁନାହାର ସହିତ ଅନେକ ଜିନିଷ ଧରି ବାବୁଲା ପାଖରେ ପହଞ୍ଚି ଥିଲେ । ନାତିକୁ ଦେଖି ଖୁସିରେ ଫାଟି ପଡୁଥିବା କାମିନୀ ଯେଉଁଦିନ ଇନ୍‌ଫେକ୍‌ସନ୍ ହେବା କଥା କହି ନାତିକୁ କୋଳରେ ଧରିବାକୁ ବଞ୍ଚିତ ହୋଇଥିଲେ ବିଚାରୀ ସମ୍ଭାଳି ପାରି ନ ଥିଲେ ଏହି ଅପମାନକୁ । ଭୋ-ଭୋ ହୋଇ କାନ୍ଦି ଉଠିଥିଲେ ସେ । ନରେଶ ବାବୁ ବାବୁଲା ମୁହଁରେ ଦେଖିଥିଲେ ଅସହାୟତାର ଏକ ଜୀବନ୍ତ ଛବି । ସେଠାରୁ ଫେରିଲା ବେଳକୁ କାମିନୀ ମନ ଭିତରେ ପୁରାପୁରି ଭାଙ୍ଗି ପଡ଼ିଥିଲେ । ସବୁବେଳେ ମୁହଁ ଲୁଚାଇ ଚୁପ୍‌ଚାପ୍ କାନ୍ଦୁଥିଲେ । ପୁତ୍ର ସ୍ନେହରେ ଅନ୍ଧ ହୋଇଯାଇଥିଲା କାମିନୀଙ୍କ ପାଇଁ ଏହା ଏକ ଶକ୍ତ ଧକ୍କା ଥିଲା । ଆଉ ସେହି ଧକ୍କାରେ ସେ ଭାଙ୍ଗି ପଡୁ ପଡୁ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଯାଇଥିଲେ । ନରେଶ ବାବୁଙ୍କ ଅନେକ ସମୟରେ ଚାହିଁ ରହି କଥା କହିବାକୁ ଇଚ୍ଛା କରି ମଧ୍ୟ ଆଉ ପଦେକିଛି କହି ପାରି ନଥିଲେ । ବାବୁଲା ତ ସହରରୁ ଡାକ୍ତର ନେଇ ଆସିଥିଲା । ଔଷଧ ପତ୍ରର ବ୍ୟବସ୍ଥା ସହିତ ଚେମିକୁ ଘର କାମ ତଥା କାମିନୀଙ୍କର ଦେଖାଶୁଣା କରିବାକୁ ଠିକ୍ କରିଦେଇ ଫେରି ଯାଇଥିଲା । ଆଉ ବାପାଙ୍କୁ ଔଷଧ ପତ୍ର ଦେବାର ଦାୟିତ୍ୱ ବୁଝାଇ ଦେଇଥିଲା ସିନା, ନିଜ ପାଖକୁ ନେବାର ନାଁ ବି ଧରି ନ ଥିଲା । ବର୍ଷେ ହେଲାଣି କାମିନୀଙ୍କର ଏ ଅବସ୍ଥା । ପ୍ରଥମେ ପ୍ରଥମେ ବାବୁଲା ମାସେ ଦୁଇ ମାସରେ ଥରେ ଅଧେ ମା'କୁ ଦେଖିବାକୁ ଆସିଥିଲା । ନିତି ରୋଗୀକୁ କିଏ ପଚାରେ ନ୍ୟାୟରେ

ବାତୁଲା ଆସିବାର ସମୟ ଦୂରେଇ ଯାଉଥିଲା । ବର୍ଷେ ଭିତରେ ବୋହୂ ଶାଶୁଙ୍କୁ ଦେଖିବାକୁ ଥରେ ମାତ୍ର ଆସିଥିଲା । ନରେଶ ବାବୁଙ୍କର ଅନେକ ଡାକ ପରେ କାମିନୀ ଆଖି ଖୋଲି କ'ଣ କହିବାକୁ ଚାହିଁବି କହିପାରି ନ ଥିଲେ । ନରେଶ ବାବୁ ଧୀରେ ଧୀରେ ଦୁଃଖରେ ଭାଙ୍ଗି ପଡୁଥିଲେ । ତାଙ୍କର ମନକଥା କହିବା ପାଇଁ ବା ତାଙ୍କ ଦୁଃଖର ସାଥୀ ହେବା ପାଇଁ ସେ ଘରେ ଆଉ କେହି ନଥିଲେ ।

ହଠାତ୍ ଠିଆ ହୋଇ ପଡ଼ିଲେ ନରେଶ ବାବୁ । ତା'ପରେ ଟେବୁଲ ଉପରୁ ସିଗାରେଟ୍ ଆଣି ଟାଣିବାକୁ ଲାଗିଲେ । ଆଉ କହୁଥିଲେ, "ମୋର ଯଦି କିଛି ହୋଇଯାଏ ତୁମ ଅବସ୍ଥା କ'ଣ ହେବ କାମିନୀ ? ଭଲ ସମୟରେ ତ ପୁଅ ପାଖରେ ରହି ପାରିଲେ ନାହିଁ । ଆଉ ଏ ଅବସ୍ଥାରେ....।" ତା'ପରେ କାମିନୀ ଦେବୀଙ୍କୁ ଆବେଗରେ ଆଉଁସି ପକାଇଲେ । ଏହି ସମୟରେ କୋଠରୀରେ ଟେମିର ଚିତ୍କାର ଶୁଣିଥିଲେ- ନିଆଁ ବଡ଼ବାପା ନିଆଁ ! ସମ୍ବିତ ଫେରି ପାଇଥିଲେ ନରେଶ ବାବୁ । ଟେମିର ପାଟି ଶୁଣି ପଛକୁ ଚାହିଁଲା ବେଳକୁ କାମିନୀଙ୍କର ଗୋଡ଼ ପଟରୁ ଜଳୁଥିଲା ହୁତୁହୁତୁ ହୋଇ । ନରେଶ ବାବୁଙ୍କ ହାତରେ ସିଗାରେଟ୍ ବି ନଥିଲା । ନରେଶ ବାବୁ ବିକଳ ହୋଇ କୁଣ୍ଢାଇ ଧରିଥିଲେ କାମିନୀଙ୍କୁ । ନିଆଁର ଲେଲିହାନ୍ ଶିଖାଟା ସଂକ୍ରମିତ ହୋଇ ସାରିଥିଲା ଖଟ ସାରା । ନରେଶ ବାବୁ ସେମିତି କୁଣ୍ଢାଇ ଧରିଥିଲେ କାମିନୀଙ୍କୁ ।

ଟେମିର ପାଟି ଶୁଣି ପଡ଼ୋଶୀମାନେ ଦୌଡ଼ି ଆସି ନିଆଁ ଲିଭାଇ ସାରିଲା ବେଳକୁ ଦୁଇଟି ଅର୍ଦ୍ଧଦଗ୍ଧ ଶରୀର ପଡ଼ି ରହିଥିଲା ଚଟାଣ ଓ ଖଟରେ । ଶବ ଦୁଇଟିର ବିଭତ୍ସ ଦୃଶ୍ୟ ଯେମିତି ତାଚ୍ଛଲ୍ୟ କରୁଥିଲା ସମାଜର ବାତୁଲା ପରି ପୁତ୍ରମାନଙ୍କୁ । କେହି କେହି କହୁଥିଲେ ନରେଶ ବାବୁ ଏହା ଜାଣି ଜାଣି କରି ନାହାନ୍ତି ତ !

***



ଏକ ଭିନ୍ନ ସ୍ୱାଦର ଗଳ୍ପ

# ଭଙ୍ଗା ବେହେଲା

କିଶୋର ଆକାଶ୍

ଅକାଗା ଘା' ଭଳି ତା'ର ଅବସ୍ଥା । ନା କାହାକୁ କହିପାରିବ ନା ଦେଖାଇ ପାରିବ । ଅବ୍ୟକ୍ତ ଯନ୍ତ୍ରଣାରେ ବତୁରି ନିଜେ ହିଁ ନିଜକୁ ସାନ୍ତ୍ୱନା ଦେଉଥିବ ଗୌତମ । କେତେ ଦିନ, ଆଉ କେତେ ଦିନ ଏମିତି ଭୋକିଲା ପେଟରେ ନିଜସ୍ୱ ସଂସ୍କୃତିକୁ ଜାବୁଡ଼ି ଧରି ବସିବ ସିଏ ? ସାଲିସ୍ କରିନେବ ? କି ସୁଖ ଆଉ ଶାନ୍ତି ମିଳିବ ସେଥିରେ ? ନା - ସେ ତା' ଅବୁଝା ମନକୁ ବୁଝାଇ ପାରିବନି । କାଉଁରିଆ କାଠି ଭଳି ଭାଙ୍ଗିଯିବ ସିନା, ନଇଁବ ନାହିଁ ସିଏ । କୁର୍ଣ୍ଣିସ୍ କରିବନି ସେଇ ଅପରର ସଂସ୍କୃତିକୁ । ଯେତେ ଆଖି-ଝଲ୍‌ସା ହେଉ ପଛେ । ଭଗବାନ ଯଦି ଏଇ ପେଟ ଟାଖଣ୍ଡକ ଦେଇ ନଥାନ୍ତେ, ତା'ହେଲେ ଅନ୍ତତଃ ଭୋକଦାଉରୁ ରକ୍ଷା ମିଳନ୍ତା । ଆଉ ସହଜେ ବଞ୍ଚି ହୁଅନ୍ତା ।

ଆଧୁନିକତାର ଦୁହାଇ ଦେଇ, ହଜାର ହଜାର ବର୍ଷର ପୁରୁଣା ବେଦଉପନିଷଦୀୟ ମହାନ୍ ସଂସ୍କୃତିକୁ, ଯେଉଁ ତରୁଣମାନେ, ତାରୁଣ୍ୟର ନକଲି ରଙ୍ଗରେ ଅନ୍ଧ ହୋଇ ପାଶ୍ଚାତ୍ୟ ବିପଣୀ ସଂସ୍କୃତିର ଅନୁକରଣ କରନ୍ତି - ଗୌତମ ସେମାନଙ୍କୁ ଘୃଣା କରୁଥିବ । ଆକଣ୍ଠ ଘୃଣା । ସେମାନେ ଏ ଦେଶର ଶତ୍ରୁ ମଣୁଥିବ ।

ଗୌତମର ଇଚ୍ଛା ହେଉଥିବ ପିସ୍ତଲଟିଏ ନେଇ ଏଇ ପାଶ୍ଚାତ୍ୟାଭିମୁଖୀ ମାଙ୍କଡ଼ ଦଳକୁ ଶେଷ କରିଦେବା ପାଇଁ । ନିଜସ୍ୱ ସଂସ୍କୃତିର କବର ଉପରେ ଧାରକରା ପାଶ୍ଚାତ୍ୟ ସଂସ୍କୃତିର ନଭଶ୍ଚୁମ୍ବୀ ଅଟ୍ଟାଳିକାଟିଏ ଗଢ଼ିଲେ ସୁନ୍ଦର ଦିଶିବନି । ବରଂ ବିକୃତ ଦିଶିବ ଖୁବ୍ ।

ସିଏ ଗୌତମ । ଏ ସହରର ବିଶିଷ୍ଟ ବେହେଲା ବାଦକ ଗୌତମ ନାୟକ । ଯାହାର ଲମ୍ବା ଲମ୍ବା କଙ୍କା ଦୁର୍ବଳ ଆଙ୍ଗୁଠି ବେହେଲାର ତାର ଛୁଇଁଲେ ଅନେକ ଦର୍ଶକ ହୃଦୟରେ ସ୍ପନ୍ଦନ ଭରିଯାଉଥିବ ତ ଆଖିରେ ଛଳଛଳେଇ ଯାଉଥିବ ଲୁହ । ଦେହରେ ସଞ୍ଚାରିତ ହେଉଥିବ ବେପଥୁ ।

ସେଇ ଗୌତମ ନାୟକକୁ ଆଜି ମୁଠାଏ ଖାଇବାକୁ ମିଳୁ ନଥିବ । ଏହାଠାରୁ ବଳି ସତ୍ୟ ଆଉ ଅବିଶ୍ୱସନୀୟ ସମ୍ବାଦ କ'ଣ ହେବ ?

ବାପା ମା'ଙ୍କର ଏକମାତ୍ର ଗେହ୍ଲାପୁଅ ହୋଇଥିବ ଗୌତମ । ବାପା ମା'ଙ୍କର ଜମିବାଡ଼ି ବି ଢେର୍ ଥିବ । ଗୌତମ ବି ବେଶ୍ ଭଲ ପାଠ ପଢୁଥିବ ।

ହେଲେ ଶିବରାତ୍ରି ପାଇଁ ଗାଁରେ ନାଟକ ମଞ୍ଚସ୍ଥ ଆରମ୍ଭ କରିଥିବ ଗୌତମ । ବାପା, ଦାଦା, ମାମୁଁ ଓ ଅନ୍ୟାନ୍ୟ ଗୁରୁଜନମାନଙ୍କର ସମସ୍ତ ବାରଣ ସତ୍ତ୍ୱେ ସେ ତା' ଜିଦ୍‌ରେ ଅଟଳ ରହିବ । ନାଟକ ରିହରସାଲ୍ କରିବ ଅଥଚ ପୁରୁଖାମାନଙ୍କ ପ୍ରସ୍ତାବକୁ ବିରୋଧ କରିବ ନାହିଁ । ଗାଁର ଗୋଟିଏ ମୁଣ୍ଡରେ ଭାରତ ଲୀଳାର ଦୁଆରି ଦୁମ୍‌ଦୁମ୍ ନାଚିବା ବେଳକୁ ଗାଁର ଅନ୍ୟ ମୁଣ୍ଡରେ ଶୁଭୁଥିବ ସାମାଜିକ ନାଟକ 'ଅନୁତାପର ଅଶ୍ରୁ'ର ନାୟିକା ଗୀନା କଣ୍ଠରୁ ବିରହ ଗୀତିର ମୂର୍ଚ୍ଛନା ।

ଗୌତମ ବେହେଲା ଶିଖିଥିବ ଜଣେ ଅନ୍ଧ ସାଧୁବାବାଙ୍କଠାରୁ । କି ସୁନ୍ଦର ସେଇ ବାବା ବେହେଲା ବଜାଇବେ ଯେ । କାଠ ପଥର ବି ତରଳିଯିବ । ସେ ତାଙ୍କରି ଭିକ୍ଷା ଝୋଲି ଭିତରେ ମହାର୍ଘ ମଣି ଭଳି ରଖିଥିବେ ନିଜର ପ୍ରିୟ ବେହେଲାଟିକୁ । ଦିନେ ଗୌତମ କୌତୁହଳବଶତଃ ସେହି ଭିକ୍ଷା ଝୋଲିରୁ ବେହେଲାଟିକୁ ବାହାର କରି ଟୁଂ ଟାଂ କରୁଥିବ । ହଠାତ୍ ସାଧୁବାବା ଆସି ଚାପୁଡ଼ାଏ ଦେବେ ତା' ଗାଲରେ ଆଉ ବେହେଲାଟିକୁ ଅମୂଲ୍ୟ ନିଧି ଭଳି ଝୋଲିରେ ଭରିଦେଇ ବଡ଼ବଡ଼ ପାହୁଣ୍ଡ ପକାଇ ଅନ୍ତର୍ଦ୍ଧାନ ହୋଇଯିବେ ।

ଏଇ ଘଟଣାର କିଛିଦିନ ପରେ ଦିନେ ଏକାଏକା ସ୍କୁଲରୁ ଘରକୁ ଫେରୁଥିବ ଗୌତମ । ସେତେବେଳକୁ ତା'ର ଅଷ୍ଟମ ଶ୍ରେଣୀ । ଦୀର୍ଘ ଦଶ କି.ମି. ରାସ୍ତା ଚାଲିଚାଲି ସ୍କୁଲକୁ ଯିବାକୁ ପଡୁଥିବ ତାକୁ । ସବୁଦିନ ତା' ସହ ଥିବେ ଅନେକ ସହପାଠୀ ଓ ସହପାଠିନୀ । ଆଜି କେହି ନ ଥିବେ । ହଠାତ୍ ଶୁଣିବ ବେହେଲାର ମୂର୍ଚ୍ଛନା । କେଉଁଠୁ ସେ ଶବ୍ଦ ଆସୁଚି ଜାଣିବା ପାଇଁ ଖୋଜିଖୋଜି ପହଞ୍ଚିବ ଏକ ଗଛମୂଳେ । ଯେଉଁଠି ଦେଖିବ ପୂର୍ବ ପରିଚିତ ସାଧୁବାବା ବସି ଏକମନ ଓ ଏକ ଧ୍ୟାନରେ ବେହେଲା ବଜାଉଥିବେ । ଆଖିରୁ ତାଙ୍କର ଝରି ଯାଉଥିବ ଧାରଧାର ଲୁହ । ସେ କାନ୍ଦୁଥିବେ କଇଁକଇଁ । ଅଥଚ ବଜାଇ ଚାଲିଥିବେ ବେହେଲା ଅବିରାମ ଗତିରେ । ଗୌତମର ଛାତି ଭିତରଟା କ'ଣ ହୋଇଯାଉଥିବ । ସେ ଆଉ ସମ୍ଭାଳି ପାରିବନି । ସାଧୁବାବାଙ୍କ ପାଖକୁ ଯାଇ ପୋଛିଦେବ ତାଙ୍କରି ଲୁହ ।

ସାଧୁବାବା କ'ଣ ଭାବିଥିବେ କେଜାଣି ଗୌତମକୁ କୁଣ୍ଢେଇ ଧରି କାନ୍ଦିବେ ଢେର୍ ସମୟ । କହିବେ, ତାଙ୍କରି ବି ଗୌତମ ଭଳି ପୁଅଟିଏ ଥିଲା । ବାତ୍ୟାରେ ସମୁଦ୍ର ଜୁଆରରେ ତାଙ୍କରି ଘର, ସ୍ତ୍ରୀ, ପୁଅ ସଭିଏଁ ଭାସିଗଲେ । ସେ ଏବେ ପେଟ ପାଇଁ ସନ୍ୟାସୀ ସାଜି ଗାଁ ଗାଁ ବୁଲୁଛନ୍ତି । ବେହେଲା ବି ଶିଖାଉଛନ୍ତି । ଗୌତମ କହିବ ସେ ବି ବେହେଲା ଶିଖିବ ।

ସାଧୁବାବା କହିବେ - ବେହେଲା ଶିଖିବା ବଡ଼ କଷ୍ଟ । ପୁଣି ଏଇ

କଳା ଶିଖିଲେ ଚିର ଦରିଦ୍ର ହେବାକୁ ପଡ଼ିବ। ଗୌତମ ଅଳି କରିବ। ଜିଦ୍ କରିବ। ନେହୁରା ହେବ। ସାଧୁବାବା ସେହିଦିନଠାରୁ ଗୌତମକୁ ବେହେଲା ଶିଖାଇ ଓସ୍ତାଦ୍ କରିଦେବେ ତିନିବର୍ଷ ଭିତରେ।

ଗୌତମ ମାଟ୍ରିକ୍ ପାଶ୍ କଲାବେଳକୁ ସହରକୁ ଯାଇ ବେଶ୍ କିଛି ପୁରସ୍କାର ପାଇସାରିଥିବ। ଅଥଚ ପ୍ରଥମ ପୁରସ୍କୃତ ସମ୍ବାଦଦେବାକୁ ଯାଇ ସାଧୁବାବାଙ୍କୁ ଆଉ ମିଶି ପାରିବନି। ଖାଲି ଶୁଣିବ ଦିନେ ସାଧୁବାବା ନଈ ପାରିହେଲା ବେଳକୁ ହଠାତ୍ ନଈରେ ପାଣି ଆସିଯିବାରୁ ଭାସି ଚାଲିଗଲେ। କିନ୍ତୁ ତାଙ୍କର ବେହେଲା ଖଣ୍ଡିକ ସେମିତି ଗଛ କୋରଡ଼ରେ ସାଇତା ହୋଇ ରହିଥିବ। ଯାହା ଆଜିଯାଏଁ ଗୌତମର ପ୍ରିୟ। ନିଜ ଜୀବନଠୁଁ ବି ଅଧିକ ଭଲ ପାଉଥିବ ସିଏ ଏଇ ନିର୍ଜୀବ ବେହେଲାଟିକୁ।

ଗୌତମ ଏଇ ସଙ୍ଗୀତ ମାୟାରେ ପଡ଼ି ବାପା, ମା', ଭାଇ, ବନ୍ଧୁ, କୁଟୁମ୍ବଙ୍କଠାରୁ ଭିନ୍ନ ହୋଇଯିବ। ପବିତ୍ର କଳା ସହିତ କଳଙ୍କକୁ ଯୋଡ଼ି ଦିଆଯିବ। ବିନା ଦୋଷରେ ଦଣ୍ଡିତ ହେବ ସିଏ। ଯେତେବେଳେ ସେ ବି.ଏ. ପଢୁଥିବ ସହରରେ ବାପା ମା' ତାକୁ ତେଜ୍ୟପୁତ୍ର କରିଦେବେ। ସେ ଗାଁ ମାଟି ଆଉ ଛୁଇଁ ପାରିବନି ଏ ଜୀବନରେ। ତା'ର ଦୋଷ ହୋଇଥିବ ଅତି ନଗଣ୍ୟ। ଗାଁର ଅଚ୍ଛବ ଜାତିର ଝିଅ ଗୋପା ସହ ସେ ସାଙ୍ଗ ହୋଇ ଦିନେ ସିନେମା ଯାଇଥିବ ଆଉ ରେଷ୍ଟୁରାଣ୍ଟରେ ଚିକେନ୍ ଖାଇଦେଇଥିବ। ବାସ୍ ଏତିକି। ଏଇ ଦୃଶ୍ୟ ହୁଏତ ତା' ଗାଁର କେହି ଦେଖି ଦେଇଥିବେ ଏବଂ ଗାଁକୁ ଯାଇ ବାପା-ଦାଦାଙ୍କୁ କହି ଦେଇଥିବ।

ପ୍ରକୃତରେ ଗୋପା ହିଁ ଥିବ ତା'ର ସ୍କୁଲ ଆଉ କଲେଜ ଜୀବନର ସମଦରଦୀ ବାନ୍ଧବୀ। ଯିଏ ବୁଝିଥିବ ତାକୁ। ତା'ର ଖୋଜିବା ପଣକୁ / ଲୋଡ଼ିବା ପଣକୁ / ଆଦର / ସ୍ନେହ / ପ୍ରେମପ୍ରୀତି / ହସ ଆଉ ଲୁହକୁ। ତା'ର ବେହେଲା ବାଦନ ଶୁଣିବା ପାଇଁ ଘଣ୍ଟା ଘଣ୍ଟା ବସି ରହିଥିବ ଗୋପା। ଏପ୍ରିସିଏସନ୍ କରୁଥିବ। ଏପରିକି ଆକାଶବାଣୀ, ଦୂରଦର୍ଶନରେ ବେହେଲା ବାଦନ ପାଇଁ ଗୋପା କମ୍ ଚେଷ୍ଟା କରି ନଥିବ।

ଅଥଚ ଯେଉଁ ଦିନ ଗୋପାକୁ ତା'ର ବାପା, ମା', ସାହିଭାଇ, ଗାଁର ମୁଖିଆ ଗାଁକୁ ଆସିବାକୁ ମନା କରିଦେଲେ, ସେ ବିଷ ଖାଇ ଦେଇଥିବ ଲୋକଲଜ୍ଜା ସହି ନପାରି। ସେତେବେଳେ ସେ ରହିଥିବ ହଷ୍ଟେଲରେ। ପଢୁଥିବ ବି.ଏ. ଅନର୍ସ।

ତା'ପରେ ଗୌତମ ବି ଭାଙ୍ଗି ପଡ଼ିବ। ଭଲ ଲାଗିବନି ଆଉ ତାକୁ ବଞ୍ଚିବାକୁ। କିନ୍ତୁ ପତନମୁଖୀ ନିଜସ୍ୱ ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇବାକୁ ଅନେକ ବନ୍ଧୁ ଓ ନାଟ୍ୟସଂସ୍ଥାକୁ ନିବେଦନ କରିବ। ହାତ ପାତିବ। ନେହୁରା ହେବ। ସମସ୍ତେ ତ ସେଇ ଡାଆଣୀ ଆଲୁଅ ପଛରେ, ସେଇ ପାଶ୍ଚାତ୍ୟ ସଂସ୍କୃତିର ମରୀଚିକା ପଛରେ ଧାଉଁଥିବେ। ଦିନ ନିଶ୍ଚୟ ଆସିବ। ଯେଉଁ ଦିନ ସେ ମରୀଚିକାର ମୃତ୍ୟୁ ହେବ ଆଉ ଶୋଷ ମେଣ୍ଟିବା ବଦଳରେ ମିଳିବ ଶେଷହୀନ ତୃଷ୍ଣା।

ବେହେଲା ଟ୍ୟୁସନ୍, କେଇଟି ବୁଦ୍ଧିଜୀବୀଙ୍କର ଘରେ କରୁଥିବ ଗୌତମ। ତା'ଛଡ଼ା ବେହେଲା ରିପେରିଂ ଆଉ ମ୍ୟୁଜିକ୍ ଷ୍ଟୋର୍‌ରେ ଆସିଷ୍ଟାଣ୍ଟ କାମ କରି ନିଜ ଗୁଜୁରାଣ ମେଣ୍ଟାଉଥିବ। ହେଲେ ଆଜି ଟାଉନ୍ ହଲ୍‌ରେ ଯେଉଁ ନଗ୍ନ ପପ୍ ଡ୍ୟାନ୍ସ, ରକ୍ ମ୍ୟୁଜିକ୍ ଦେଖିଲା ଓ ଦର୍ଶକଙ୍କ ଭିଡ଼ ଦେଖିଲା ତା'ର ରକ୍ତ ଟକ୍‌ଟକ୍ ହେଉଥିବ। ଗଲା କ୍ଲାସିକ୍ ପ୍ରୋଗ୍ରାମ୍ କଲେ ଦଶ/ ବାର ଦର୍ଶକ ମିଳୁ ନଥିବେ ଏ ସହରରେ ଅଥଚ ବ୍ରେକ୍ ଡ୍ୟାନ୍ସ ଆଉ ପପ୍ ସଙ୍ଗ କମ୍ପିଟିସନ୍ ହେଲେ ଜମା ହେଉଥିବେ ଦଶ ବାର ହଜାର ଦର୍ଶକ।

ନା - ବିନାଶ କାଳେ ବିପରୀତ ବୁଦ୍ଧି। କେବେ ଏଇ ନକଲି ସଂସ୍କୃତିର କବର ହେବ ? କେବେ ପୁଣି ତାଳ ରାଗ ଛନ୍ଦ ଲୟରେ କ୍ଲାସିକ୍ ଗୀତ ସଂଗୀତ ନୃତ୍ୟର ଆବାହନ ହେବ... ? ଏମିତି କେତେ କଥା, ବ୍ୟଥା, ଅତୀତ ଭାବୁଥିବ ଗୌତମ ଖଣ୍ଡିଆ ବିଡ଼ିଟିଏ ନିଆଁ ଧରାଇ ଦେଇ। ଟହଲ ମାରୁଥିବ ଟାଉନ୍ ହଲ୍ ଆଗରେ। ଦେହରେ ଥିବ ଛିଣ୍ଡା ପଞ୍ଜାବୀ, ଟ୍ରାଉଜର ତ ପାଦରେ ଥିବ ହଳେ ଛିଣ୍ଡା ଚପଲ। ବହୁତ କିଛି କରିବି ବୋଲି ଭାବୁଥିବ ସିନା କିଛି କରିପାରୁ ନଥିବ ଗୌତମ।

ଏମିତି ଏମିତି ବିତିଯାଉଥିବ ବର୍ଷ ପରେ ବର୍ଷ। ନା ସେ ସଂଗଠିତ ହୋଇ ସମସ୍ତଙ୍କୁ ପ୍ରତିରୋଧ କରିପାରୁଥିବ ସେଇ ପାଶ୍ଚାତ୍ୟ ସଂସ୍କୃତିର ଉତ୍ତାଳ ସ୍ରୋତକୁ ନା ନିଜକୁ ସାମିଲ କରିପାରୁଥିବ ସେଇ ସ୍ରୋତରେ। ଏଇ ଅସୁସ୍ଥତାର ମାନସିକତାରେ ସେ ସିଝୁଥିବ ଚକ୍‌ମାକ୍ ହୋଇ ଭାତହାଣ୍ଡିର ଭାତ ଭଳି।

ହଠାତ୍ ଦିନେ ଖବରକାଗଜରେ ପ୍ରକାଶ ପାଇବ ବିଶିଷ୍ଟ ବେହେଲା ବାଦକ ଗୌତମ ନାୟକଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାଜନକ ପୁରସ୍କାର 'ସଂଗୀତ ଶିରୋମଣି' ଉପାଧି ପ୍ରଦାନ କରାଯିବ। ସେଇ ଟାଉନ୍ ହଲ୍‌ରେ ବିରାଟ ସଭା। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସୀନ। ହଜାର ହଜାର ଲୋକାରଣ୍ୟ। ବେହେଲା ବାଦକ ଗୌତମ ନାୟକ ଆଜି ଦିଶୁଥିବ ବେଶ୍ ପ୍ରଫୁଲ୍ଲିତ। ପୁରସ୍କାର, ସମ୍ବର୍ଦ୍ଧନା, ପ୍ରଶଂସାକୁ ଆକଣ୍ଠ ଘୃଣା କରୁଥିବା ବ୍ୟକ୍ତିଟି ଆଜି କେମିତି ମଞ୍ଚ ଉପରେ ପୁରସ୍କାର ଆଶାୟୀ - ଦର୍ଶକେ ଦେଖୁଥିବେ ଆଚମ୍ବିତ ହୋଇ। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିମାନଙ୍କର ଭାଷଣ ଶେଷ ହେବା ପରେ ବେହେଲା ବାଦକ ଗୌତମ

ନାୟକ ବେହେଲାରେ ସୃଷ୍ଟି କରିବ ମାଲ୍‌କୋଷ ରାଗର ଅପୂର୍ବ ମୂର୍ଚ୍ଛନା। ଅଖଣ୍ଡ ନିରବତା ସାରା ପ୍ରେକ୍ଷାଳୟରେ। ଦୀର୍ଘ ଅଧଘଣ୍ଟା ପରେ ବାଦନ ଶେଷ ହେବ। ତାଳି ମାଡ଼ ଆଉ ବାଃ ବାଃ ଧ୍ୱନିରେ ଭରିଯିବ ଦର୍ଶକ ଗ୍ୟାଲେରୀ। ମୁଖ୍ୟମନ୍ତ୍ରୀ ଉଠି ନଗଦଦଶ ହଜାର ଟଙ୍କା, ମାନପତ୍ର ଆଉ ଉପଢ଼ୌକନ ପ୍ରଦାନ କରୁଥିବେ ଗୌତମ ନାୟକଙ୍କୁ।


କିନ୍ତୁ ଏ କ'ଣ ? ହାତରେ ଧରିଥିବା ଛୋଟ ଶିଶିରୁ କ'ଣ ଧଳା ପାନୀୟ ପିଇଦେଇଥିବ ଗୌତମ। ଟଳିଟଳି ମାଇକ୍ ପାଖକୁ ଯାଇ ଭାଙ୍ଗିଦେବ ନିଜର ପ୍ରିୟ ବେହେଲାଟିକୁ ଦୁଇ ଖଣ୍ଡ କରି। କାନ୍ଦି କାନ୍ଦି କହୁଥିବ ଏ ପୁରସ୍କାର, ସମ୍ବର୍ଦ୍ଧନା ପାଇଁ ମୁଁ କୃତଜ୍ଞ। କିନ୍ତୁ ଏ ଦେଶର ଜନତା ଯେମିତି ନିଜସ୍ୱ ସଂସ୍କୃତିକୁ ହତ୍ୟା କରି ଅପରର ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି - ଧିକ୍, ଶତଧିକ୍ ସେମାନଙ୍କୁ। ମୁଁ ଏହାର ପ୍ରତିରୋଧ କରିପାରିଲିନି କି ଦେଖିଦେଖି ସହିପାରିଲିନି। ତେଣୁ ନିଜେ ବିଷ ପାନ କରି ଦୂରେଇ ଗଲି।

ଯଦି ମୁଖ୍ୟମନ୍ତ୍ରୀ ପାରିବେ ଏଇ ଅର୍ଥରେ ଆଉ କିଛି ଅର୍ଥ ମିଶାଇ ନିଜସ୍ୱ ସଂସ୍କୃତିର ପୁନରୁଦ୍ଧାର ପାଇଁ...। ଭଙ୍ଗା ବେହେଲା ଦୁଇଖଣ୍ଡ ତଳେ ପଡ଼ିବା ସଙ୍ଗେ ସଙ୍ଗେ ଗୌତମ ନାୟକର ନିର୍ଜୀବ ଶରୀରଟି ମଞ୍ଚ ଉପରେ ଲୋଟି ପଡୁଥିବ କେଉଁ ନାଟକର କ୍ଲାଇମାକ୍ସ ଦୃଶ୍ୟରେ ନାୟକଟି ଖଳନାୟକର ଆକ୍ରମଣରେ ଧରାଶାୟୀ ହେବା ଭଳି କିମ୍ବା କର୍ଣ୍ଣାର୍ଜ୍ଜୁନ ଯୁଦ୍ଧରେ ଅର୍ଜ୍ଜୁନଙ୍କର ଶରରେ କର୍ଣ୍ଣଭୂପତିତ ହେବା ଭଳି।

***

୧୪୦, ଅଂକୁର ଆପାର୍ଟମେଣ୍ଟ,
୭-ଆଇ.ପି. ଏକ୍ସଟେନ୍‌ସନ୍,
ପଟପରଗଂଜ, ନୂଆଦିଲ୍ଲୀ-୧୧୦୦୯୨
ମୋ. : ୯୮୧୦୭୬୨୯୭୬
ଇ-ମେଲ : kishoreaakash@gmail.com

When it comes to polyester, you can count on Indo Rama



You can count on Indo Rama for unvarying, world class quality
You can count on Indo Rama for just-in-time deliveries
You can count on Indo Rama to customize solutions to your specific needs.
But that's not surprising.
For if you can't count on India's largest dedicated polyester producer,
then, who on earth can you count on!
INDO RAMA
Indo Rama Synthetics (I) Ltd.
20th Floor, DLF Square, DLF Phase-2, NH-8, Gurgaon - 122002, Haryana, India
Tel : 91-124-4997000 Fax : 91-124-4997070
Website : www.indoramaindia.com
Our fibres form the fabric of your life

## Short biography of Fakir Mohan Senapati

The name of Fakir Mohan Senapati shines in the history of Odia literature. Fakir Mohan Senapati was born in Mallikashpur of Balasore in January 1843. His father's name was Lakshman Charan who died of cholera at Bhubaneswar at a very early age. Fakir Mohan's mother Tulasi Dei died a few months after Lakshmana's death. At that time Fakir Mohan was only a year and five months old. His widow grandmother Kuchila Dei looked after him.



Fakir Mohan's uncle Purusottam Senapati was a very jealous person. He did not allow Fakir Mohan to study. Fakir Mohan was a sick boy. He began his early education quite late. He began learning alphabet after the age of nine. He worked in the teacher's house as he could not pay his fees. His desire for knowledge was insatiable. He learnt Parsian. In his childhood he also worked as a labourer in the port at Balasore. There he learnt Bengali and Sanskrit.

Fakir Mohan secretly obtained admission in the Mission School at Barabati of Balasore town. There he studied history, geography and mathematics. He impressed his teachers with his talents. But he discontinued his education there because he became unable to pay only 25 paise per month as the school fees. At home, he had jealous and unkind uncle and aunt. So home was a hell to him. Fakir Mohan learnt English through self-labour. He took the help of a dictionary to read some famous classics such as the Arabian Nights, Robinson Crusoe, the English Bible, Bengal Peasant Life by Lai Behari De. Although he started learning English at the age of 23, his innate brilliance of mind was recognised even by foreigners.

Fakir Mohan became a teacher in the Mission School at Barabati, where he was earlier a student for some months only. As a teacher he was very ideal. He taught geography, history and mathematics. He had mastered this important subject all by himself. Then he became the Headmaster of the Christian Mission School. He wrote text books in Odia on different subjects. At time Odia students were reading text books in Bengali. As a proud Odia, he maintained the prestige of Odisha by writing text books in Odia.

Fakir Mohan Senapati set up a printing press at Balasore. It was the second printing press in Odisha. He published two journals. One was Bodhadayini and the other was Balasore Sambada Bahika. He was the publisher, editor, writer, printer, distributor and the financier, all in one. He then sought the assistance of the famous poets Radhanath Ray and Madhusudan Rao. He wrote the stories for the Bodhadayini.

Fakir Mohan became a dewan (administrator) of Athagarh and later pn at Tekkali in Srikakulum district of Andhra Pradesh. Fakir Mohan saved Odia language from extinction. He happened to teach Odia language to Mr. John Beams who was the District Collector of Balasore at that time. John Beams learnt Odia and commented that it is the chief language of Odisha. Fakir Mohan Senapati wrote many novels such as Chha Maana Aatha Guntha, Marnu, Prayaschita, Lachhama etc. He also wrote many stories such as Patent Medicine, Dhulia Baba, Lachchmania, DakaMunshi, Rebati.etc. He also wrote an autobiography. Fakir Mohan Senapati passed away in 1918. He is considered the father of Odia short story.

***

*With Best Compliments from :*

IATO

RECOGNISED BY GOVERNMENT OF INDIA

ASTA

**LOTUS TRANS TRAVEL PVT. LTD.**

**INDIA HEAD OFFICE :** 6 A & B, Gopala Tower, 25, Rajendra Place, New Delhi-10008 (India)
Tel. : 91-11-25735073, 25718125, 25766559
Fax : 91-11-25751960, 25763281
E-mail : lotus@del3.vsnl.net.in
Website : www.lotustranstravels.com

**TOKYO OFFICE :** 1206, Daichi Katsuragi Building, 2-Chome, 5-23 Takadanobaba
Shinjuku-ku, Tokyo, T169 Japan
Tel. : 03-3207-7042 Fax : 03-3207-7043

# Swabhabkabi Gangadhar Meher



Gangadhar Meher, renowned Odia poet of 19th century also known as Swabhab Kavi, was a literary Midas, who transformed everything into gold by the alchemic touch of his genius. He was a born poet of delicate charm. His was a clean white style. His poem Bhakti (The Devotion) bears eloquent testimony to the change in religious outlook. He was essentially a poet of intuition and side by side he had a penetrating insight. Though poor in wealth and education, he was very rich in mind and culture. In almost all his writings there is a glimpse of originality.

**Childhood**

Gangadhar was born in 1862 on the full moon day of Shravan at Barpali of present day Bargarh district of Odisha. ChaitanyaMeher was working as a village Vaidya (Ayurvedic doctor) besides his family profession of weaving. But as he could not maintain his family with the income of these works, he opened a village school and began to teach a few children. Gangadhar Meher could read up to the Middle Vernacular Standard hurdling over diverse disadvantages, and his excessive desire for reading one day dragged him to the field of writing poems.

As a young boy, he heard the Odia Ramayan composed by Balaram Das and afterwards he himself read it as well as the Odia Mahabharata by Sarala Das. He also read and mastered a great number of Sanskrit books; of which 'Raghubansam', deserve mention. He had proficiency in Hindi and Bengali. TulsiRamayan in Hindi used to be held by him in great respect. He used to read Bengali magazines and newspapers. Gangadhar, in his student life, read Sanskrit.

Gangadhar got himself married at the age of 10. As his father's pecuniary condition was not satisfactory, Gangadhar used to go to school in the morning and help his father in weaving in the afternoon. The poet's weaving was as attractive and beautiful as his poetry. For his clear and beautiful hand writing people used to visit him for writing their documents. The pecuniary condition of the family improved a bit due to his hard labour when to the misfortune of the family, the ancestral house caught fire.

**Career**

The then Zamindar of Barpali, LalNruparaj Singh offered him the post of an Amin (Patwari). Coming to learn of amicable behaviours and good virtues of Gangadhar, the Zamindar promoted him to the post of a Moharir. He continued to serve in the said post and was transferred to Sambalpur, Bijepur and Padmapur and at last transferred to him own native place Barpali on a salary of Rs. 30/- P.M.

The post was very liberal and magnanimous in his social life. During the last age of his life, the poet organized an All Odisha Social Conference of Mehers with a view to uplifting the entire weaver society. Nearly three thousand Mehers from different parts of Odisha assembled in the Conference. The poet put up twelve proposals for the reform of the society and all were passed unanimously.

**Literary career**

Gangadhar started composing poems from a very tender age. His first writings follow the style and technique of the ancient Odia writers. His first Kavya (poetic work) was "Rasa-Ratnakara". Then being persuaded by some friends he changed his ways and wrote poems and kavyas in the modern Odia style. KabibarRadhanath Ray praised his writing very much. Then Gangadhar Meher produced innumerable writings that have no parallel in point of sweet imaginativeness, in beauty and clarity of language, in the novelty of style, in point of forceful character painting and in the lively description of nature from different angels of vision. His writings are like precious jewels in the store room of Utkal Bharati (Odia language).

***

*With Best Compliments from :*

GOEL TRIPATHY & CO.

CHARTERED ACCOUNTANTS

# Freedom movement in Odisha

The Odia leaders are to be credited for their splendid effort of being able to carry on with the nationalistic struggle of Independence along with the struggle for Odia domain at the same time while keeping them separate from each other. By the First World War, anarchical philosophies had taken root in Odisha. In the town of Baleshwar and in the Kaptipada forest areas in Mayurbhanj district, the Bengal territories with the active assistance of Odia inhabitants worked for anti-Government activities in a daring spirit. Hardline leaders like Jatin Mukherji alias Bagha Jatin, Manoranjan Sen gupta, Nirendra Das gupta, Shasanka Sekhar Mukherji, Atal Behari Acharya and Bairagi Tripathy were responsible for carrying on successive operations against the government.

By the end of the first wold war, **Utkalmani Pandit Gopabandhu Das** had taken on the role of promoting the Congress Movement in Odisha along with a group of young patriots .They were responsible for carrying in the spirit of the struggle to the people at large. Among them were men like Harekrushna Mahtab, Gopabandhu Choudhury, Nabakrushna Choudhury, Bagirathi Mahapatra, Jagabandhu Singh, Mukunda Prasad Das, Nityananda Kanungo, Jadumani Mangaraj, Niranjan Patnaik, Dibakar Patnaik, Chandra Sekhar Behera, Nanda Kishore Das, Raj Krushna Bose and others. Pandit Gopabandhu Das was later elected as the President of the Utkal Provincial Congress Committee.

Gandhiji gave on the call for the Non-Co-operation Movement and subsequently toured Odisha in March 1921. There was a huge response to his call from all sections of the people. Though the Mahatma visited a few places only, the message touched the hearts of the rural mass as well as the elite of Odisha. Visit of other nationalistic leaders like C. Rajagopalachari, Motilal Nehru, Subhash Chandra Bose, among others, in 1922, gave a further impetus to the national movement in Odisha.

The struggle was taken to new levels in Western Odisha and Sambalpur by leaders like Laxminarayan Misra, Mahabir Singh, Bhagirathi Patnaik, Ghanashyam Panigrahi, Achyutananda Purohit and others. Leaders like Kastaram Ganda were successful in airing the views of the suppressed agrarian class.The most important feature of freedom struggle in Odisha was the involvement of people downtrodden. In places like Kanika, the movement took the form of agrarian uprising of the peasantry. Unlike the rest of the country where it was basically a movement by the educated middle class, freedom struggle in Odisha rested on a popular base drawing in a large number of economically deprived people.

Gandhi's call for the Civil Disobedience Movement in 1930 aroused the entire nation and Odisha came forward for the most vigorous struggle of independence. Breaking of Salt Law which became the symbolic feature of the disobedience. Odisha's long coastal belt was once a thriving region for salt production. However the Britishers had completely destroyed the industry by enacting special laws. People thus took to breaking of salt law with vigour. At Inchudi in Baleshwar district, Salt Satyagraha under Surendra Natha Das became only second to Gandhi's Satyagraha in Gujarat in importance and impact. Other notable places that attracted government ire for breaking salt law included Kujang in Cuttack district, Kuhudi, Singeshwar and Latra in Puri district; and Huma in Ganjam district (at that time in Madras Presidency) . Smt. Rama Devi, Smt. Malati Choudhury, Acharya Harihar Das, Gopabandhu Choudhury, Atal Bihari Acharya, Govind Misra, Raj Krushna Bose, Smt. Sarala Devi, Smt. Annapurna Devi, Narayan Birabar Samanta, Birakishore Das, Lakshmi Narayan Misra, Smt. Binapani Devi, and Surendra Nath Patnaik, among many others, became the leading spirits of the Civil Disobedience Movement.

Apart from these nationalistic uprisings in Odisha proper, there were revolutions elsewhere in the Princely states or the Garhjat satates. There were five such risings in Bamra, (Bamanda) three in Talcher, one in Mayurbhanj, one in Dhenkanal, and one in Nilagiri, besides a dangerous rising of the Kondha in Dashapalla during the period above mentioned. It is with much brutality, that the respective authorities could manage to restore order in their areas.

**Uprisings in Garhjat Prajamandals**

Odia people residing in the Garhjat areas were leading a life of constant oppression. Popular democratic movement, thus started taking roots in these areas as well. In 1931 the Odisha state's People's Conference was organized at Cuttack and by 1936-37 this organization proceeded to enquire into the people's grievances in the states. The ruling chiefs vehemently opposed such moves and in some of the states, they restored to repressive measures in order to strike terror in the minds of the people, so that they should not speak anything against the establishment. These anti-people measures in turn paved path for organized popular movements, such as the non-violent Satyagraha of the Nilagiri Prajamandal to secure civil liberty for the people, resulting in large scale arrests of the Satyagrahis, lathi charges and firings. In Dhenkanal, in September 1938, the movement took such serious turn that a gathering of forty thousand people, agitating with demands, had to be dispersed with severe police action. It was a people's uprising all over the state, but suppressed by repressive actions .The relentless action of the armed forces forced thousands of people to escape from their homes while countless houses were destroyed. Revolutionaries like Sri Baishnav Charan Patnaik in Dhenekanal, Pabitra Mohan Pradhan in Talcher were responsible for keeping th spirit of independence burning in the hearts of people in their respective princely states.

In other ex-states like Athagarh, Tigiria, Baramba (Badamba), Narasinghapur and Nayagarh, the Prajamandals launched civil resistance movements and offered

Satyagraha to press for the liberation of the people from antiquated feudal systems. A remarkable feature of all these Prajamandal movements was that side by side with their political aspects, the people were moved to action for economic and agrarian reasons. It was the peasantry everywhere which spearheaded the movements. And everywhere the people were dealt with so brutal treatment that led to incalculable loss of life and property. In Ranpur, for example the stayagraha was dealt in with such severity that the British Political agent Major Bazelgette in January 1939 was brutally murdered by the people. This incident was followed by extreme police and military action and a virtual reign of terror in the region that forced thousands of people to escape for life.

The serious nature of the Odisha State People's agitation drew the attention of the Indian leaders, and eminent persons like Rajendra Prasad, C.F. Andrews, Agatha Harrison, N.G. Ranga and Hare Krushna Mehtab set themselves to bring about conciliation between the ruling chiefs and their agitating people. Mahatma Gandhi took up the matter himself. He advised the people to suspend the Satyagraha and advised the authorities to find out ways and means for a constitutional settlement.

**Odisha: From 1942 to 1947**

During the Quit India Movement in August 1942, Odisha shot into prominence with uprisings led by people in the absence of its leaders who had been arrested and put in jail. At many such places, the British administration almost vanished for sometime. It was during this time that the famous massacre of Eram in the district of Baleshwar took place. It was here that the largest number of people died in a single police action as compared to any such action in whole of India. Eram also proved how the revolution in Odisha was an affair of the poor and common people in far-away villages who required no leadership to rise, but possessed a spontaneous will to take part in revolution. Similarly in the district of Koraput, the revolution was carried on under the leadership of Lakshman Nayak. He had taken the revolution to the grass root level and the tribal inhabitants had risen spectacularly in defiance of the British rule. At a place named Maathili several people fell victim to the police firing and Nayak was injured, arrested and subsequently hanged to death.

The end of the World War in 1945, brought in a new government in the Great Britain headed by Sir Richard clement Atlee .He was quick to realize the realities of the Indian situation and decided to liquidate power in the subcontinent. General elections were held to Indian Legislatures in 1946. In Odisha, the Congress Party won 47 seats out of 60 seats and formed its ministry under the leadership of Harekrushna Mahtab. The other ministers of the Mahtab Cabinet were Nabakrushna Choudhury, Pandit Lingaraj Misra, Nityananda Kanungo and Radhakrushna Biswasroy. With the independence in August 1947 the issue of the merger of the states was taken up immediately for which the grounds had long been prepared by the Praja Mandal Movements. The leaders of Odisha and of India could not have allowed the princely chiefs to continue to rule as before. Hare Krushna Mahtab, therefore, took the initiative for the merger of the states without any further delay. The unrest in the ex-state of Nilagiri forced him to intervene and the ex-state was merged with Odisha in November 1947. This alarmed the other rules while it encouraged the people to stand up boldly for their political emancipation. The developing crisis made the central intervention imperative, and Sardar Vallabhabhai Patel came to Odisha in December 1947. His statesmanship and strength bore result when all the princely states, except Mayurbhanj, signed the agreement handing over the administration of their states to the Government of India in perpetuity. The princely states, thus, except Mayurbhanj, were amalgamated with Odisha with effect from 1 st January, 1948. Mayurbhanj, too, was merged with Odisha a year later. However, the two Odia-speaking ex-states of Seraikela and Kharsawan were placed under Bihar in spite of strong resentment from the entire Odia-speaking population.

***

With Best Compliments from :

richa group

Incorporated in 1977, with a single woven garment manufacturing unit in Delhi
the Richa Group today is a multi-product, multi-location company,
on a path of continual progress

Regd. Office :
2/2, W.H.S, Kirti Nagar, New Delhi - 110 015
Phone : 42305500 Fax : 42305549
Website : www.richagroup.com

# Odia Literature

The history of Odia Literature has been mapped by historians along the following stages, Old Odia (900-1300 CE), Early Middle Odia (1300-1500 CE), Middle Odia (1500-1700 CE), Late Middle Odia (1700 CE-1850 CE) and Modern Odia (from 1850 CE till the present). But this rude categorization could not skillfully draw the real picture on account of development and growth of Odia Literature. Here, we split the total periods in different stages such as: Age of Charya Literature, Age of Sarala Das, Age of Panchasakha, Age of Upendra Bhanja, Age of Radhanath, Age of Satyabadi, Age of Marxism or Pragatiyuga, Age of Romanticism or Sabuja Yuga, Post Independent Age.

The beginnings of Odia poetry coincide with the development of Charya Sahitya, the literature thus started by Mahayana Buddhist poets. This literature was written in a specific metaphor named "Sandhya Bhasha" and the poets like Luipa, Kanhupa are from the territory of Odisha.The language of Charya was considered as Prakrita.

The first great poet of Odisha is the famous Sarala Das who wrote the Mahabharata, not an exact translation from the Sanskrit original, but a full-blown independent work. Sarala Mahabharat has 152000 verses compared to 100000 in the Sanskrit version. Among many of his poems and epics, he is best remembered for his Sarala Mahabharata. Chandi Purana and the Vilanka Ramayana are also two of his famous creations. Arjuna Das, a contemporary to Sarala Das, wrote Rama-Bibha, a significant long poem in Odia.

Towards the 16th century, five poets emerged, though there are hundreds year gap in between them. But they are known as Panchashakhas as they believed in the same school of thought, Utkaliya Vaishnavism. The poets are: Balaram Das, Jagannath Das, Achyutanananda Das, Ananta Das and Jasobanta Das. The Panchasakhas are very much Vaishnavas by thought. in 1509, Chaitanya, an Odia devotee of Vishnu whose grandfather Madhukar Mishra had emigrated to Bengal, came to Odisha with his Vaishnava message of love. Before him Jayadeva, one of the foremost composers in Sanskrit, had prepared the ground by heralding the cult of Vaishnavism through his Gita Govinda. Chaitanya's path of devotion was known as Raganuga Bhakti Marga, but the Panchasakhas differed from Chaitanyas and believed in Gyana Mishra Bhakti Marga, which has similarities with the Buddhist philosophy of Charya Literature stated above. At the end of age of Panchasakha, the prominent poets are Dinakrushna Das, Upendra Bhanja and Abhimanyu Samanta Simhar. Verbal jugglery, obscenity and eroticism as the characteristics of Shringara Kavyas, became the trend of this period to which Upendra Bhanja took a leading role. His creations were Baidehisha Bilasa, Koti Brahmanda Sundari, Lavanyabati were proved landmark in Odia Literature. Upendra Bhanja was conferred with the title Kabi Samrat of Odia literature for the aesthetic poetic sense and verbal jugglery proficiency. Dinakrushna Das's Rasokallola and Abhimanyu Samanta Simhara's Bidagdha Chintamani are prominent kavyas of this time.

The first Odia printing typeset was cast in 1836 by the Christian missionaries which heralded a great revolution in Odia literature, instead of palm leaf inscription. The books were being printed and the periodicals and journals were published. The first Odia Magazine of Bodha Dayini was published from Balasore in 1861. The main object of this magazine was to promote Odia literature and to draw attention to the lapses in government policy. The first Odia paper, The Utkal Deepika made its appearance in 1866 under the editorship of late Gouri Sankar Ray with the help of late Bichitrananda. The publication of these papers during the last part of the 19th century encouraged the modern literature and acted as a media to provide a wide readers range for the writers, The educated intellectuals came in contact with the English Literature and got influenced. Radhanath Ray (1849–1908) is the prime figure, who tried to write his poems with the influence of Western Literature. He wrote Chandrabhaga, Nandikeshwari, Usha, Mahajatra, Darbar and Chilika were the long poems or Kavyas. Fakir Mohan Senapati (1843–1918), the prime figure of modern Odia Fiction Prose is the product of that generation. He was considered the Vyasakabi or founder poet of Odia language. Fakir Mohan Senapati is well known for his novel Chha Maana Atha Guntha. It is the first Indian novel to deal with the exploitations of landless peasants by the Feudal Lords. It was written much before the October revolution of Russia or much before the emerging of marxist ideas in India.

With rise of freedom movement, a literary thought emerged with the influence of Gandhiji, and idealistic trend of Nationalism formed as a new trend in Odia Literature. Much respected personality of Odishan culture and history, Utkalmani Gopabandhu Dash (1877–1928) had founded a school at a village Satyabadi near Sakshigopal of Odisha and

an idealistic literary movement influenced the writers of this age. Godabarisha Mohapatra, Kuntala-Kumari Sabat are the other renowned names of this age.

With the emergence of soviet Russia in 1935, Communist party was formed in Odisha and a periodicals named Adhunika was published by the party. Bhagawati Charan Panigrahi and Sachidananda Routray were the founder member and writer/poets of the party. Bhagawati turned to a fiction writer and though Sachidananda Routray (who is more known as "Sachi Routra" or Sachi Babu) has written some of the short stories but was actually remembered for his poems. Influenced by the romantic thoughts of Rabindranath Tagore, during the thirties when the progressive marxian movements were in full flow in Odia Literature, Kalindi Charan Panigrahi, the brother of Bhagabati Charan Panigrahi, the founder of Marxian Trend in Odisha, formed a group during 1920 called Sabuja Samiti. Mayadhar Mansingh was a renowned poet of that time though he was considered as a romantic poet, but he kept the distance away from the influence of Rabindranath Tagore successfully. As the successor of Sachibabu, two poets Guruprasad Mohanty (popularly known as Guru Prasad) (1924–2004) and Bhanuji Rao came with T. S. Eliot and published their co-authored poetry book Nutan Kabita. Later, RamakantaRath modified the ideas. Sitakanta Mohapatra, Soubhagya Kumar Mishra, Rajendra Kishore Panda, Brajanath Rath, Jayanta Mahapatra, Kamalakant Lenka, J. P. Das, Brahmotri Mohanty, Mamata Dash, Amaresh Patnaik, Hrushikesh Mallick, Sunil Kumar Prusty, Sucheta Mishra, AparnaMohanty, Pritidhara Samal, Basudev Sunani, Gajanan Mishra, Bharat Majhi are some poets of this contemporary age. In the Post-Independence era Odia fiction assumed a new direction. The trend which Fakir Mohan had started actually developed more after 1950's. Gopinath Mohanty (1914–1991), Surendra Mohanty and Manoj Das (1934- ) are considered as three jewels of this time. The other significant fiction writers are Chandrasekhar Rath, Shantanu Acharya, Mohapatra Nilamani Sahoo, Rabi Patnaik, Jagadish Mohanty, Kanheilal Das, Satya Mishra, Ramchandra Behera, Padmaja Pal, Yashodhara Mishra and Sarojini Sahoo are few writers whose writings have created a new age in the field of fiction. After 1970, the women wing of Odia writers emerged as a prime voice of feminism. Jayanti Ratha, Susmita Bagchi, Paramita Satpathy, Hiranmayee Mishra, Chirashree Indrasingh, Supriya Panda, Gayatri Saraf, Mamata Chowdhry are few fiction writer in this period. But, among all the women writers Sarojini Sahoo played a significant role for her feministic and sexuality approach in fiction. For feminism she is considered as the Simone de Beauvoir of India, though theoretically she denies the Hegelian theory of "Others" developed by Simone in her The Second Sex. Unlike to Simone, Sarojini claims the women are "Others" from masculine perspective but as a human being, she demands for similar right as Plato recommended.

In the field of drama, the traditional Odia theatre is the folk opera, or Jatra, which flourishes in the rural areas of Odisha. Modern theatre is no longer commercially viable. But in the 1960, experimental theatre made a mark through the works of Manoranjan Das, who pioneered the new theatre movement with his brand of experimentalism. Bijay Mishra, Biswajit Das, Kartik Rath, Ramesh Chandra Panigrahi, Ratnakar Chaini, Ranjit Patnaik continued the tradition.

As a whole, we can say, now days Odia literature is a strong wing of Indian Literature to represent in world forum.

***

*With Best Compliments from :*

**PEARL GLOBAL INDUSTRIES LTD.**

**www.Pearlglobal.com**

PearlGlobal

## ME AND CUCKOO

The day when we depart
Broke into pieces my heart
I gazed at the lonely tree
Standing abandoned in the path, like me...

I was sad in those days
Dreaming of you, my only ray
Slowly the sadness fades away
As a Cuckoo came in my way.
The Cuckoo built a nest near my window
Cuckoo occupied some of my time
And my loneliness began to decline.
I sat beside the widow
With your thoughts near the chest
Thinking about you, my only ray
Dreaming of our meeting day...

Hours passed and the years
But, didn't dry my non-stop tears
But the Cuckoo was no more alone
The nest became a homely clone
Then came the saddest day
When the Cuckoo & her lover flew away
Now the nest was alone
And I was left in my own...

Since that day my sadness increased
And my hope of your arrival decreased
Now the lonely nest laughs at me
Saying "Cuckoo's lover was far better than thee"
"Cuckoo's lover was far better than thee"...

***

*Dr. Seema Shah*

With Best Compliments from :

Jaish Holidays

# GANESH PUJA 19-09-2012
























ORIYA CULTURAL WELFARE ASSOCIATION
WELCOMES YOU FOR
GANESH PUJA




































OFFICE






















sava






Chaturthi Mahotsava



# CHHADKHAI PICNIC 02-12-2012



























# ANNUAL GET-TOGETHER 10-02-2013

















# BLOOD DONATION & HEALTH CAMP 24-02-2013


































Welfare Association (Regd.)
BLOOD DONATION & HEALTH CAMP
Date
Time